# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 61 ଭାଗ ୩୪ | ସଂଖ୍ୟା ୬୧ | Saturday 23 May 2026 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୨୩ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ସାଇପ୍ରସ୍ ସହ ମୋଦିଙ୍କ ଦ୍ୱିପାକ୍ଷିକ ଆଲୋଚନା ପୃଷ୍ଠା ୫

## ଅଂଶୁଘାତରେ ଗଲା ୧୬ ଜୀବନ!

### ସରକାରୀ ତଥ୍ୟରେ ୩ ଜଣଙ୍କ ମୃତ୍ୟୁ



ଗଁଦିଆ ଆର୍‌ଆଇଙ୍କ ଫାଇଲ୍ ଫଟୋ

ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ): ଓଡ଼ିଶାରେ କାଳ ସାଜିଛି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଘାତକ ଆର୍ଦ୍ରତା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ପରିସ୍ଥିତି ଏଭଳି ହୋଇଛି ଯେ ଦିନବେଳା ଲୋକେ ବାହାରକୁ ବାହାରିବାକୁ ବି ଭୟ କରୁଛନ୍ତି। ଏଭଳି ଘନଘଟା ମଧ୍ୟରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଅଂଶୁଘାତ ୧୬ ଜଣଙ୍କ ଜୀବନ ନେଇଥିବା ଭଳି ଖବର ସାମ୍ନାକୁ ଆସିଛି। ଅବଶ୍ୟ ସରକାରୀ ତଥ୍ୟରେ ଏହା ୩ ଜଣ ଭିତରେ ସୀମିତ ରହିଛି। କିନ୍ତୁ ସାରା ରାଜ୍ୟ ଅସହ୍ୟ ଗରମ ଓ ଗୁଳୁଗୁଳିରେ ସନ୍ତୁଳି ହେଉଥିବା ବେଳେ ୧୬ ଜଣଙ୍କର ଅଂଶୁଘାତଜନିତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏଥିମଧ୍ୟରୁ ୩ଟି ମୃତ୍ୟୁ ମାମଲାକୁ ଆଧିକାରିକ ଭାବେ ସ୍ପଷ୍ଟ କରାଯାଇଛି। ତେବେ ଏହି ମୃତକଙ୍କ ମଧ୍ୟରେ ଜଣେ ରାଜସ୍ୱ ନିରୀକ୍ଷକ ବି ସାମିଲ୍ ଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲାର ୪୫ ବର୍ଷୀୟ ଗଁଦିଆ ଆର୍‌ଆଇ ଚୈତନ୍ୟ ଦେହୁରୀ ତାଙ୍କ ଭୁବନ ୱାର୍ଡ ନଂ.୫ସ୍ଥିତ ଭଡ଼ାଘରେ ଥିଲେ ହେଁ ଭୀଷଣ ଖରା ଓ ଗୁଳୁଗୁଳି ଯୋଗୁଁ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ପତ୍ନୀ ତାଙ୍କୁ ବାହାରକୁ ଆଣିଥିଲେ ହେଁ ସେ ହଠାତ୍ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୁଲିସ୍ ଖବର ପାଇ ମୃତ୍ୟୁର ସଠିକ୍ କାରଣ ଜାଣିବା ସକାଶେ ମୃତଦେହର ବ୍ୟବଚ୍ଛେଦ ବ୍ୟବସ୍ଥା କରିଥିଲା।

ଅଭିଯୋଗ ହୋଇଥିବା ୧୬ଟି ମୃତ୍ୟୁ ମଧ୍ୟରୁ ବଲାଙ୍ଗୀର, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲାର ଜଣେ ଲେଖାଏଁ ଲୋକ ରହିଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟ ଆଧାରରେ ୪ଟି ମୃତ୍ୟୁକୁ ଅଂଶୁଘାତଜନିତ ନୁହେଁ ବୋଲି ସ୍ପଷ୍ଟ କରାଯାଇଛି। ସେହିପରି ବାକି ➪ପୃଷ୍ଠା-୬

## ଆକ୍ରମଣାତ୍ମକ ମୋହନ: ଆଉ ଚଳିବନି ପ୍ରିୟାପ୍ରୀତି

- ବନ୍ଦ ହେଲା ମନଇଚ୍ଛା ବଦଳିର ଗଳାବାଟ ଓ ରାଜନୈତିକ ଚାପ
- ବଦଳି ଅର୍ଡରରେ ରହିବ ରିଲିଭିଂ ଓ ଜଏନିଂ ସମୟସୀମା
- ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ ୧୫ ମଧ୍ୟରେ ସାଧାରଣ ବଦଳି
- ଗୋଟିଏ ବ୍ଲକ କି ତହସିଲରେ ୬ ବର୍ଷରୁ ଅଧିକ ରହିପାରିବେନି ଗ୍ରୁପ-ସି’
- ରାଜସ୍ୱ ଜିଲ୍ଲାରେ ୬ ବର୍ଷ ପରେ ଗ୍ରୁପ-ଏ’ ଓ ବି’ କର୍ମଚାରୀଙ୍କ ବଦଳି
- ସମ୍ବେଦନଶୀଳ ପଦରେ ଥିଲେ ନିଜ ଜିଲ୍ଲାକୁ ବଦଳି ମନା
- ସଚିବାଳୟ ଓ ନିର୍ଦ୍ଦେଶାଳୟରେ ୩ ବର୍ଷରୁ ଅଧିକ ରହିପାରିବେନି



ଭୁବନେଶ୍ୱର,୨୨।୫ (ସଂଚାର ବ୍ୟୁରୋ): ରାଜ୍ୟ ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁସଙ୍ଗତ ଓ ଶୃଙ୍ଖଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ପ୍ରଚଳିତ ବଦଳି ନୀତିରେ ସଂଶୋଧନ କରି ଏଥିରେ ଥିବା ଗଳାବାଟକୁ ବନ୍ଦ କରିବା ସହ ରାଜନୀତିକ ଚାପ ହ୍ରାସ ପାଇଁ ମଧ୍ୟ ପଦକ୍ଷେପ ନେଇଛନ୍ତି। ସରକାରୀ କର୍ମଚାରୀଙ୍କ ପାଇଁ ଜାରି ସାମଗ୍ରିକ ବଦଳି ନୀତିକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ଆରଡିସି ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ କର୍ମଚାରୀଙ୍କ ବଦଳି ପାଇଁ ଉଦ୍ଦିଷ୍ଟ ୧୯୬୭ ମସିହାର ବୁକ୍ ସର୍କୁଲାର ନଂ-୪୨ ଓ ବିଭିନ୍ନ ସମୟରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ପ୍ରଶାସନିକ ସ୍ତରରେ ସଠିକ୍ ଭାବେ ଅନୁପାଳନ କରାଯାଉ ନ ଥିବା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ସଂଶୋଧିତ ବଦଳି ନୀତି ଲାଗୁ ହୋଇଛି। ଏହି ସଂଶୋଧିତ ବଦଳି ନୀତିରେ ସରକାର କଠୋର ଆଭିମୁଖ୍ୟ ପୋଷଣ କରି କର୍ମଚାରୀମାନଙ୍କୁ ସେମାନଙ୍କ ବଦଳି ଆଦେଶ ପ୍ରକାଶ ପାଇବା ପରେ ତୁରନ୍ତ ଏହାକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାରର ବିଳମ୍ବ, ଟାଳଟୁଳ ନୀତି ଓ ରାଜନୀତିକ ଚାପ ପ୍ରୟୋଗ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବାକୁ ସରକାର ପଦକ୍ଷେପ ନେଇଛନ୍ତି। ସେଥିପାଇଁ ଏଣିକି ପ୍ରତ୍ୟେକ ବଦଳି ଅର୍ଡରରେ ହିଁ ସମ୍ପୃକ୍ତ କର୍ମଚାରୀଙ୍କ ରିଲିଭିଂ ଓ ନୂଆ ସ୍ଥାନରେ ଜଏନିଂ ସମୟସୀମା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ।

ବଦଳି ଅର୍ଡରରେ କେଉଁ କର୍ମଚାରୀ ବା ଅଧିକାରୀ କାହାକୁ ଦାୟିତ୍ୱ ହସ୍ତାନ୍ତର କରିବେ ତାହା ମଧ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ। ଯଦି କୌଣସି ବିଶେଷ କାରଣରୁ ତାହା ଉଲ୍ଲେଖ ନ ଥିବ, ତା’ହେଲେ ସମ୍ପୃକ୍ତ କର୍ମଚାରୀ ନିଜର ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଅନ୍ୟ ଜଣେ ସମପଦବୀର ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନୂଆ ସ୍ଥାନକୁ ଯିବାକୁ ବାଧ୍ୟ ହେବେ। ଯାହାଫଳରେ ବଦଳିକୁ ଏଡ଼ାଇବାର ସମସ୍ତ ଗଳାବାଟ ବନ୍ଦ ହୋଇଯିବ ବୋଲି ଏହି ସଂଶୋଧିତ ଗାଇଡଲାଇନରେ ଦର୍ଶାଯାଇଛି। ପୂର୍ବରୁ ଅଫିସରମାନେ ବଦଳି ଅଟକାଇବା ପାଇଁ ରାଜନୈତିକ ନେତାଙ୍କ ଦ୍ୱାରା ସରକାରଙ୍କ ଉପରେ ଚାପ ପକାଉଥିଲେ ଓ ରିଲିଭ୍ ହେବାରେ ବିଳମ୍ବ ➪ପୃଷ୍ଠା-୬

### ଜନତାଙ୍କୁ ଡବଲ୍ ଯନ୍ତ୍ରଣା: ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ କାଟ

## ଶକ୍ତି କ୍ଷେତ୍ର ପାଇଁ ଏସମା ଲାଗୁ



- ବିଞ୍ଚଣାରେ ବିଞ୍ଚିଲେ, ରାସ୍ତାକୁ ଓହ୍ଲାଇଲେ ଲୋକେ
- ଓଭରଲୋଡ ଯୋଗୁ ବ୍ରେକ୍‌ଆଉଟ ହେଉଛି: ମନ୍ତ୍ରୀ

ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ): ରାଜ୍ୟରେ ଗତ କିଛି ଦିନ ହେବ ଅସମ୍ଭବ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ତା’ ସାଙ୍ଗକୁ ଲୋକଙ୍କ ଉପରେ ଦାଉ ସାଧୁଛି ଅଘୋଷିତ ବିଦ୍ୟୁତ କାଟ। ଗୋଟିଏ ପଟେ ଅସହ୍ୟ ଗୁଳୁଗୁଳି ଓ ଏହା ସାଙ୍ଗକୁ ବିଦ୍ୟୁତ୍ କାଟ ଯୋଗୁଁ ଜନତା ଭୋଗୁଛନ୍ତି ଡବଲ୍ ଯନ୍ତ୍ରଣା। ଏହା ବିରୋଧରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କେଉଁଠି ଆନ୍ଦୋଳନ ହୋଇଛି ତ କେଉଁଠି ବିଭାଗୀୟ ଅଧିକାରୀଙ୍କ ଖାଲି ଚେୟାରକୁ ବିଞ୍ଚଣାରେ ବିଞ୍ଚି ପ୍ରତିବାଦ ଜାହିର କରିଛନ୍ତି ସ୍ଥାନୀୟ ଲୋକେ। ରାଜ୍ୟରେ ଅଘୋଷିତ ବିଦ୍ୟୁତକାଟ ହେବ ନାହିଁ ବୋଲି ➪ପୃଷ୍ଠା-୬

### ଅଧା ରହିଲା ସିଂହାସନୀ ଦର୍ଶନ

## ଅଟୋକୁ ଘୋଷାଡ଼ି ନେଲା ବସ୍: ୬ ମୃତ




- ୪ ଗୁରୁତର ଏମ୍‌କେସିଜିକୁ ସ୍ଥାନାନ୍ତର
- ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା
- ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ ପ୍ରକାଶ

ବ୍ରହ୍ମପୁର,୨୨।୫(ସଂଚାର ବ୍ୟୁରୋ): ଆଜି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଅଟୋକୁ ଧକ୍କା ଦେଇ ଯାତ୍ରୀବାହୀ ବସ୍ ଘୋଷାଡ଼ି ନେବା ଫଳରେ ୬ ଜଣ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଫଳରେ ସେମାନଙ୍କ ସିଂହାସନୀ ଦର୍ଶନ ଅଧାରେ ରହିଗଲା। ସମସ୍ତ ମୃତାହତମାନେ ଚିକିଟି ବ୍ଲକ୍‌ର ଏରେଣ୍ଡ୍ରା ଗ୍ରାମର ବାସିନ୍ଦା ଓ ସିଂହାସନୀ ପୀଠରେ ଏକ ମୁଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ସମସ୍ତେ ଯାଉଥିବା ସମୟରେ ଏପରି ଅଘଟଣର ଶିକାର ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ, ଓଡି୩୨ଇ ୪୫୩୬ ନମ୍ବରବିଶିଷ୍ଟ ଅଟୋ ଯୋଗେ କେତେକ ଲୋକ ସୋରଳ ରୋଡ୍ ଏରେଣ୍ଡ୍ରାରୁ ସିଂହାସନୀ ପୀଠକୁ ମୁଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଯାଉଥିବା ସମୟରେ ପୁରୁଷୋତ୍ତମପୁର ଥାନା ସିକୁଳା ନିକଟସ୍ଥ ଲଡକାପଲୀଠାରେ ଦୁର୍ଘଟଣାର ➪ପୃଷ୍ଠା-୬

### ନିଟ୍ ପେପର ଲିକ ଘଟଣା

## ବନ୍ଧାହେଲେ ଫିଜିକ୍ସ ଅଧ୍ୟାପକ

ନୂଆଦିଲ୍ଲୀ,୨୨।୫: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ନିଟ୍-ୟୁଜି ଫିଜିକ୍ସ ପେପର ଲିଙ୍କ୍ କାଣ୍ଡରେ ଜଡ଼ିତ ମନିଷା ସଞ୍ଜୟ ହାବଲଦାର ନାମକ ପୁଣେର ଜଣେ ଅଧ୍ୟାପକଙ୍କୁ ଗିରଫ କରିଛି। ପିଟିଆଇ ସୂତ୍ର ଅନୁଯାୟୀ, ପୁଣେର ସେଠ୍ ହୀରାଲାଲ ସରାଫ୍ ପ୍ରଶାଳା କଲେଜରେ ହାବଲଦାର ଫିଜିକ୍ସ ଅଧ୍ୟାପକ ଭାବରେ ଅଧ୍ୟାପନା କରୁଥିଲେ। ତାଙ୍କୁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ପଧରୁ ଜଣେ ଏକ୍ସପର୍ଟ ଭାବରେ ନିୟୋଜିତ କରିଥିଲା। ସେହି କ୍ରମରେ ତାଙ୍କର ଫିଜିକ୍ସର ପ୍ରଶ୍ନପତ୍ର ଉପରେ ଅବାଧ ଅଧିକାର ରହିଥିଲା। ଆଉ ସେ ଏହାର ଅପବ୍ୟବହାର କରି ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ କାଣ୍ଡର ଅନ୍ୟ ଅଭିଯୁକ୍ତ ମନୀଷା ମାନ୍ଧାରେଙ୍କୁ ସେସବୁ ଯୋଗାଇ ଦେଇଥିବା ତଦନ୍ତକାରୀ ସଂସ୍ଥାକୁ ଉଦ୍ଧାର କରି ପିଟିଆଇ କହିଛି।

## ଅଗ୍ନି-୧ର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ,୨୨।୫: ଓଡ଼ିଶାର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷା କେନ୍ଦ୍ର (ଆଇଟିଆର)ରୁ ଶୁକ୍ରବାର ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ ‘ଅଗ୍ନି-୧’ର ସଫଳ ପରୀକ୍ଷା କରାଯାଇଛି। ଏହି ପରୀକ୍ଷା ପରେ ଅଗ୍ନି-୧ ଏହାର ସମସ୍ତ ପ୍ରକ୍ରିୟାଗତ ଓ ବୈଷୟିକ ପାରାମିଟରକୁ ବୈଧ ସାବ୍ୟସ୍ତ ➪ପୃଷ୍ଠା-୬

### ‘ଭାରତ ଶିକ୍ଷା ସମ୍ମିଳନୀ’କୁ କେନ୍ଦ୍ରମନ୍ତ୍ରୀଙ୍କ ସମ୍ବୋଧନ

## ମାତୃଭାଷାରେ ଜ୍ଞାନ ଆହରଣ ଅଧିକ ପ୍ରଭାବଶାଳୀ



ନୂଆଦିଲ୍ଲୀ,୨୨।୫(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ ସରକାର ସ୍କୁଲ ଶିକ୍ଷାରେ ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ, ପୋଷଣ, ଦକ୍ଷତା ବିକାଶ ଏବଂ କ୍ରୀଡ଼ା ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ତେବେ ସାମ୍ପ୍ରତିକ ସମୟରେ ଷ୍ଟେମ (ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଓ ମାଥମେଟିକ୍ସ) ଶିକ୍ଷାରେ ଦେଶର ଝିଅମାନଙ୍କର ବଢୁଥିବା ସହଭାଗିତା ଆଜି ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏକ ପ୍ରମୁଖ ଶକ୍ତି ପାଲଟିଛି ବୋଲି ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶୁକ୍ରବାର ଦୈନିକ ଜାଗରଣ ଗ୍ରୁପ୍ ପକ୍ଷରୁ ଆୟୋଜିତ ଷଷ୍ଠ ‘ଭାରତ ଶିକ୍ଷା ସମ୍ମିଳନୀ’କୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି-୨୦୨୦’ ମାଧ୍ୟମରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଗ ପ୍ରଦାନ କରାଯାଉଛି। ଏହି ନୂତନ ନୀତିରେ ପ୍ରାରମ୍ଭିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯିବା ସହ ଶିଶୁମାନଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରା ଓ ଇନୋଭେସନକୁ ପ୍ରୋତ୍ସାହିତ କରାଯାଉଛି। ମହର୍ଷି ବାଲ୍ମୀକିଙ୍କ ପରମ୍ପରାର ଉଦାହରଣ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମାତୃଭାଷାରେ ଜ୍ଞାନ ଆହରଣ ଅଧିକ ସରଳ, ପ୍ରଭାବଶାଳୀ ଓ ବ୍ୟାପକ ଭାବେ ସମାଜ ପାଖରେ ପହଞ୍ଚିଥାଏ। ଏହି ଦୃଷ୍ଟିକୋଣ ‘ମ୍ୟାକ୍‌ଲେ ମାନସିକତା’ରୁ ବାହାରି ଭାରତୀୟ ଜ୍ଞାନ ପରମ୍ପରାକୁ ପୁନଃପ୍ରତିଷ୍ଠିତ କରିବା ପାଇଁ ବାଟ ଫିଟାଇଛି।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ଆଜିର ଏଆଇ ଯୁଗରେ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ମାଧ୍ୟମରେ ଦକ୍ଷତା-ଭିତ୍ତିକ, ପ୍ରତିଯୋଗିତାମୂଳକ, ବହୁ-ବିଷୟକ ତଥା ସାମଗ୍ରିକ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରାଯାଉଛି। ଏହାଦ୍ୱାରା ଆମର ଯୁବପିଢ଼ି ବୈଶ୍ୱିକ ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରିପାରିବେ। ଆମେ ଶିକ୍ଷା ବ୍ୟବସ୍ଥାକୁ କେବଳ ‘ଡିଗ୍ରୀ ଆଧାରିତ’ ନକରି ‘ଦକ୍ଷତା ଆଧାରିତ’ କରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛୁ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଏହି ସାମଗ୍ରିକ ଦୃଷ୍ଟିକୋଣ ସହିତ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମେ ‘ବିକଶିତ ଭାରତ ୨୦୪୭’ର ଲକ୍ଷ୍ୟ ଆଡକୁ ଦ୍ରୁତ ଗତିରେ ଅଗ୍ରସର ହେଉଛୁ। ଆଜି ‘ବସୁଧୈବ କୁଟୁମ୍ବକମ୍’ ଭାବନା ସହ ଭାରତ ବିଶ୍ୱ ଦରବାରରେ ନିଜର ଭୂମିକାକୁ ଅଧିକ ମଜବୁତ କରୁଛି ଓ ‘ଗ୍ଲୋବାଲ ସାଉଥ୍’ ପ୍ରତି ନିଜର ଦାୟିତ୍ୱ ମଧ୍ୟ ସଫଳତାର ସହ ନିର୍ବାହ କରୁଛି।

### ଦ୍ୱିଶା ହତ୍ୟା ମାମଲା

## ମୁଖ୍ୟ ଅଭିଯୁକ୍ତର ଆତ୍ମସମର୍ପଣ



ନୂଆଦିଲ୍ଲୀ,୨୨।୫: ବହୁଚର୍ଚ୍ଚିତ ମଡେଲ ତ୍ୱିଶା ଶର୍ମା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ତ୍ୱିଶାଙ୍କ ସ୍ୱାମୀ ସମର୍ଥ ସିଂ ଅଦାଲତରେ ଶୁକ୍ରବାର ଆତ୍ମ ସମର୍ପଣ କରିଛନ୍ତି। ଜିଲ୍ଲା ଅଦାଲତରେ ଆତ୍ମ ସମର୍ପଣ ପାଇଁ ଆସିଥିବା ବେଳେ ତାଙ୍କୁ ଜବଲପୁର ପୁଲିସ୍ ଗିରଫ କରି ପୁଲିସ କଷ୍ଟୋଡ଼ିକୁ ନେଇଛି। ସମର୍ଥ ୧୦ ଦିନ ଧରି ଫେରାର ଥିବାବେଳେ ତାଙ୍କର ଆଗୁଆ ଜାମିନ ଆବେଦନକୁ ମଧ୍ୟପ୍ରଦେଶ ହାଇକୋର୍ଟ ନାମଞ୍ଜୁର କରି ଦେଇଥିଲେ। ଅଧିକ ତଦନ୍ତ ଲାଗି ଭୋପାଳ ପୁଲିସ ସମର୍ଥଙ୍କୁ ରିମାଣ୍ଡରେ ନେବାର ସମ୍ଭାବନା ରହିଛି। ଅପରପକ୍ଷରେ, ବାର କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ) ଆଡଭୋକେଟ୍ ସମର୍ଥ ସିଂଙ୍କ ଆଇନ୍ ପ୍ରାକ୍ଟିସକୁ ରଦ୍ଦ କରିବା ଲାଗି ଏକ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଛି। ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ତ୍ୱିଶା ଶର୍ମାଙ୍କର ଦ୍ୱିତୀୟଥର ପୋର୍ଷ୍ଟମର୍ଟମ୍ କରିବା ଲାଗି ହୋଇଥିବା ଆବେଦନକୁ ମଧ୍ୟପ୍ରଦେଶ ହାଇକୋର୍ଟ ଅନୁମୋଦନ କରିଛନ୍ତି।


SIKSHA ‘O’ ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15st Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ନବୀନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ

## ଗାଳି ଦେଉଥିବା ନେତାଙ୍କୁ ମିଳୁଛି ପଦପଦବୀ

- ସଂଗଠନ ପାଇଁ ଲହୁ ଲୁହ ଦେଇଥିବା ନେତାଙ୍କୁ ହତାଦର
- ଇସ୍ତଫା ଦେଲେ ନବନିଯୁକ୍ତ ଯୁଗ୍ମ ସମ୍ପାଦକ
- ଆଗକୁ ଲାଗିପାରେ ଇସ୍ତଫା ଧାଡ଼ି




ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ): ବିଜେଡିରେ ପଦପଦବୀ ବଣ୍ଟନକୁ ନେଇ ଆରମ୍ଭ ହୋଇଛି ଛକାପଞ୍ଝା। ସଂଗଠନ ଯୋଡ଼ିହେବା ନେଇ ଚର୍ଚ୍ଚା ବି ଜୋର ଧରିଛି।

ବିଜେଡିରେ ଦୀର୍ଘ ବର୍ଷ ଧରି ନିରନ୍ତର ଭାବେ କାମ କରୁଥିବା ନେତାଙ୍କୁ ଅଣଦେଖା ସମ୍ପ୍ରସାରଣରେ ମିଳିଥିବା ପଦବୀରେ ଅସନ୍ତୋଷ ପ୍ରକଟ କରି ଦଳର ଯୁଗ୍ମ ସମ୍ପାଦକ ଦିଲ୍ଲୀପ ସେନାପତି ସିଧାସଳଖ ନବୀନଙ୍କୁ ପତ୍ରଲେଖି ନିଜର ଅସନ୍ତୋଷ ପ୍ରକଟ କରିବା ସହ ଦଳ ଛାଡ଼ିଛନ୍ତି। ଆଗକୁ ଏହି ତାଲିକାରେ ଆଉ କିଛି କରାଯାଇ ଆମଦାନୀ ନେତାଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବାରୁ ଦଳ ଭିତରେ ଅସନ୍ତୋଷ ତେଜୁଛି। ବିଶେଷକରି ଯୁବ ସଭାପତି ଚିନ୍ମୟ ମହାପାତ୍ରଙ୍କୁ ନେଇ ଏହି ଅସନ୍ତୋଷ ଦେଖାଦେଇଛି। କଂଗ୍ରେସରେ ଥିବା ସମୟରେ ଯେଉଁ ଚିନ୍ମୟ ମହାପାତ୍ରଙ୍କ ବିରୋଧରେ ବିଜେଡିର ଯୁବ ନେତାମାନେ ଲଢୁଥିଲେ, ଏବେ ତାଙ୍କୁ ନମସ୍କାର କରିବାକୁ ପଡୁଛି। ଗଡଫାଦରଙ୍କ ପାଇଁ ଚିନ୍ମୟଙ୍କୁ ଦଳରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ବିଜେଡି ପାଇଁ ଲହୁ ଲୁହ ଦେଇଥିବା ନେତାଙ୍କୁ ଅଣଦେଖା କରାଯାଉଛି ବୋଲି ସେ ସିଧାସଳଖ ଅଭିଯୋଗ ➪ପୃଷ୍ଠା-୬

## ମା' ରାମଚଣ୍ଡୀ ସେବା ସଙ୍ଗଠନ ତରଫରୁ ରକ୍ତଦାନ ଶିବିର



**ମହାକାଳପଡ଼ା, ୨୨।୫ (ସଂଚାର ବ୍ୟୁରୋ):** ମା ରାମଚଣ୍ଡୀ ସେବା ସଙ୍ଗଠନ ତରଫରୁ ଆଜି ଇଶାଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ କରଞ୍ଜି ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ଯୁବକମାନେ ରକ୍ତଦାନ କରିଥିଲେ। ଖରାଦିନେ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଶିବିରରୁ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମକୁ କିଶୋର ଚନ୍ଦ୍ର ସ୍ୱାଇଁ, ସତ୍ୟମ୍ ମହାପାତ୍ର, ସ୍ୱାଧୀନ ମହାପାତ୍ର, ସୁରେଶ ସ୍ୱାଇଁ ପ୍ରମୁଖ ଆୟୋଜନ କରିଥିବା ବେଳେ ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ, ତୋଫାନ ମଣ୍ଡଳ, ଆଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## +୨ ବିଜ୍ଞାନରେ ୯୨.୫% ରଖିଥିବା ପ୍ରଜ୍ଞାଙ୍କୁ ମାରୁତି ୟୁଥ୍ ସେବା ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା



**ମହାକାଳପଡ଼ା,୨୨।୫ (ସଂଚାର ବ୍ୟୁରୋ):** ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ର ସହିତ କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୯୨.୫% ରଖି ସଫଳତାର ସହ ପାସ୍ ହୋଇ ମହାକାଳପଡା ବ୍ଲକ ତଥା ଦଶମୌଜା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି କୁନିଝିଅ ପ୍ରଜ୍ଞା ପ୍ରିୟଦର୍ଶିନୀ ଲେଙ୍କା। ବଡକୁଳ ପଞ୍ଚାୟତ ଅନ୍ତର୍ଗତ ବଡକୁଳ ଗ୍ରାମର ପ୍ରଶନ୍ନ କୁମାର ଲେଙ୍କା ଓ ରାଜଲକ୍ଷ୍ମୀ ଲେଙ୍କାଙ୍କ ଝିଅ ହେଉଛନ୍ତି ପ୍ରଜ୍ଞା। ସେ ୬୦୦ ରୁ ୫୫୫ ନମ୍ବର ରଖି ସଫଳତା ପାଇଛନ୍ତି। ତାଙ୍କର ଏହି ସଫଳତା ପରେ ମାରୁତି ୟୁଥ ସେବା ଟ୍ରଷ୍ଟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରିୟ, ଚକୋଲେଟ୍ ଦେଇ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ସଭାପତି ଗୋପବନ୍ଧୁ ରାଉତ, ସଂପାଦକ ସୁଧୀର କୁମାର ସ୍ୱାଇଁ, ପବିତ୍ର କୁମାର ଲେଙ୍କା ଓ ଅକ୍ଷୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚାନ୍ଦୋଳ ଅଞ୍ଚଳରେ ବଢୁଛି ଚୋରି, ଡକାୟତି ଓ ରାହାଜାନି

**ଡେରାବିଶ,୨୨।୫(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଫାଣ୍ଡି ଅଞ୍ଚଳ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ଅବନତି ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ମାସ ଧରି ଚୋରି, ଡକାୟତି ଓ ରାହାଜାନୀ ଘଟଣା ବଢୁଥିବା ବେଳେ ଗୁରୁବାର ପ୍ରତ୍ୟୁଷରେ ଦୁଇଜଣ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଲୁଟ୍ ଘଟଣା ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି କରିଛି। ମୁକୁନ୍ଦପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମର ରବିନ୍ଦ୍ର ମହାନ୍ତିଙ୍କ ପତ୍ନୀ ଶୁଭଶ୍ରୀ ମହାନ୍ତି ଡାବଳ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିବା ବେଳେ କେନାଲ ବନ୍ଧ ରାସ୍ତାରେ ଗୋଟିଏ ବାଇକରେ ଆସିଥିବା ତିନିଜଣ ଦୁର୍ବୃତ୍ତ ତାଙ୍କ ବେକରୁ ମଙ୍ଗଳସୂତ୍ର ଛିଣ୍ଡାଇ ନେଇଥିବା ନେଇ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି, ଇନ୍ଦାଲୋ ପଞ୍ଚାୟତ ଦକ୍ଷିଣପାରୀ ଗ୍ରାମର ଶିଶିର କୁମାର ରାଉତରାୟଙ୍କ ପତ୍ନୀ ପ୍ରମୋଦା କୁମାରୀ ଖଣ୍ଡୁଆଳ ପ୍ରାତଃ ଭ୍ରମଣରେ ଯାଇଥିବା ବେଳେ ଏକ ବାଇକରେ ଆସିଥିବା ଦୁର୍ବୃତ୍ତମାନେ ତାଙ୍କ ବେକରୁ ସୁନା ହାର ଛିଣ୍ଡାଇ ନେଇଥିବା ଅଭିଯୋଗ ମଧ୍ୟ ହୋଇଛି। ଉଭୟ ଘଟଣାକୁ ନେଇ ସଦର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ମୁକୁନ୍ଦପୁର ଘଟଣାର ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି।

## +୨ ବିଜ୍ଞାନରେ ୯୫% ମାର୍କ ରଖି ସୂର୍ଯ୍ୟନାରାୟଣଙ୍କ ଅନନ୍ୟ ସଫଳତା

**ପଟ୍ଟାମୁଣ୍ଡାଇ,୨୨।୫(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ ଗ୍ରାମ ପଂଚାୟତ ବାଟିପଡା ଗ୍ରାମର ସୁରେନ୍ଦ୍ର କୁମାର ରାଉତଙ୍କ ନାତି ତଥା ଡିହାପଡା ପଂଚାୟତ ସେକପୁର ଗ୍ରାମର ହେମନ୍ତ କୁମାର ନାୟକଙ୍କ ସୁପୁତ୍ର ଶ୍ରୀମାନ ସୂର୍ଯ୍ୟନାରାୟଣ ନାୟକ (ରାଜା) କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜରୁ +୨ବିଜ୍ଞାନରେ ୫୭୩ ନମ୍ବର (୯୫.୫)ନମ୍ବର ରଖି ଅନନ୍ୟ ସଫଳତା ହାସଲ କରିଛନ୍ତି।ଏହା ପୂର୍ବରୁ ସେ ସାନମୂଳବସନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧବଳେଶ୍ୱର ଶିକ୍ଷାକେନ୍ଦ୍ର ଓ ନିତାଇ ଚୈତନ୍ୟ ହାଇସ୍କୁଲରେ ଅଧ୍ୟୟନ କରୁଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସମସ୍ତ ଗୁରୁଜୀ ଓ ଗୁରୁମା ମାନଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ଏଇ ଅବସରରେ ଧବଳେଶ୍ୱର ଶିକ୍ଷା କେନ୍ଦ୍ର ପରିବାରର ସମସ୍ତ ସଦସ୍ୟସଦସ୍ୟାମାନେ ବଡ଼ ମୂଳ ବସନ୍ତ ପଂଚାୟତର ଅଧିବାସୀ ମାନଙ୍କ ପକ୍ଷରୁ କୃତି ଛାତ୍ର ସୂର୍ଯ୍ୟ ନାରାୟଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରାଯାଇଛି। ସୂର୍ଯ୍ୟନାରାୟଣଙ୍କ ଏହି ବିରଳ ସଫଳତା ଉଭୟ ଡିହାପଡା ଓ ବଡ଼ମୂଳବସନ୍ତ ପଂଚାୟତବାସୀଙ୍କ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି । ଏଥି ପାଇଁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ସମାଜସେବୀ ସଂଗ୍ରାମ ସ୍ୱାଇଁ ଓ ଡିହାପଡା ସରପଞ୍ଚ ଶତ୍ରୁଘ୍ନ ମଲିକ ପ୍ରମୁଖ କୃତି ଛାତ୍ର ସୂର୍ଯ୍ୟନାରାୟଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ବିଦ୍ୟୁତ ଆଘାତରେ ଗାଈର ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୨୨।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୨ନଂ ୱାର୍ଡ ଷଣ୍ଢପଲ୍ଲୀ ଗ୍ରାମର ବିଧବା ମହିଳା ଚନ୍ଦ୍ରକାନ୍ତି ପଣ୍ଡାଙ୍କ ଗାଇ ନିକଟସ୍ଥ ବିଲରେ ଚରୁଥିବାବେଳେ ବିଦ୍ୟୁତ ତାର ଛିଣ୍ଡି ପଡିଥିଲା । ବିଦ୍ୟୁତ ସ୍ପର୍ଶରେ ଗାଇଟି ମୃତ୍ୟୁ ବରଣ କରିଛି । ଗରିବ ବିଧବା ମହିଳା ଚନ୍ଦ୍ରକାନ୍ତି ପଣ୍ଡା ଗାଇ ଚରାଇ ପରିବାର ପ୍ରତିପୋଷଣ କରୁଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

### ମହାକାଳପଡ଼ାରେ ମନରେଗା ଯୋଜନା ଫେଲ୍

# ମଣିଷ ବଦଳରେ ମେସିନ କରୁଛି କାମ

**ମହାକାଳପଡ଼ା, ୨୨।୫ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ରେ ଫେଲ୍ ମାରିଛି ମନରେଗା ଯୋଜନା। ଖୋଦ୍ ଯୋଜନାର ବଡ ବ୍ୟତିକ୍ରମ କରୁଛନ୍ତି ମହାକାଳପଡ଼ା ବ୍ଲକ ପ୍ରଶାସନ। ମଣିଷ ବଦଳରେ ମେସିନ ଲଗାଇ ଲୁଟ ହେଉଛି ସରକାରୀ ଟଙ୍କା। ଯାହା ସରକାରଙ୍କ ପ୍ରକୃତ ଲକ୍ଷ୍ୟକୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କେବଳ ବ୍ଲକ୍ ପ୍ରଶାସନ କାହିଁକି ଦିନ ଦ୍ୱିପହରରେ ବେଧଡକ୍ ବେଆଇନ୍ ଭାବେ ଜେସିବି ଟ୍ରାକ୍ଟର ସାହାଯ୍ୟରେ ମାଟି ପରିବହନ ହେଉଥିବା ବେଳେ ମହାକାଳପଡ଼ା ତହସିଲଦାର ଓ ଖଣି ଅଧିକାରୀ ନିଦାବିଷ୍ଟୁ ପାଲଟିଛନ୍ତି। ଅଭିଯୋଗ ସତ୍ତ୍ୱେ ବି ପ୍ରଶାସନିକ ଅଧିକାରୀ ତତ୍ପରତା ପ୍ରକାଶ ନକରିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅସାଧୁ ବ୍ୟକ୍ତିମାନଙ୍କ ସହିତ ପ୍ରଶାସନ ସାଲିସ୍ କରି ଏମିତି ବେଆଇନ୍ କାର୍ଯ୍ୟକଳାପକୁ ପ୍ରସାରିତ କରୁଛି ବୋଲି ଅଭିଯୋଗ ହୋଇଛି।



**ପ୍ରଶ୍ରୟ ଦେଉଛି ବ୍ଲକ୍ ପ୍ରଶାସନ**

**ସରକାରଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର**

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡକୁଳ ପଞ୍ଚାୟତ ଦହିମାଛ ଗ୍ରାମର ଶନି ମନ୍ଦିର ନିକଟରେ ମନରେଗା ଯୋଜନାରେ ଏକ ପୋଖରୀ ଖନନ ହେଉଛି । ଏଥିପାଇଁ କିନ୍ତୁ ସରକାରୀ ସୂଚନା ଫଳକ ନାହିଁ। ବିନା ସୂଚନା ଫଳକରେ ମଣିଷ ବଦଳରେ ମେସିନ ଦ୍ୱାରା କାମ ହେଉଛି। ଦୁଇଦିନ ଧରି ତହସିଲଦାର ତଥା ମହାକାଳପଡ଼ାର ଭାରପ୍ରାପ୍ତ ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟ ଙ୍କୁ ଅଭିଯୋଗ କରାଯାଉଥିଲେ ମଧ୍ୟ ସେ ନିରବଦ୍ରଷ୍ଟା ସାଜିଛନ୍ତି। ଆଜି ସମାନ ଭାବରେ ଜେସିବି ଟ୍ରାକ୍ଟର ସାହାଯ୍ୟରେ ମାଟି ତାଡ଼ି ନେଉଥିବା ବେଳେ ଗ୍ରାମର କିଛି ସଚେତନ ନାଗରିକ ତହସିଲଦାର ଓ କନିଷ୍ଠ ଖଣି ଅଧିକାରୀ ଙ୍କୁ ଫୋନ୍ କରିଥିଲେ ହେଁ ସେ ଫୋନ୍ ଉଠାଇନଥିଲେ ବୋଲି ଅଭିଯୋଗ ହୋଇଛି। ସ୍ଥାନୀୟ ଏଆରଆଇ ଦୀପକ୍ କୁମାର ଦାସଙ୍କୁ ସେମାନେ ଜଣାଇବା ପରେ ଶ୍ରୀ ଦାସ ଘଟଣା ସ୍ଥଳକୁ ଯାଇ ସରପଞ୍ଚଙ୍କ ସହିତ କଥା ହୋଇଥିଲେ ବୋଲି କହିଛନ୍ତି। ବିନା ଅନୁମତିରେ ମେସିନ୍ ଲଗାଇ ମାଟି ଉଠାଉଥିବା ଗାଡି ଗୁଡିକର କାଗଜପତ୍ର ତହସିଲଦାରଙ୍କୁ ଦାଖଲ ପାଇଁ ସେ ସୂଚନା ଦେଇଥିବା କହିଥିଲେ।

ତେବେ ଏହି ଘଟଣା ଏବେ ମହାକାଳପଡ଼ାରେ ପ୍ରଶାସନର ପାରିବା ପଣିଆକୁ ପଦାରେ ପକାଇଛି। ମୋହନ ସରକାର ବେଆଇନ୍ କାର୍ଯ୍ୟକଳାପକୁ ପ୍ରଶୟ ନଦେବାକୁ ତାଗିଦ କରୁଥିବା ବେଳେ କାହିଁକି ମହାକାଳପଡ଼ା ବିଡ଼ିଓ ନିଦାବିଷ୍ଟୁ ପାଲଟିଛନ୍ତି ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଜିଲ୍ଲାପାଳ ଏହି ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଲୋକେ।

## ବଣବୁଦା ଘେରରେ ମହିଳା ମହାସଂଘ ଗୃହ




**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

**ମହାକାଳପଡ଼ା,୨୨।୫(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବଡ଼କୁଳ ପଞ୍ଚାୟତର ବଡ଼କୁଳ ଗ୍ରାମରେ ନିର୍ମିତ ମହିଳା ମହାସଂଘ ଗୃହ ବର୍ତ୍ତମାନ ଅବହେଳିତ ଅବସ୍ଥାରେ ପଡିରହିଥିବା ଦେଖିବାକୁ ମିଳିଛି। ମହିଳାମାନଙ୍କ ସାମୂହିକ ବୈଠକ, ସ୍ୱୟଂସହାୟକ ଗୋଷ୍ଠୀର କାର୍ଯ୍ୟକ୍ରମ ଓ ସାମାଜିକ କାର୍ଯ୍ୟ ସଂଚାଳନ ପାଇଁ ସରକାରୀ ଅନୁଦାନରେ ନିର୍ମିତ ଏହି ଗୃହଟି ଦୀର୍ଘଦିନ ଧରି ଅବ୍ୟବହୃତ ହୋଇ ରହିଥିବାରୁ ଏହାର ଚାରିପାଖରେ ଜଙ୍ଗଲିଆ ଗଛପତ୍ର ଭରିଯାଇଛି। ଗୃହର ସାମ୍ନା ଅଞ୍ଚଳରେ ଅଧିକ ପରିମାଣରେ ଘାସ ଓ ଜଙ୍ଗଲିଆ ଗଛ ବଢ଼ିଯାଇଥିବାରୁ ମୁଖ୍ୟ ପ୍ରବେଶପଥ ମଧ୍ୟ ଅସ୍ପଷ୍ଟ ହୋଇପଡିଛି। ସଫାସୁତୁରା ଓ ନିୟମିତ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଗୃହଟିର ସୌନ୍ଦର୍ଯ୍ୟ ନଷ୍ଟ ହେଉଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କେତେକ ବର୍ଷ ପୂର୍ବରୁ ଏଠାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ବୈଠକ, ସଚେତନତା କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରଶିକ୍ଷଣ ଶିବିର ହୋଇଆସୁଥିଲା। କିନ୍ତୁ ଧୀରେ ଧୀରେ ଏହାର ବ୍ୟବହାର କମିଯିବା ସହ ପ୍ରଶାସନିକ ଅବହେଳା ଯୋଗୁଁ ଗୃହଟି ଏବେ ପ୍ରାୟ ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଛି।

## କେନାଲ ଖୋଳାରେ ମହାଦୁର୍ନୀତି ଅଭିଯୋଗ

**ପାଣି ପାଉନାହାନ୍ତି ଚାଷୀ, ନିମ୍ନମାନର କାମକୁ ନେଇ ଅସନ୍ତୋଷ**

**ଗରଦପୁର, ୨୨।୫ (ସଂଚାର ବ୍ୟୁରୋ):** ଗରଦପୁର ଅଞ୍ଚଳରେ କେନାଲ ଖୋଳା ଓ କେନାଲ ସଂସ୍କାର କାମକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରତିବର୍ଷ କେନାଲ ଖୋଳା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ମାଟିସ୍ତରରେ କାମର କୌଣସି ପ୍ରଭାବ ଦେଖିବାକୁ ମିଳୁନଥିବା ଅଭିଯୋଗ ହେଉଛି । ବିଶେଷ କରି ଗରଦପୁର ବ୍ଲକ ନିକଟସ୍ଥ ବ୍ରହ୍ମପୁର ଗ୍ରାମର ଚାଷୀମାନେ ଆଜିପର୍ଯ୍ୟନ୍ତ କେନାଲ ପାଣି ପାଇ ପାରୁନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।



ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କେନାଲ ଖୋଳା କାମ କେବଳ ନାମକୁ ମାତ୍ର ହେଉଛି । କେଉଁଠି ଅଧାଅଧୁରା ଖନନ ହେଉଥିବାବେଳେ କେଉଁଠି କେନାଲ ୱାଲ ଓ କେନାଲ ରାସ୍ତା ଅତ୍ୟନ୍ତ ନିମ୍ନମାନର ଭାବେ ନିର୍ମାଣ ହେଉଛି । କାମ ଚାଲିଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ ସୂଚନା ଫଳକ ଲଗାଯାଇନଥିବାରୁ କାମ କିଏ କରୁଛି, କେତେ ଟଙ୍କା ଅଟକଳ ହୋଇଛି ଓ କେଉଁ ବିଭାଗ ତଦାରଖ କରୁଛି ସେନେଇ ସାଧାରଣ ଲୋକ ଅନ୍ଧାରରେ ରହିଛନ୍ତି ।

ଗ୍ରାମବାସୀଙ୍କ ଅଭିଯୋଗ, ବର୍ଷ ବର୍ଷ ଧରି କେନାଲକୁ ପାଣି ଆସୁନଥିବା ସତ୍ତ୍ୱେ ପ୍ରତିବର୍ଷ ଖୋଳା ନାଁରେ ସରକାରୀ ଅର୍ଥ ହରିଲୁଟ କରାଯାଉଛି। ଚାଷୀମାନେ ସେଚନ ସୁବିଧା ନପାଇ ବିଭିନ୍ନ ସମସ୍ୟାରେ ପଡୁଥିବାବେଳେ ଦାୟୀ ଅଧିକାରୀମାନେ ନିରବ ରହିଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଚାଷୀମାନେ ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ କେନାଲ କାମର ଗୁଣବତ୍ତା ଯାଞ୍ଚ କରି ଦୁର୍ନୀତିରେ ସଂପୃକ୍ତ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ମହିଳାଙ୍କ ସଂରକ୍ଷଣ ବିଲ୍‌କୁ ନେଇ କଂଗ୍ରେସର ମଶାଲ ଶୋଭାଯାତ୍ରା




**ନିଶ୍ଚିନ୍ତକୋଇଲି,୨୨।୫(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ନିଶ୍ଚିନ୍ତକୋଇଲି ବଜାର ବ୍ଲକ ଛକ ଠାରୁ ବାହାରି ମୁଖ୍ୟା ବଜାର ଜାଏଁ ପରିକ୍ରମା ହୋଇଥିଲା। ୨୦୨୩ ମସିହାରେ ସଂସଦରେ ପାରିତ ହୋଇଯାଇଥିବା ୩୩% ପ୍ରତିଶତ ମହିଳା ସରକ୍ଷଣ ବିଲ୍‌କୁ ଭାରତୀୟ ଜନତା ପାର୍ଟି ସରକାର କାର୍ଯ୍ୟକାରୀ ନକରିବା ଫଳରେ ଜାତୀୟ କଂଗ୍ରେସ ଦଳ ଏହାକୁ ବିରୋଧ କରିବା ସହିତ ଦାବୀରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟରେ କଟକଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକର୍ମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ମହିଳା ଉପସଭାପତି ତଥା ନିଶ୍ଚିନ୍ତକୋଇଲି ପର୍ଯ୍ୟବେକ୍ଷକ ନଳିନୀ ଉଦ୍ଗାତା ଯୋଗ ଦେଇ ସରକାର ଏହି ବିଲ୍‌କୁ ଯେଉଁଭଳି ଭାବେ ଅବହେଳା କରୁଛନ୍ତି ଏହାକୁ ଘୋର ନିନ୍ଦା କରିଥିଲେ। ଯଦି ଆଗାମୀ ଦିନରେ ସରକାର ଏହାକୁ କାର୍ଯ୍ୟକାରୀ ନକରନ୍ତି ତେବେ ପଞ୍ଚାୟତ ଠାରୁ ଆରମ୍ଭ କରି ରାଜରାସ୍ତାରେ ତୀବ୍ର ବିରୋଧ କରାଯିବ। ଏହି କାର୍ଯ୍ୟକର୍ମରେ ମାହାଙ୍ଗାର କଂଗ୍ରେସ ସଂଗଠକ ଶୈକ ମୌସୁଦ ଅଲି ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜୀବୀ ଦୀପକ ମହାନ୍ତି, କଟକ ଜିଲ୍ଲା ସାଧାରଣ ସମ୍ପାଦକ ସୁକାନ୍ତ ନନ୍ଦଙ୍କ ସମେତ ଯୁବ ମହିଳା କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ବାଲିସାହିରୁ ୮୫ ଲିଟର ଚୋରା ମଦ ଜବତ, ଜଣେ ଗିରଫ



**ମହାକାଳପଡ଼ା,୨୨।୫(ସଂଚାର ବ୍ୟୁରୋ):** ମହାକାଳପଡ଼ା ଥାନା ଅଞ୍ଚଳରେ ଆଜି ଅବକାରୀ ବିଭାଗ ତରଫରୁ ଚୋରା ମଦ କାରବାର ଉପରେ ଚଢାଉ କରାଯାଇ ୮୫ ଲିଟର ଚୋରା ମଦ ଜବତ କରାଯିବା ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ଆଜି ଅପରାହ୍ନ ପ୍ରାୟ ୫ଟା ସମୟରେ ଅବକାରୀ ବିଭାଗ ପକ୍ଷରୁ ଚାଲିଥିବା ଚଢାଉ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅନ୍ତର୍ଗତ ବଳିପାଳ ଗ୍ରାମପଞ୍ଚାୟତର ବାଲିସାହି ଗ୍ରାମରୁ ବିଭିନ୍ନ ବ୍ରାଣ୍ଡର ୮୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ବାଲିସାହି ଗ୍ରାମର ଚିତ୍ତ ରଞ୍ଜନ ଜେନାଙ୍କ ପତ୍ନୀ କୁନିପ୍ରଭା ଜେନା (୫୧) ଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଅଭିଯୁକ୍ତଙ୍କ କବଜାରୁ ଚୋରା ମଦ ଜବତ ହୋଇଛି। ଏହି ସମ୍ପର୍କରେ ମହାକାଳପଡ଼ା ଥାନାରେ ମାମଲା ନଂ ୧୪୮ ରେ ଓଡ଼ିଶା ଅବକାରୀ ଆଇନର ଧାରା ୫୨(କ) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ମହାକାଳପଡ଼ା ଥାନା ଅଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି।

## ଚାଷୀଙ୍କୁ ଦେଲେନି ସରକାରୀ ବିହନ

**ଚୋରାରେ ବିକ୍ରିବେଳେ ଧରିଲେ ସାଧାରଣଲୋକ**

**ସନ୍ଦେହରେ କୃଷକ ସାଥୀ ଓ ବ୍ଲକ୍ କୃଷି ଅଧିକାରୀ**

**ମାର୍ଶାଘାଇ,୨୨।୫ (ସଂଚାର ବ୍ୟୁରୋ):** ଚାଷୀଙ୍କୁ ମାଗଣାରେ ଯୋଗାଇ ଦେବାକୁ ଆସିଥିବା ବିହନକୁ ସଠିକ ଭାବରେ ବଣ୍ଟନ କରାଗଲା ନାହିଁ, ବଳକା ବିହନକୁ ବିକ୍ରିପାଇଁ ଗାଡ଼ିରେ ଯାଉଥିବା ବେଳେ ମାଡ଼ି ବସିଲେ ମାର୍ଶାଘାଇ ଅଂଚଳର ଲୋକ। ମାର୍ଶାଘାଇ ବ୍ଲକ କୃଷିକାର୍ଯ୍ୟାଳୟର ଗୋଦାମରୁ ଏକ ୩ ଚକିଆ ଗାଡ଼ିରେ କିଛି ସାମଗ୍ରୀ ଲୋଡ଼ ହୋଇ




ଯାଉଥିବା ଖବର ପାଇ ମାର୍ଶାଘାଇର ସ୍ଥାନୀୟ ଲୋକମାନେ ଗାଡ଼ିକୁ ପିଛା କରି ଜୁଣଛକ ପରେ ଅଟକାଇ ଥିଲେ । ସେହି ଗାଡ଼ିରେ ଧଣ୍ଡିଚା ଏବଂ ଚିନାବାଦାମ ବିହନ ବସ୍ତା ଲୋଡ଼ ହୋଇଥିବା ଦେଖି ଫଟୋ ଉଠାଇଥିଲେ। ହେଲେ ଗାଡ଼ି ପାଖରେ ଥିବା ଜନୈକ କୃଷକସାଥୀଙ୍କ ସମ୍ପର୍କୀୟ ଉକ୍ତ ସାମଗ୍ରୀ କେନ୍ଦ୍ରାପଡ଼ାକୁ ଯାଉଥିବା ନେଇ କହିଥିଲେ ଏବଂ ଫଳରେ ଲୋକମାନେ ଗାଡ଼ିକୁ ଛାଡି ଦେଇଥିଲେ।

ଏ ସମ୍ପର୍କରେ ମାର୍ଶାଘାଇ ବ୍ଲକ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନଙ୍କ ପ୍ରତିକ୍ରିୟା ନେବାରେ ଏଭଳି ଘଟଣା ସମ୍ପର୍କରେ ସେ ଜାଣି ନାହାନ୍ତି ବୋଲି କହିଛନ୍ତି । ଅଳ୍ପ କିଛି ବାଦାମ ବିହନ ଗୋଦାମରେ ରହି ଖରାପ ହୋଇଥିବାରୁ ଏହାକୁ ଦିଆଯାଇଥିଲା ବୋଲି ସୁପର ଭାଇଜର ରଞ୍ଜନ ଦାସ କହିଛନ୍ତି। ସରକାର ବିହନ ଦେଉଥିଲେ ମଧ୍ୟ ଆମକୁ ଗାଡିଭଡା ମିଳୁନଥିବାରୁ ବିହନ ବିକି ଗାଡିଭଡା ବାବଦକୁ ଟଙ୍କା ଦିଆଯାଉଛି ବୋଲି ଜନୈକ ଗ୍ରାମକୃଷି କର୍ମୀ ନାମ ଗୋପନସର୍ତ୍ତରେ କହିଛନ୍ତି ।

## ଚୋରା ମଦ ଜବତ, ୮ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା,୨୨।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର ଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, ନିକିରେଇ, ରାଜନଗର, ତାଳଚୁଆ ମେରାଇନ ଓ ମାର୍ଶାଘାଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ନାଳଣ୍ଡିଅପାଳନ୍ଦ ଗ୍ରାମର ସୁମିତ୍ରା ବେହେରା (ବୟସ-୩୦)ଙ୍କ ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ ଏବଂ କାଳନ୍ଦୀ ବେହେରା (ବୟସ-୫୫) ଙ୍କ ଠାରୁ ୧୬୦୦ କିଗ୍ରା ର ଗୁଡ ପୋଚ, ଗୋପାଳଜିପଟଣା ଗ୍ରାମର ଗଣେଶ୍ୱର ମଣ୍ଡଳ (ବୟସ-୫୦) ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ଦେବନ୍ଦ୍ରନାରାୟଣପୁର ଗ୍ରାମର ଶାନ୍ତିଲତା ମିର୍ଧା (ବୟସ-୬୦)ଙ୍କ ଠାରୁ ୧୪ ଲିଟର ବିଦେଶୀ ମଦ, ଗଙ୍ଗପଡ଼ା ଗ୍ରାମର ସସ୍ମିତା ପାତ୍ର (ବୟସ -୪୮) ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଇଡିପୁର ଗ୍ରାମର ପ୍ରତାପ ଚନ୍ଦ୍ର ପ୍ରଧାନ (ବୟସ-୪୪) ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ଗୋଗୁଆ ଗ୍ରାମର ଅଲେଖ ପ୍ରଧାନ (ବୟସ-୪୫) ଙ୍କ ଠାରୁ ୧୩ ଲିଟର ବିଦେଶୀ ମଦ ଓ ସନ୍ୟାସପୁର ଗ୍ରାମର ମଧୁସ୍ମିତା ବେହେରାଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାକ୍ଷରୁ ସମୁଦାୟ ୧୭୩୭ ଲିଟର ବିଦେଶୀ, ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୦୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ।

## ସଫେଇ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ଯାଜପୁର ରୋଡ୍,୨୨।୫(ସଂଚାର ବ୍ୟୁରୋ):** ବ୍ୟାସନଗର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘ ପକ୍ଷରୁ ଆଜି ସକାଳ ସମୟରେ ପାଖାପାଖି ୧୦୦ ରୁ ଉର୍ଦ୍ଧ ସଫେଇ କର୍ମଚାରୀ ମାନେ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ସଭାପତି ଶ୍ରୀ ପ୍ରଫୁଲ୍ଲ ନାୟକ'ଙ୍କ ନେତୃତ୍ୱରେ ୮ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନ କିଛି ସମୟ ଧରି ଅନୁଷ୍ଠିତ ହୋଇଥିଲା। ଏହା ଫଳରେ କିଛି ସମୟ ପାଇଁ ପୌର କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅଂଚଳର ଲୋକଙ୍କ ଯାତାୟତ କ୍ଷେତ୍ରରେ ବାଧା ଉପୁଜିଥିଲା।

ତେବେ ସଫେଇ କର୍ମଚାରୀ ସଂଘର ସୁଚନା କ୍ରମେ ଦୀର୍ଘ ଦିନ ଧରି ଏହି ପୌର ପରିଷଦରେ କାମ କରିଆସୁଥିବା ସଫେଇ କର୍ମଚାରୀ ମାନଙ୍କୁ ଗତ ମଇ ମାସ ୧୩ ତାରିଖ ଦିନ କୌଣସି କାରଣ



ନଥାଇ ପାଖାପାଖି ୯୦ ଜଣ ସଫେଇ କର୍ମଚାରୀଙ୍କୁ ଅନ୍ୟାୟ ଭାବେ ଛଟେଇ କରାଯାଇଅଛି ଏବଂ ସେମାନଙ୍କୁ କାମରୁ ବାହାର କରାଯାଇଅଛି। ମ୍ୟୁନିସିପାଲିଟିର ସଫେଇ କର୍ମଚାରୀଙ୍କ ଟେଣ୍ଡର ପ୍ରକ୍ରିୟା ଚାଲିଥିବାବେଳେ ନୋଟିସ୍ ଦିଆନଯାଇ ସେମାନଙ୍କ ଛଟେଇ କରିବା କେତେଦୂର ଆଇନ ସମ୍ମତ ଓ ଯଥାର୍ଥ ତାହାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଛଟେଇ କରାଯାଇଥିବା ୯୦ ଜଣ ସଫେଇ କର୍ମଚାରୀଙ୍କୁ ତୁରନ୍ତ ପୁନଃନିଯୁକ୍ତି ଦିଆଯାଉ ବୋଲି ଦାବି କରାଯାଇଛି।

ସଫେଇ କର୍ମଚାରୀମାନେ ଅର୍ଦ୍ଧକୁଶଳୀରେ ଯାଉଥିବାରୁ ସେମାନଙ୍କୁ ଅର୍ଦ୍ଧକୁଶଳୀର ଦରମା ପ୍ରଦାନ, ଜାତୀୟ ଛୁଟି ଦିବସ ଯଥା ଅଗଷ୍ଟ ୧୫, ଜାନୁୟାରୀ ୨୬, ମେ.ଡ଼େ, ସ୍ୱାୟର୍ତ୍ତଶାସନ ଦିବସ (ଅଗଷ୍ଟ ୩୧) ରେ ସଫେଇ କର୍ମଚାରୀଙ୍କ ଦରମାକୁ ଦ୍ୱିଗୁଣିତ କରାଯାଉ । ସଫେଇ କର୍ମଚାରୀ ମାନେ କାମ କରୁଥିବାବେଳେ ଯେଉଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ପାଇଁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯାଉ । ସମସ୍ତ ସଫେଇ କର୍ମଚାରୀମାନଙ୍କୁ ବାସଗୃହ ଯୋଗାଇ ଦିଆଯାଉ। ଠିକାଦାରଙ୍କ ଘୋଷଣା ଅନୁଯାୟୀ ବର୍ଷାଦିନେ ରେନ୍ କୋର୍ଟ ବାବଦରେ ଆର୍ଥିକ ସହାୟତା ଯୋଗାଇବା ପାଇଁ ଯେଉଁ ନିଷ୍ପତ୍ତି ହୋଇଥିଲା ତାହାକୁ କାର୍ଯ୍ୟକାରୀ କରାଯାଉ । ସମସ୍ତ ସଫେଇ କର୍ମଚାରୀଙ୍କୁ ବର୍ଷରେ ଥରେ ସ୍ୱାୟର୍ତ୍ତ ଶାସନ ଦିବସରେ ବୋନସ୍ ପ୍ରଦାନ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଥିଲା।

## ଚିତ୍ରୀରେ କଂଗ୍ରେସ ସମାବେଶ

**ଯାଜପୁର,୨୨।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲା ଦାନଗଦି ବ୍ଲକ ଚିତ୍ରୀ ଗ୍ରାମ ପଞ୍ଚାୟତରେ କଂଗ୍ରେସ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ



ସମାବେଶରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଂଗ୍ରେସ ସଂଗଠନ କୁ ତୃଣମୂଳ ସ୍ତରରୁ କିପରି ସୁଦୃଢ଼ କରାଯିବ ସେ ବିଷୟ ରେ ଆଲୋକପାତ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ, କର୍ମୀମାନେ ଲୋକଙ୍କ ପାଖକୁ ଯାଅ, ସରକାରଙ୍କ ବିଫଳତାକୁ ଜଣାଅ। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରାର୍ଥୀ ଇଂ ବିଭୂ ଭୂଷଣ ରାଉତ, ନିର୍ବାଚନ ମଣ୍ଡଳୀ ବି ଏଲ ଏ -୧ ମହେନ୍ଦ୍ର କୁମାର ଦାଶ, ଚିତ୍ରୀ ପଞ୍ଚାୟତ ସଭାପତି ରମେଶ ରଣା , ସୁକିନ୍ଦା ବ୍ଲକ କଂଗ୍ରେସ ସଭାପତି ମଦନ ମୋହନ ଖୁଣ୍ଟିଆ, ଦାନଗଦି ବ୍ଲକ କଂଗ୍ରେସ ସଭାପତି ଦୟାନିଧି ପଲେଇ, ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମାଣି, ୮ଜୋନ ପ୍ରାକ୍ତନ ସଭାପତି ଦାମୋଦର ପୁହାଣ, ବ୍ଲକ ମହିଳା ସଭାନେତ୍ରୀ ପ୍ରଭାତୀ ବଳ. ଜିଲ୍ଲା ଉପସଭାପତି ସୁକୁମାର ଦେଓଙ୍କ ସମେତ ଶତାଧିକ ଯୁବକ ଓ ମହିଳା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ଓଡ଼ିଶାରେ ହେବ ସିଆଇଆଇ ପୂର୍ବାଞ୍ଚଳ ପରିଷଦ ସମ୍ମିଳନୀ



ଭୁବନେଶ୍ୱର, ୨୨।୫ (ସଂଚାର ବ୍ୟୁରୋ): ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ସିଆଇଆଇ, ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଅନୀଲ ସିଂ ଓ ଉପାଧ୍ୟକ୍ଷ ମଣିକାନ୍ତ ନାୟକ ସୌଜନ୍ୟମୂଳକ ସାକ୍ଷାତ କରି ଓଡ଼ିଶାରେ ଆଗାମୀ ସିଆଇଆଇ ପୂର୍ବାଞ୍ଚଳ ପରିଷଦର ସମ୍ମିଳନୀ ଆୟୋଜନ ସମ୍ପର୍କରେ ଆଲୋଚନା କରିଛନ୍ତି। ସିଆଇଆଇ ପୂର୍ବାଞ୍ଚଳ ସମ୍ମିଳନୀରେ ଓଡ଼ିଶା ସହ ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡର ପ୍ରତିନିଧିମାନେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାରେ ଏହିସବୁ ରାଜ୍ୟଗୁଡ଼ିକର ସମନ୍ୱିତ ଭୂମିକା, ଓଡ଼ିଶାର ଅଭିବୃଦ୍ଧି ଓ ଭବିଷ୍ୟତର ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତାଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

## ୧.୧୮ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ସୁଯୋଗ

# ଛାତ୍ରଛାତ୍ରୀଙ୍କୁ ମିଳିବ ପ୍ରାକ୍ଟିକାଲ ଏକ୍ସପୋଜର: ମନ୍ତ୍ରୀ

ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ): ୨୦୨୫-୨୬ ଶିକ୍ଷା ବର୍ଷରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୧ ଲକ୍ଷ ୧୮ ହଜାର ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ସୁଯୋଗ ପ୍ରଦାନ କରାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଗାଇଡ୍‌ଲାଇନ ଅନୁଯାୟୀ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଚତୁର୍ଥ ସେମିଷ୍ଟରରେ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ସୁଯୋଗ ପ୍ରଦାନ କରାଯିବାର ପ୍ରାବଧାନ ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ତତ୍ତ୍ୱାବଧାନରେ ଶିକ୍ଷା ବର୍ଷ ୨୦୨୫-୨୬ରେ ଉପରୋକ୍ତ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସରେ ନିୟୋଜିତ କରାଯାଇଛି। ଏହାର ସମୟସୀମା ୬ ସପ୍ତାହ ରହିଛି। ଇଣ୍ଟର୍ନସିପ୍‌ରେ ଛାତ୍ରଛାତ୍ରୀମାନଙ୍କୁ ମେଣ୍ଟରସିପ୍ ପ୍ରଦାନ କରାଯିବ। ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର, ବିତ୍ତୀୟ ଅନୁଷ୍ଠାନ,



ବେସରକାରୀ ଅନୁଷ୍ଠାନ ଓ ଏନଜିଓରେ ଇଣ୍ଟର୍ନସିପ୍ ସୁଯୋଗ ପ୍ରଦାନ କରାଯାଇଛି। ଇଣ୍ଟର୍ନସିପ୍ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ରହିଛି। ଏଥିସହ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ପ୍ରକଳ୍ପ ଉପସ୍ଥାପନ, ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସାପ୍ତାହିକ ରିପୋର୍ଟ ଓ କାର୍ଯ୍ୟଦକ୍ଷତା ଆଧାରରେ ଛାତ୍ରଛାତ୍ରୀଙ୍କୁ କ୍ରେଡିଟ ପ୍ରଦାନ କରାଯିବା ସହ ଏହାକୁ ତାଙ୍କ ଆକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟରେ ମଧ୍ୟ ସ୍ଥାନିତ କରାଯିବ। ଇଣ୍ଟର୍ନସିପ୍ ସରିବା ପରେ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ମଧ୍ୟ ଦିଆଯିବ। ଚଳିତ ବର୍ଷ ସର୍ବାଧିକ ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ, ବଲାଙ୍ଗୀର ଜିଲ୍ଲାର ଛାତ୍ରଛାତ୍ରୀମାନେ ଇଣ୍ଟର୍ନସିପ୍‌ରେ ଯୋଗଦେଇଛନ୍ତି। ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ ସଶକ୍ତିକରଣ, ଉଚ୍ଚଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟର୍ନସିପ୍‌ରେ ନିୟୋଜିତ କରାଯାଇଛି।

ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଗୁଣାତ୍ମକ ଓ ଗବେଷଣାତ୍ମକ ଶିକ୍ଷା ପ୍ରଦାନ ଉପରେ ପ୍ରାଧାନ୍ୟ ଦିଆଯାଉଛି। ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ମାଧ୍ୟମରେ ଛାତ୍ରଛାତ୍ରୀମାନେ ପ୍ରାକ୍ଟିକାଲ ଏକ୍ସପୋଜର ପାଇପାରିବେ। ଏଥିସହ ତୃଣମୂଳ ସ୍ତରରେ ହେଉଥିବା କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ମଧ୍ୟ ସେମାନେ ଅବଗତ ହୋଇପାରିବେ। ଏଥିସହ ଇଣ୍ଟର୍ନସିପ୍ କରିବା ଦ୍ୱାରା ଛାତ୍ରଛାତ୍ରୀ ଭବିଷ୍ୟତରେ ନିଯୁକ୍ତି କ୍ଷେତ୍ରରେ ସହାୟତା ପାଇପାରିବେ।

# ପୋଥି ଓ ପ୍ରାଚୀନ ଗ୍ରନ୍ଥ ସଂରକ୍ଷଣ ସର୍ଭେ ଆରମ୍ଭ

କଟକ,୨୨।୫ (ସଂଚାର ବ୍ୟୁରୋ):କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଚାଲୁଥିବା 'ଜ୍ଞାନ ଭାରତମ୍ ମିଶନ' ମାଧ୍ୟମରେ ଓଡ଼ିଶା ସହ ଦେଶରେ ଗଚ୍ଛିତ ଥିବା ପାଣ୍ଡୁଲିପି, ତାଳପତ୍ର ପୋଥି ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକର ସର୍ଭେ ଓ ଦସ୍ତାବିଜକରଣ କରାଯାଉଛି। ଭାରତର ପୁରାତନ ଜ୍ଞାନ ପରମ୍ପରାକୁ ସଂରକ୍ଷଣ କରିବା ଏହି ମିଶନର ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ରାଜ୍ୟର ପୁରାତନ ଅନୁଷ୍ଠାନ, ମଠ, ମନ୍ଦିର, ପୁସ୍ତକାଳୟ, କାର୍ଯ୍ୟାଳୟ, ଅଭିଲେଖାଗାର ଓ ବ୍ୟକ୍ତିଗତ ସ୍ତରରେ ସଂରକ୍ଷିତ ଥିବା ପାଣ୍ଡୁଲିପି, ତାଳପତ୍ର ପୋଥି ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ମିଶନ ପକ୍ଷରୁ ଆପ୍ ମାଧ୍ୟମରେ ପଞ୍ଜୀକରଣ କରାଯିବ। ପାଣ୍ଡୁଲିପି ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ଡିଜିଟାଇଜେସନ କରାଯିବ। ମୂଳ ପାଣ୍ଡୁଲିପି, ତାଳପତ୍ର ପୋଥି ଓ ଗ୍ରନ୍ଥଗୁଡ଼ିକ ସମ୍ପୃକ୍ତ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କୁ ଫେରାଇ ଦିଆଯିବ। କୌଣସି ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ନିକଟରେ ପାଣ୍ଡୁଲିପି, ତାଳପତ୍ର ପୋଥି କିମ୍ବା ପ୍ରାଚୀନ ଗ୍ରନ୍ଥ ରହିଥିଲେ ସେମାନେ କଟକ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ପଞ୍ଜୀକରଣ କରିବାକୁ ମିଶନ ପକ୍ଷରୁ ଅନୁରୋଧ କରାଯାଇଛି।

# ଶାରୀରିକ ଶିକ୍ଷା ଅଧିକାରୀଙ୍କ ରାଜ୍ୟସ୍ତରୀୟ ଦିଗଦର୍ଶନ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୨୨।୫ (ସଂଚାର ବ୍ୟୁରୋ): ରାଜ୍ୟର ଶାରିରୀକ ଶିକ୍ଷା ଅଧିକାରୀମାନଙ୍କୁ ନେଇ ଏକ ଦୁଇଦିନିଆ ଦିଗଦର୍ଶନ ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ଉଦଘାଟନ କରିବା ସହ ସମସ୍ତ ଅଧିକାରୀମାନଙ୍କୁ ଦିଗଦର୍ଶନ ଦେଇଛନ୍ତି। ସେହିପରି ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୁଗ୍ମ ନିର୍ଦ୍ଦେଶକ ଫୁଲମଣି ମୁର୍ମୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୬ଟି କ୍ରୀଡ଼ା ଯୋଗାସନ, ଟାଇକୋଣ୍ଡୋ, ସଫ୍ଟବଲ୍, ଉଷୁ, ସାଇକେଲିଂ ଓ ସ୍କେଟିଂର ପ୍ରଶିକ୍ଷକ ଯୋଗ ଦେଇଥିଲେ ଓ ଶାରିରିକ ଶିକ୍ଷା ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଷୁର ଅନ୍ତର୍ଜାତୀୟ ପ୍ରଶିକ୍ଷକ ପ୍ରଦ୍ୟୁମ୍ନ ବେହେରା, ସାଇକ୍ଲିଂ ଆସୋସିଏସନ ସମ୍ପାଦକ ପ୍ରସନ୍ନ ରାଉତ, ସ୍କେଟିଂ ସଂଘର ସହସଂଯୋଜକ ପ୍ରଦ୍ୟୁମ୍ନ କିଶୋର ପ୍ରହରାଜ ଓ କୋଚ୍ ନିମିଶ୍ ଶର୍ମା ଉପସ୍ଥିତ ଥିଲେ। ଆଜି ଉଦ୍‌ଯାପିତ ହୋଇଥିବା ଏହି ଦିଗଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶାର ୩୦ଟି ଜିଲ୍ଲାର ଶାରିରୀକ ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରୁ ତାଲିମ୍ ନେବା ପରେ ନିଜ ନିଜ ଜିଲ୍ଲାରେ ଏହାର ପ୍ରଚାରପ୍ରସାର କରିବା ନିମନ୍ତେ ନିର୍ଦ୍ଦେଶକ କର୍କରା ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶାରିରୀକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ପରିଚାଳନ କରିଥିଲେ।

# କେସିଏଫ୍‌ର ମାଗଣା ଓପିଡି ପରାମର୍ଶ ସେବା ଆରମ୍ଭ




ଭୁବନେଶ୍ୱର, ୨୨।୫ (ସଂଚାର ବ୍ୟୁରୋ): କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ (କେସିଏଫ୍) ପକ୍ଷରୁ କ୍ୟାନସର ପୀଡ଼ିତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଗତକାଲି ଫାଉଣ୍ଡେସନର ସୂର୍ଯ୍ୟନଗରସ୍ଥିତ କାର୍ଯ୍ୟାଳୟଠାରେ ଏକ ନୂତନ ପଦକ୍ଷେପ 'ମାଗଣା ଓପିଡି ପରାମର୍ଶ ସେବା'ର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନର ପ୍ରଥମ ଦିନରେ ଆଜି ମୋଟ ୬ ଜଣ ପୀଡ଼ିତଙ୍କୁ ସମ୍ ଅଲ୍ଟିମେଟ ମେଡିକେୟାରର ରେଡିଏସନ ଅନକୋଲୋଜି ବିଭାଗର ମୁଖ୍ୟ ଡାକ୍ତର ଚିରଞ୍ଜନ ଆଢ଼ଙ୍ଗାଙ୍କଠାରୁ ପ୍ରତ୍ୟକ୍ଷ ଭାବେ ପରାମର୍ଶ ଗ୍ରହଣ କରିଛନ୍ତି। ଏହି ମାଗଣା ପରାମର୍ଶ ସେବା ପ୍ରତି ସପ୍ତାହର ଗୁରୁବାର ଜାରି ରହିବ। କ୍ୟାନ୍ସର ପୀଡ଼ିତଙ୍କୁ ଚିକିତ୍ସା ପର୍ଯ୍ୟାୟରେ ଉପଯୁକ୍ତ ମାର୍ଗଦର୍ଶନ ପ୍ରଦାନ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ। ଏହାଛଡ଼ା ଚିକିତ୍ସା ପରବର୍ତ୍ତୀ ପର୍ଯ୍ୟାୟରେ ପୀଡ଼ିତଙ୍କର କିଭଳି ସଠିକ୍ ଯତ୍ନ ଓ ସେବା କରାଯିବ, ସେ ବିଷୟରେ ସହାୟତା କରାଯିବ, ପୀଡ଼ିତ ଓ ସେମାନଙ୍କ ପରିବାରକୁ ଆବଶ୍ୟକ ମାନସିକ ସହାୟତା ଓ ଜରୁରୀ ଔଷଧ ଯୋଗାଇଦେବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଫାଉଣ୍ଡେସନ୍ ସର୍ବଦା ସ୍ୱାସ୍ଥ୍ୟସେବା ମାଧ୍ୟମରେ କ୍ୟାନ୍ସର ସଚେତନତା ସୃଷ୍ଟି କରିବା ସହ ଲୋକଙ୍କ ପାଖରେ ଉତ୍ତମ ଚିକିତ୍ସାର ସୁବିଧା ପହଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି। ଏହି ମାଗଣା ଓପିଡି ସେବା ଆଗାମୀ ଦିନରେ ଅନେକ କ୍ୟାନ୍ସର ପୀଡ଼ିତ ଓ ସେମାନଙ୍କ ପରିବାର ପାଇଁ ଏକ ବଡ଼ ସହାୟତା ପ୍ରମାଣିତ ହେବ ବୋଲି ଆଶା କରାଯାଉଛି। ଅଧିକ ସୂଚନା ପାଇଁ ଫାଉଣ୍ଡେସନର କାର୍ଯ୍ୟାଳୟ ସହ ୭୫୦୪୯୮୬୩୪୨ କିମ୍ବା ୯୭୭୭୨୯୯୪୦୨ରେ ଯୋଗାଯୋଗ କରିବାକୁ କୁହାଯାଇଛି।

## ତ୍ରୈଲୋକ୍ୟ ବିଜେଏମ୍‌ଟିୟୁସିର ଓଡ଼ିଶା ସଭାପତି



ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ): ତ୍ରୈଲୋକ୍ୟ ନାଥ ରାଉତ ଭାରତୀୟ ଜନତା ମଜଦୁର ଟ୍ରେଡ ୟୁନିୟନ କାଉନସିଲ (ବିଜେଏମଟିୟୁସି) ଓଡ଼ିଶା ରାଜ୍ୟ ସଭାପତି ନିଯୁକ୍ତ ହୋଇଛନ୍ତି। ଏ ବିଷୟରେ କାଉନ୍‌ସିଲ୍‌ର ସଭାପତି ବ୍ରଜେଶ ଶର୍ମା ପତ୍ର ଲେଖି ଜଣାଇଛନ୍ତି। ଏଥିସହ ଶ୍ରୀ ରାଉତ ଅସ୍ଥାୟୀ ଭାବେ ରାଜସ୍ଥାନ ଦାୟିତ୍ୱ ସମ୍ଭାଳିବେ। ତାଙ୍କୁ ଦିଆଯାଇଥିବା ଦାୟିତ୍ୱକୁ ସେ ସୂଚାରୁ ଭାବେ ସମ୍ପାଦନ କରିବେ ବୋଲି ଶ୍ରୀ ରାଉତ କହିଛନ୍ତି।

## ସଫଳ ଡ୍ରପ୍ ଆଉଟ୍ ଅନ୍ତେବାସୀଙ୍କୁ ମନ୍ତ୍ରୀଙ୍କ ଶୁଭେଚ୍ଛା

କଟକ, ୨୨।୫ (ସଂଚାର ବ୍ୟୁରୋ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ତୃତୀୟ ସ୍ଥାନରେ ପାସ କରିଥିବା ମୟୂରଭଞ୍ଜର ଶିବମ ବେହେରାଙ୍କୁ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭେଚ୍ଛା ଜଣାଇଛନ୍ତି। ସେ ଫିଲ୍ମ ସୁଟିଂ ଓ ଅଡିଟିଂ ଇଞ୍ଜିନିଅରିଂ ଲାଇନ୍‌ରେ ନିଜର ଭବିଷ୍ୟତ ଗଢ଼ିବେ ବୋଲି ଆଶା ରଖିଛନ୍ତି। ଅତ୍ୟଧିକ ମାଦକ ଦ୍ରବ୍ୟ ବ୍ୟବହାର କରୁଥିବା କାରଣରୁ ତାଙ୍କୁ ଚୌଦ୍ୱାରରେ ଥିବା ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ରରେ ରଖାଯାଇଥିଲା। ସେ ୨ ବର୍ଷ ଡ୍ରପ୍ ଆଉଟ୍ କରିଥିଲେ। ଟ୍ରଷ୍ଟିମୁଖ୍ୟ ଭାରତୀ ଦାସ ଓ କେନ୍ଦ୍ର ଅଧକ୍ଷ ନରୋତ୍ତମ ଦାସ ତାଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି।



# କନ୍ଧମାଳରେ ଯୁବ କଂଗ୍ରେସର ପଦଯାତ୍ରା



ଭୁବନେଶ୍ୱର, ୨୨।୫ (ସଂଚାର ବ୍ୟୁରୋ): ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ସିଜିମାଳି ବିସ୍ଥାପିତ ଓ ପ୍ରଭାବିତମାନଙ୍କୁ ନ୍ୟାୟ ଦେବା ପାଇଁ ଏକ ପଦଯାତ୍ରା ରାୟଗଡ଼ା ଜିଲ୍ଲାର କାଶିପୁର କନ୍ଧମାଳ ଗ୍ରାମରୁ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା। ଏଥିରେ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ ଯୋଗ ଦେଇଥିଲେ। ସେ ବିସ୍ଥାପିତମାନଙ୍କ ସହ ଆଲୋଚନା କରିଥିଲେ। ମାତ୍ର ମୋହନ ସରକାରର ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ଏହି ପଦଯାତ୍ରାକୁ ଆଗକୁ ଯିବାକୁ ଦେଲାନାହିଁ। ପଦଯାତ୍ରା ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଦ୍ ଧରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଇଥିଲା ବୋଲି ଶ୍ରୀ ଚିବ୍ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ ଆଦିବାସୀମାନଙ୍କ ଜମି, ଜଳ ଓ ଜଙ୍ଗଲ ସୁରକ୍ଷା ପାଇଁ ଯୁବ କଂଗ୍ରେସ ଲଢ଼େଇ କରୁଥିଲା। ପରିବେଶ ସୁରକ୍ଷାଠାରୁ ଆରମ୍ଭ କରି ସେ ଅଞ୍ଚଳରେ ବେଆଇନ ଖଣି ଖନନକୁ ଯୁବ କଂଗ୍ରେସ ବିରୋଧ କରୁଥିଲା। ବିନା ଗ୍ରାମ ସଭାରେ ଖଣି ଖନନ କରିବା ଓ ନିରୀହ ଆଦିବାସୀ, ଦଳିତ ଓ ବନବାସୀଙ୍କୁ ତାଙ୍କ ସାତ ପୁରୁଷର ଜାଗାରୁ ହଟାଇ ବକ୍ସାଇଟ୍ ଲୁଟ୍ କରିବା ପାଇଁ ମୋହନ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଆଦିବାସୀ, କିନ୍ତୁ ତାଙ୍କ ଆଚରଣ, ଉଚ୍ଚାରଣ ଓ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଆଦିବାସୀବିରୋଧୀ। ଯେଉଁଭଳି ଭାବେ ଏଠାରେ ପୁଲିସ ଲଗାଇ ଆଦିବାସୀଙ୍କୁ ମରଣାତ୍ମକ ଆକ୍ରମଣ କରାଯାଉଛି, ତାହା ଅସହ୍ୟ। ପ୍ରଶାସନର ବାରଣ ସତ୍ତ୍ୱେ ଯୁବ କଂଗ୍ରେସ ପଦଯାତ୍ରା କରିଥିଲା। ଯୁବ କଂଗ୍ରେସ ଆଦିବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ ପ୍ରଶାସନର ଧମକକୁ ଖାତିର୍ ନ କରି ଦଳ ଆଦିବାସୀଙ୍କ ପାଇଁ ଲଢ଼େଇରେ ଯେତେ ପ୍ରତିବନ୍ଧକ ଆସିଲେ ବି ଲକ୍ଷ୍ୟ ପଥରୁ ହଟିବ ନାହିଁ।

# ହ୍ୟାକ ଟୁ ଦି ଫ୍ୟୁଚର ୩.୦ରେ ଓଡ଼ିଶା ସଂସ୍କରଣ ଆୟୋଜିତ

- ୬୪ ଛାତ୍ରଛାତ୍ରୀ ପ୍ରଦର୍ଶନ କଲେ ଅଭିନବ ପ୍ରକଳ୍ପ
- କୃତ୍ରିମ ବୁଦ୍ଧିମତା ଓ ଗଣନାତ୍ମକ ଚିନ୍ତନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ): ଆଇଆଇଟି ଭୁବନେଶ୍ୱରରେ ଆୟୋଜିତ ଚାରିଦିନିଆ 'ହ୍ୟାକ ଟୁ ଦି ଫ୍ୟୁଚର ୩.୦' କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଛି। ସାମ୍ପ୍ରତିକ ସମୟକୁ ପ୍ରଭାବିତ କରୁଥିବା ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସରକାରୀ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜ ସୃଜନଶୀଳତା ଓ ନବଚିନ୍ତନ ମାଧ୍ୟମରେ ନୂଆ ନୂଆ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି।

ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସହ ମିଳିତ ସହଯୋଗରେ କ୍ୱେଷ୍ଟ ଆଲିଆନ୍ସ ଓ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଏହି ହାକାଥନ କାର୍ଯ୍ୟକ୍ରମ ୪ ଦିନ ଧରି ଆଇଆଇଟି ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଆକାଂକ୍ଷୀ ପାଠ୍ୟକ୍ରମ ଅଧୀନରେ ଥିବା କୌଶଳୀ ପାଠ୍ୟକ୍ରମରେ କୃତ୍ରିମ ବୁଦ୍ଧିମତା (ଏଆଇ) ଓ ଗଣନାତ୍ମକ ଚିନ୍ତନକୁ ଗୁରୁତ୍ୱ ଦେଇ ବିଭିନ୍ନ ଜିଲ୍ଲାରୁ ଛାତ୍ରଛାତ୍ରୀମାନେ ପ୍ରସ୍ତୁତ କରିଥିବା ପ୍ରକଳ୍ପ ମଧ୍ୟରୁ ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକ ହାକାଥନରେ ସାମିଲ ହୋଇଥିଲା। ସମୁଦାୟ ୬୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ବିଷୟ ଉପରେ ଉନ୍ନତ ଓ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରସ୍ତୁତ କରିଥିଲେ।

ପ୍ରଥମ ଦିନରେ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ଇନୋଭେସନ୍ ଓ ସମସ୍ୟା ସମାଧାନଭିତ୍ତିକ ଶିକ୍ଷା ବିଷୟରେ ପ୍ରୟୋଗାତ୍ମକ ଶିକ୍ଷା ଦିଆଯାଇଥିଲା। ନୂଆ ନୂଆ କୌଶଳ ଶିଖିବା ସହ ଦଳୀୟ ଆଲୋଚନା, ମେଣ୍ଟରିଂ ସେସନ୍, ରିସର୍ଚ୍ଚ ଓ ପ୍ରୋଜେକ୍ଟ ଡେଭଲପମେଣ୍ଟ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜର ସୃଜନଶୀଳତାକୁ ଆହୁରି ମଜବୁତ କରିପାରିଥିଲେ। ଦ୍ୱିତୀୟ ଦିନରେ ଛାତ୍ରଛାତ୍ରୀମାନେ ନିଜ ପ୍ରକଳ୍ପ ଗୁଡ଼ିକରେ ଆଉ କ'ଣ ସମସ୍ୟା ରହିଛି ତାହାକୁ ଚିହ୍ନଟ କରି ସମାଧାନ ଉପରେ କାମ କରିଥିଲେ। ଏଥିସହ କୃତ୍ରିମ ବୁଦ୍ଧିମତା ଦ୍ୱାରା ଭବିଷ୍ୟତ ପ୍ରଭାବ, ଡାଟା ବିଶ୍ଳେଷଣ ଓ କେସ୍ ଷ୍ଟଡିଭିତ୍ତିକ ସେସନ୍ ମଧ୍ୟ ଆୟୋଜିତ ହୋଇଥିଲା। ହାକାଥନରେ ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା, ଶିଶୁ ସୁରକ୍ଷା ଓ ସାମାଜିକ ସଚେତନତା ଭଳି ବିଷୟକୁ ଆଧାର କରି ବିଭିନ୍ନ ନବୀନ ପ୍ରକଳ୍ପ ଉପସ୍ଥାପନ କରିଥିଲେ।




# ଦେଶରେ ବଢ଼ୁଛି ଧନୀ-ଗରିବ ତାରତମ୍ୟ: କଂଗ୍ରେସ




ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଭୁଲ ଅର୍ଥନୀତି ପରଚାଳନା ଯୋଗୁଁ ଦେଶର ଅର୍ଥନୀତି ଆଜି ନିମ୍ନଗାମୀ। ଏକ ଭୟଙ୍କର ଅର୍ଥନୈତିକ ବାତ୍ୟା ମାଡ଼ି ଆସୁଛି, ଯାହାକି ଦୀର୍ଘ ବର୍ଷର କଠିନ ପରିଶ୍ରମ ଯୋଗୁଁ ହାସଲ ହୋଇଥିବା ପ୍ରଗତିକୁ ଶେଷ କରିଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘ ୧୨ ବର୍ଷର ଶାସନ କାଳ ଭିତରେ କେବଳ ଦେଶର ଅର୍ଥନୀତିର ବୃହତ ଅଂଶ ଆଦାନୀ ଓ ଅମ୍ବାନୀଙ୍କ ହାତରେ ରହିଯାଇଛି। ଏହାଦ୍ୱାରା ଯୁବପିଢ଼ି, ଗରିବ, ମଧ୍ୟମବର୍ଗ, ଚାଷୀ, ଶ୍ରମିକ ଓ କ୍ଷୁଦ୍ର ବ୍ୟବସାୟୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଓ ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବାଶିଷ ନାୟକ କହିଛନ୍ତି। ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ଯେ ଏହି ଦୀର୍ଘ ୧୨ ବର୍ଷ ଭିତରେ ଧନୀ- ଗରିବ ତାରତମ୍ୟ ଭୟଙ୍କର ଭାବେ ବୃଦ୍ଧି ପାଇଛି। ଦେଶରେ ୪୦ ପ୍ରତିଶତ ଗ୍ରାଜୁଏଟ ଯୁବକଯୁବତୀ ବେକାର। ମୋଦି ସରକାରଙ୍କର ୧୨ ଶାସନ ଭିତରେ ମୁଣ୍ଡ ପିଛା ଋଣର ପରିମାଣ ୧୧ ଗୁଣା ବୃଦ୍ଧି ପାଇଛି। ସ୍ୱାଧୀନତା ପରଠାରୁ ୨୦୧୪ ମେ' ପର୍ଯ୍ୟନ୍ତ ସରକାରଙ୍କ ଋଣ ୫୫ ଲକ୍ଷ କୋଟି ଥିବା ବେଳେ ଗତ ଏପ୍ରିଲ୍ ସୁଦ୍ଧା ଏହା ୨୦୦.୫୩ ଲକ୍ଷ କୋଟିରେ ପହଞ୍ଚିଛି। ଦେଶର ଅତ୍ୟଧିକ ୧ ପ୍ରତିଶତ ଧନୀ ୪୦ ପ୍ରତିଶତ ଜାତୀୟ ସମ୍ପତ୍ତିର ଅଧିକାରୀ ହୋଇଥିବା ବେଳେ ଶେଷ ୫୦ ପ୍ରତିଶତ ଜନସାଧାରଣ ମାତ୍ର ୬ ପ୍ରତିଶତ ଜାତୀୟ ସମ୍ପତ୍ତି ଅଧିକାରୀ। ଗତ ୧୧ ବର୍ଷ ଭିତରେ ଗୌତମ ଆଦାନୀଙ୍କ ସମ୍ପତ୍ତି ହଜାରେ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ୨୦୧୯-୨୦୨୫ରେ ମୁକେଶ ଅମ୍ବାନୀଙ୍କର ଆୟ ୧୫୩ ଗୁଣା ବଢ଼ିଛି। ୯୦ଟି ନିଯୁକ୍ତିଭିତ୍ତିକ ପରୀକ୍ଷା ବାତିଲ ହୋଇଛି ଓ ଗତ ୫ ବର୍ଷ ଭିତରେ ୪ ଥର ମେଡିକାଲ ପରୀକ୍ଷାର ପ୍ରଶ୍ନପତ୍ର ଲିକ ହୋଇଛି। ୯ କୋଟି ଯୁବକଯୁବତୀ ନିଯୁକ୍ତି ନ ପାଇ ହନ୍ତସନ୍ତ ହେଉଛନ୍ତି। ମୋଦି ସରକାର ଜନକଲ୍ୟାଣ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଏହାକୁ ବନ୍ଦ କରିଦେଉଛନ୍ତି। ଦେଶ ଯେଉଁ ସାମ୍ୟବାଦ ରାଷ୍ଟ୍ରର ପରିକଳ୍ପନା କରିଥିଲା ସେଥିରେ ଏକ ବଡ଼ ଭଙ୍ଗା ପଡ଼ିସାରିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ମହିଳା କଂଗ୍ରେସର ଗଣମାଧ୍ୟମ ଅଧ୍ୟକ୍ଷା ଜୟସ୍ମିତ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

# ବାପ-ମା' ଛେଉଣ୍ଡଙ୍କ ପାଇଁ ଆଶା ସୃଷ୍ଟି କଲା 'ଆଶା'



କେନ୍ଦୁଝର,୨୨।୫(ସଂଚାର ବ୍ୟୁରୋ): ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନସ୍ଥ ଦୁଆରଶୁଣି ଗାଁର ବାପ-ମା' ଛେଉଣ୍ଡ ପିଲାଙ୍କ ଅବସ୍ଥା ବିଷୟରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ଉଦ୍ୟମରେ ଖବର ପ୍ରସାରିତ ହେବା ପରେ ବିଭିନ୍ନ ମହଲରୁ ସହଯୋଗର ହାତ ଲମ୍ବିଛି। ଦୁଆରଶୁଣୀ ଗାଁରେ କାହ୍ନୁ ଜୁଆଙ୍ଗର ଘର। ଏକ ଗରିବ ଆଦିବାସୀ ପରିବାର। ପର ଘରେ କାମ କରି ମଜୁରୀ ଆଣିଲେ କାହ୍ନୁ ଘରେ ଚୂଲି ଜଳେ। ଗତବର୍ଷ କାହ୍ନୁ ସ୍ତ୍ରୀଙ୍କର ଦେହାନ୍ତ ହୋଇଗଲା। ମାତ୍ର ନଅ ଦିନ ତଳେ କାହ୍ନୁ ମଧ୍ୟ ତିନି ନାବାଳକ ପିଲାଙ୍କୁ ଛାଡ଼ି ଆରପାରିକୁ ଚାଲିଗଲେ। ତିନି ଭାଇଭଉଣୀ ଏବେ ଅନାଥ। ବଡ଼ ଝିଅର ବୟସ ୭ ବର୍ଷ ହୋଇଥିବା ବେଳେ ସାନ ଝିଅର ବୟସ ମାତ୍ର ତିନି। 'ଆଶା' ତତକ୍ଷଣାତ୍ ଭେଟିଥିଲା ଏ ପିଲାଙ୍କୁ। ନିକଟ ସମ୍ପର୍କୀୟଙ୍କୁ ଅନୁରୋଧ କରିଥିଲା ପିଲାଙ୍କ ଦେଖାଶୁଣା କରିବାକୁ। ଆଶା ଯୋଗାଇ ଦେଇଛି କିଛି ରାସନ୍ ସାମଗ୍ରୀ। ଆଶାର ସ୍ୱେଚ୍ଛାସେବୀ ପ୍ରତିଦିନ ଦୃଷ୍ଟି ରଖିଛନ୍ତି ଏହି ପିଲାଙ୍କ ଉପରେ।

'ଆଶା' ଉଦ୍ୟମରେ ଓ କେତେକ ଦରଦୀଙ୍କ ସହଯୋଗରେ ପିଲାମାନଙ୍କର ଅବସ୍ଥା ସାମାଜିକ ଗଣମାଧ୍ୟମରେ ଏହାକୁ ପ୍ରସାରିତ କରାଗଲା। ଇତିମଧ୍ୟରେ କେନ୍ଦୁଝର ସହରର ଅମ୍ବିକା ମୋବାଇଲର ଏକ ଦଳ ଆସି ପିଲାଙ୍କ ପାଇଁ କିଛି ଖାଦ୍ୟ ଓ ରାସନ୍ ସାମଗ୍ରୀ ଦେଇଯାଇଛନ୍ତି। କେନ୍ଦୁଝର ଫିଲ୍ମ ଏକାଡେମୀର ଏକ ଟିମ୍ ଆସି ରାଶନ ଓ ପୋଷାକ ଆଦି ଦେଇଛନ୍ତି। ଏହାଛଡ଼ା ଛେଉଣ୍ଡ ପିଲାଙ୍କ ପାଠପଢ଼ା, ଚିକିତ୍ସା, ଭଲମନ୍ଦ ଦାୟିତ୍ୱ ବି ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭୁବନେଶ୍ୱର 'ହେଲ୍ପ ଇଣ୍ଡିଆ' ପକ୍ଷରୁ ପିଲାଙ୍କୁ ପୋଷାକ, ଜୋତା, ବ୍ୟାଗ୍ ସହ ୨୧ ହଜାର ଟଙ୍କାର ଏକ ଚେକ୍ ବି ପ୍ରଦାନ କରିଛନ୍ତି।

# ବିଜୁଳି କାଟ୍ ପାଇଁ ଦୁର୍ବଳ ଭିତ୍ତିଭୂମି ଦାୟୀ

ଭୁବନେଶ୍ୱର,୨୨।୫: ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅଘୋଷିତ ବିଜୁଳି କାଟ୍ ଏବେ ଲୋକଙ୍କୁ କଲବଲ କରୁଥିବାବେଳେ ବିଦ୍ୟୁତ୍ ଭିତ୍ତିଭୂମି ବିଶେଷକରି ପୁରୁଣା ବିଦ୍ୟୁତ୍ ତାର ଓ ଟ୍ରାନଫର୍ମର ନିୟମିତ ବ୍ୟବଧାନରେ ବଦଳାଯାଉନଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ବିଜୁଳି କାଟ୍‌କୁ ନେଇ ଲୋକେ ରାସ୍ତାକୁ ଓହ୍ଲାଇବାରେ ଲାଗିଛନ୍ତି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଲୋକେ ସନ୍ତୁଳି ହେଉଥିବାବେଳେ ବିଦ୍ୟୁତ୍ କାଟ୍ ସେମାନଙ୍କ ଯନ୍ତ୍ରଣାକୁ ବହୁଗୁଣିତ କରିଦେଇଛି। ତେଣୁ ଲୋକେ ବିଦ୍ୟୁତ୍ ଅଫିସ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ଉପରେ ନିଜର ରାଗ ଶୁଝାଉଛନ୍ତି। କେଉଁଠି ଶାଢ଼ୀ ପିନ୍ଧି ପ୍ରତିବାଦ କରୁଛନ୍ତି ତ ଆଉ କେଉଁଠି ବିଜୁଳି ବିଭାଗର ଦପ୍ତରରେ ତାଲା ପକାଇଲେଣି।



ତେବେ ଏତେସବୁ ପାଇଁ ଦୁର୍ବଳ ଭିତ୍ତିଭୂମି ଦାୟୀ ବୋଲି ଶକ୍ତି ସମୀକ୍ଷକମାନେ ମତ ଦେଉଛନ୍ତି। ସେମାନଙ୍କର କହିବାକଥା ହେଲା ଯେ ଏଲ୍‌ଟି ଲାଇନ୍ ସହ ୧୧ କେ.ଭି ଲାଇନ୍ ତାରଗୁଡ଼ିକୁ କର୍ତ୍ତୃପକ୍ଷ ନିୟମିତ ବ୍ୟବଧାନରେ ପରିବର୍ତ୍ତନ କରୁନାହାନ୍ତି। ସେହିଭଳି ଅବସ୍ଥା ଟ୍ରାନ୍ସଫର୍ମରଗୁଡ଼ିକର। ଉଭୟ ବିଦ୍ୟୁତ୍ ତାର ଓ ଟ୍ରାନ୍ସଫର୍ମରଗୁଡ଼ିକର ଜୀବନକାଳ ୨୫ବର୍ଷ ହୋଇଥିବାବେଳେ ଏଗୁଡ଼ିକୁ କିନ୍ତୁ ନିୟମିତ ବ୍ୟବଧାନରେ ବଦଳାଯାଉ ନାହିଁ କିମ୍ବା ବଦଳାଇବା ପାଇଁ ସେଭଳି କୌଣସି ଯୋଜନାବଦ୍ଧ ପଦକ୍ଷେପ ନିଆଯାଉନାହିଁ। ଏଥିପାଇଁ ବିପୁଳ ଅର୍ଥର ଆବଶ୍ୟକତା ଥିବା ବେଳେ ସେ ଦିଗରେ ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

ତେବେ ରାଜ୍ୟରେ ବିଦ୍ୟୁତ୍ ବ୍ୟବସ୍ଥାର ସୁଧାର ପାଇଁ କେନ୍ଦ୍ରୀୟ ସହାୟରେ ରାଜ୍ୟରେ କାପେକ୍ସ ଯୋଜନା କାର୍ଯ୍ୟକାରୀ ହୋଇଥିବାବେଳେ ଏଥିରେ ପ୍ରାୟ ୧୨୦୦ କୋଟି ଟଙ୍କା ବ୍ୟୟ ହୋଇଥିଲା। ଏହି ଅର୍ଥରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ତାର ବଦଳାଯିବା ସହିତ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ହୋଇଥିବା ଦର୍ଶାଯାଇଥିଲା। ତେବେ ଏତେ ସବୁ ସତ୍ତ୍ୱେ ଖରାଦିନରେ ଚାପ ବଢ଼ିବାମାତ୍ରେ ବିଭିନ୍ନ ସ୍ଥାନରେ ବିଜୁଳି ବିଭ୍ରାଟ ପରିଲକ୍ଷିତ ହୋଇଛି। ଅବସ୍ଥା ଏଭଳି ହୋଇଛି ଯେ ସ୍ଥାନୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷ ନିଜର ଅସହାୟତା ପ୍ରକାଶ କରୁଛନ୍ତି।

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବରୁ ସତର୍କ ସୂଚନା ଜାରି କରିଥିବାବେଳେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ କାହିଁକି ଏଥିପାଇଁ ନିଜକୁ ପ୍ରସ୍ତୁତ କରୁନାହାନ୍ତି ବୋଲି ଶକ୍ତି ସମୀକ୍ଷକମାନେ ପ୍ରଶ୍ନ କରୁଛନ୍ତି। କେବଳ ବଛା ବଛା କିଛି ସହରାଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରୁଥିବା ବେଳେ ଗାଁ ଗହଳ ପ୍ରତି ଯେଭଳି ଦୃଷ୍ଟି ଦିଆଯିବା କଥା ତାହା ହେଉନାହିଁ। ଫଳରେ ରାଜ୍ୟରେ ତାତି ବଢ଼ିବା ସହିତ ଗାଁଗହଳରେ ଏବେ ବିଜୁଳି କାଟ୍‌କୁ ନେଇ ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଚଳିତବର୍ଷ ଗାଁଗହଳରେ ପାନୀୟଜଳ ସଙ୍କଟକୁ ନେଇ ଯେତିକି ଅଭିଯୋଗ ଆସୁଛି, ତାହାଠାରୁ ଢେର ଅଭିଯୋଗ ବିଜୁଳି କାଟ୍‌କୁ ନେଇ ଆସିବାରେ ଲାଗିଛି।

ବିତରଣ କମ୍ପାନୀ ଠିକଣା ସମୟରେ ବିଜୁଳି ବିଲ୍ ଆଦାୟ କରୁଥିବା ବେଳେ ଖରାଦିନରେ ଅଧିକ ବ୍ୟବହାର ପାଇଁ ଗ୍ରାହକମାନେ ଅଧିକ ଅର୍ଥ ଗଣୁଛନ୍ତି। ଏହି ସମୟରେ ବିତରଣ କମ୍ପାନୀର ଆୟ ବଢ଼ୁଥିବା ବେଳେ ଭିତ୍ତିଭୂମି ସୁଦୃଢ଼ କରୁନଥିବାରୁ ଏବେ ସାରା ରାଜ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଓଡ଼ିଶା ବିଦ୍ୟୁତ୍ ନିୟାମକ କର୍ତ୍ତୃପକ୍ଷ ମଧ୍ୟ ଏ ଦିଗରେ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେବାରେ ଲାଗିଛି। (ତଥ୍ୟ)

## ଯୁକ୍ତ ଦୁଇ ବିଜ୍ଞାନରେ ସ୍ୱାତୀ ଶତରୂପା ପ୍ରଥମ



ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ): ଭୁବନେଶ୍ୱର ବିଜେବି କଲେଜରେ ପ୍ରକାଶ ପାଇଥିବା ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ବିଜେବି କଲେଜର ସ୍ୱାତୀଶତରୂପା ବଳ ମୋଟ ୬୦୦ ମାର୍କରୁ ୫୭୨ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ୱାତୀ ଶତରୂପା ଭୁବନେଶ୍ୱରରେ ତାଙ୍କ ପିତାମାତାଙ୍କ ସହ ରହୁଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅନ୍ତର୍ଗତ ଗଭାଡ଼ିଆ ଅରେଇକଣା ଅଞ୍ଚଳର ମୂଳବାସିନ୍ଦା। କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ସ୍ୱାତୀ ଗୌରବ ଆଣିଥିବାରୁ ଏହାକୁ ନେଇ ଆଳି ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ସ୍ୱାତୀଙ୍କ ପିତା ବିମଳ ବଳ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ଜଣେ ବରିଷ୍ଠ କର୍ମଚାରୀ ଓ ମାତା ଲଳିତା ଚାନ୍ଦ ଜଣେ ଗୃହିଣୀ। ସ୍ୱାତୀଶତରୂପା ତାଙ୍କର ଏହି ସଫଳତା ପାଇଁ ପ୍ରଥମେ ପିତା, ମାତା, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଭଗବାନଙ୍କୁ ଶ୍ରେୟ ଦେବା ସହ କୃତଜ୍ଞତା ଜଣାଇଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର




# କ୍ରିମି ଲେୟାର ସଂରକ୍ଷଣ ବିତର୍କ

ଭାରତୀୟ ସମାଜରେ ସଂରକ୍ଷଣ ନୀତି ଏକ ଦୀର୍ଘକାଳୀନ ବିବାଦର ବିଷୟ ହୋଇ ରହିଛି। ସ୍ୱାଧୀନତା ପରେ ସାମାଜିକ ନ୍ୟାୟ ଓ ସମାନତାର ଲକ୍ଷ୍ୟ ନେଇ ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ଜନଜାତି ପାଇଁ ସଂରକ୍ଷଣ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଥିଲା। କିନ୍ତୁ ସମୟ ସହିତ ଏହି ନୀତିର କିଛି ସୀମାବଦ୍ଧତା ସ୍ପଷ୍ଟ ହୋଇଛି। ବିଶେଷ କରି ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ରେ କ୍ରିମି ଲେୟାର ଧାରଣା ପ୍ରବର୍ତ୍ତନ ହୋଇଥିଲେ ମଧ୍ୟ, ତାହାର ପୂର୍ଣ୍ଣ ଓ ସଠିକ କାର୍ଯ୍ୟକାରିତା ଆଜି ମଧ୍ୟ ପ୍ରଶ୍ନବାଚୀ ହୋଇ ରହିଛି। ପ୍ରଶ୍ନ ଉଠୁଛି କ୍ରିମି ଲେୟାର ପାଇଁ ଏକ ସ୍ପଷ୍ଟ, କଠୋର ଓ ସମୟୋପଯୋଗୀ ନୀତି ନିଷ୍ପତ୍ତି ଆମେ ଆଜି ଆବଶ୍ୟକ କରୁଛୁ କି?

୧୯୯୩ ମସିହାରେ ସୁପ୍ରିମକୋର୍ଟଙ୍କ ଇନ୍ଦ୍ରା ସଓ୍ୱହନୀ ରାୟଜାଦା ମାମଲାରେ କ୍ରିମି ଲେୟାର ଧାରଣା ପ୍ରଥମ ଥର ପାଇଁ ସ୍ପଷ୍ଟ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଯେ, ଯେଉଁ ପରିବାର ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଉନ୍ନତ ହୋଇଛନ୍ତି, ସେମାନେ ସଂରକ୍ଷଣର ଲାଭ ନପାଉନ୍ତୁ। ସରକାରୀ ଚାକିରି, ଉଚ୍ଚ ପଦବୀ, ବ୍ୟବସାୟ ଓ ସମ୍ପତ୍ତିର ଆଧାରରେ ଏହି ବର୍ଗକୁ ବାଦ ଦିଆଯାଏ। କିନ୍ତୁ ବାସ୍ତବରେ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ଦୁର୍ବଳ ହୋଇଛି। ଅନେକ ଧନୀ ଓ ପ୍ରଭାବଶାଳୀ ପରିବାର ଏହି ସଂରକ୍ଷଣର ଲାଭ ଉଠାଉଛନ୍ତି ଯାହା ପ୍ରକୃତ ପଛୁଆ ବ୍ୟକ୍ତିଙ୍କ ଅଧିକାରକୁ ଛଳନା କରୁଛି।



ଏକ ସ୍ପଷ୍ଟ ନୀତି ନିଷ୍ପତ୍ତିର ଆବଶ୍ୟକତା ଏଥିରୁ ସ୍ପଷ୍ଟ ହୁଏ। ପ୍ରଥମତଃ, ସଂରକ୍ଷଣର ମୂଳ ଉଦ୍ଦେଶ୍ୟ ହେଉଛି ସାମାଜିକ ଓ ଶିକ୍ଷାଗତ ପଛୁଆପଣ ଦୂର କରିବା। ଯଦି କ୍ରିମି ଲେୟାର ବ୍ୟକ୍ତିମାନେ ଏହାର ଲାଭ ପାଆନ୍ତି, ତେବେ ସତ୍ୟ ପଛୁଆ ଯୁବକ-ଯୁବତୀମାନେ ଶିକ୍ଷା ଓ ଚାକିରିରୁ ବଞ୍ଚିତ ହୁଅନ୍ତି। ଏହା ସମାଜରେ ଅସନ୍ତୋଷ ଓ ଅନ୍ୟାୟର ଭାବନା ବଢ଼ାଏ। ଦ୍ୱିତୀୟତଃ, ଆର୍ଥିକ ମାନଦଣ୍ଡକୁ ଆଧୁନିକ କରିବା ଆବଶ୍ୟକ। ବର୍ତ୍ତମାନର ଆୟ ସୀମା (ପ୍ରାୟ ୮ ଲକ୍ଷ ଟଙ୍କା ବାର୍ଷିକ) ବହୁତ ପୁରୁଣା ଓ ଅପର୍ଯ୍ୟାପ୍ତ। ମୂଲ୍ୟବୃଦ୍ଧି, ସମ୍ପତ୍ତି ଓ ଜୀବନଯାପନ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଏହି ସୀମା ବୃଦ୍ଧି କରାଯିବା ଉଚିତ। ତୃତୀୟତଃ, ପରିବାର ଓ ବ୍ୟକ୍ତିଗତ ସ୍ତରରେ ଡାଟା ଯାଞ୍ଚ ବ୍ୟବସ୍ଥା ମଜବୁତ କରାଯିବା ଦରକାର। ଆଧାର, ଆୟକର ରିଟର୍ଣ୍ଣ ଓ ସମ୍ପତ୍ତି ବିବରଣୀର ଡିଜିଟାଲ୍ ସଂଯୋଗ କରି ପାରଦର୍ଶିତା ଆଣିବା ଉଚିତ।

ବିରୋଧୀମାନେ କହନ୍ତି ଯେ, କ୍ରିମି ଲେୟାର ବ୍ୟବସ୍ଥା ଜାତିଗତ ସଂରକ୍ଷଣର ମୂଳକୁ ଦୁର୍ବଳ କରେ ଓ ଏହା ରାଜନୈତିକ ଭାବେ ବିପଦଜନକ। କିନ୍ତୁ ଏହା ଏକ ଭ୍ରମ। ସଂରକ୍ଷଣ ଜାତି ଆଧାରିତ ହେଲେ ମଧ୍ୟ ଏହାର ଲାଭ ପ୍ରକୃତ ପଛୁଆ ଲୋକଙ୍କ ପାଖରେ ପହଞ୍ଚିବା ଉଚିତ। ସୁପ୍ରିମକୋର୍ଟ ମଧ୍ୟ ବିଭିନ୍ନ ରାୟରେ କ୍ରିମି ଲେୟାର ବ୍ୟବସ୍ଥାକୁ ସମର୍ଥନ କରିଛନ୍ତି। ସାମ୍ପ୍ରତିକ ସମୟରେ ଏସ୍ସି/ଏସ୍ଟି ବର୍ଗ ପାଇଁ ମଧ୍ୟ କ୍ରିମି ଲେୟାର ପ୍ରୟୋଗ କରିବାର ଦାବି ଉଠିଛି, ଯାହା ଏକ ବୃହତ୍ତର ବିତର୍କ ସୃଷ୍ଟି କରିଛି।

ଓଡ଼ିଶାର ପ୍ରସଙ୍ଗରେ କହିବାକୁ ଗଲେ, ରାଜ୍ୟରେ ପଛୁଆ ବର୍ଗର ସଂଖ୍ୟା ବହୁତ ଅଧିକ। କେତେକ ଜାତି ସରକାରୀ ଚାକିରି ଓ ଶିକ୍ଷା କ୍ଷେତ୍ରରେ ପୂର୍ଣ୍ଣ ଲାଭ ଉଠାଉଛନ୍ତି ଯେତେବେଳେ ଗ୍ରାମାଞ୍ଚଳର ପ୍ରକୃତ ପଛୁଆ ଯୁବକମାନେ ଏହାରୁ ବଞ୍ଚିତ ହେଉଛନ୍ତି। ଏହା କେବଳ ସାମାଜିକ ଅନ୍ୟାୟ ନୁହେଁ, ରାଜ୍ୟର ମାନବ ସମ୍ପଦ ବିକାଶର କ୍ଷତି ମଧ୍ୟ। ତେଣୁ ଓଡ଼ିଶା ସରକାର ଓ କେନ୍ଦ୍ର ଉଭୟଙ୍କୁ ଏକ ସମନ୍ୱିତ ନୀତି ପ୍ରଣୟନ କରିବାକୁ ପଡ଼ିବ।

ଶେଷରେ କହିବାକୁ ଗଲେ, ସଂରକ୍ଷଣ ଏକ ଅସ୍ଥାୟୀ ବ୍ୟବସ୍ଥା ନୁହେଁ, କିନ୍ତୁ ଏହାକୁ ଅନ୍ତହୀନ କରିବା ମଧ୍ୟ ଉଚିତ୍ ନୁହେଁ। କ୍ରିମି ଲେୟାର ଉପରେ ଏକ ଦୃଢ଼ ନୀତି ନିଷ୍ପତ୍ତି ନେବା ଦ୍ୱାରା ଆମେ ଏକ ଅଧିକ ନ୍ୟାୟପୂର୍ଣ୍ଣ ଓ ସମାନତାପୂର୍ଣ୍ଣ ସମାଜ ଗଢ଼ିପାରିବା। ରାଜନୈତିକ ସ୍ୱାର୍ଥକୁ ଉପରେ ରଖି ଜାତୀୟ ସ୍ୱାର୍ଥରେ ଏହି ନିଷ୍ପତ୍ତି ନେବା ସମୟ ଆସିଛି।

# ଗର୍ବ ଗଞ୍ଜନ୍ତି ନରହରି




ଆଶୁତୋଷ ନାୟକ


ଏ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ। ମନୁଷ୍ୟ ନିଜର ବୁଦ୍ଧି, ବିବେକ, ଜ୍ଞାନ ପାଇଁ ସର୍ବଶ୍ରେଷ୍ଠ ଆସନ ଅଳଙ୍କୃତ କରିଛି। ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛି ଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ। କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ପରମଶାସ୍ତ୍ର ଭାଗବତରେ ଏହା ଉଲ୍ଲେଖ ଅଛି ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ଗାଳି, ନିନ୍ଦା, ଅପମାନ ହସିହସି ସହ୍ୟ କରନ୍ତି କିନ୍ତୁ କାହାରି ଅହଂକାର, ଗର୍ବ, ଅହମିକା ସହ୍ୟ କରନ୍ତି ନାହିଁ। ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି।

'ଗାଳି ମୁଁ ସହଇ, ଗର୍ବ ନ ସହଇ, ତଟକି ଚୂର୍ଣ୍ଣ କରଇ ' ଆହୁରି ମଧ କୁହାଯାଇଛି 'ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି'

ପରମଶାସ୍ତ୍ର ଭାଗବତ, ଭଗବତ ଗୀତାରେ ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେପରିକି ମହାଜ୍ଞାନୀ ଦେବଦେବ ମହାଦେବଙ୍କ ପରମଭକ୍ତ ଦଶାନନ ଅହଂକାରୀ ରାବଣ, ଅତ୍ୟାଚାରୀ କଂସ, ଭଗବାନ ବିଷ୍ଣୁଙ୍କ ବାହାନ ଗରୁଡ଼, ରାଣୀ ସତ୍ୟଭାମା, ମହାବୀର ରାଜା ବାଳି, ଦେବତାଙ୍କ ରାଜା ଇନ୍ଦ୍ର, ସୁଦର୍ଶନ, ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଦେବର୍ଷି ନାରଦ, ମହାଦାନୀ କର୍ଣ୍ଣ, ରାଜା ବଳି, ଏପରି ଅନେକଙ୍କ ଗର୍ବ ମହାପ୍ରଭୁ କାଳିଆ ସାଆନ୍ତ ଚୂର୍ଣ୍ଣ କରିଛନ୍ତି। ସୋମରସ ସେବନ କରି ନିଜର ଅହମିକା ପାଇଁ ନିଜ ନିଜ ମଧରେ ଲଢେଇ କରୁଥିବା ନନ୍ଦବଂଶକୁ ଭଗବାନ ଶ୍ରୀକୃଷ୍ଣ ନିଜେ ନିଜର ବଂଶକୁ ନିପାତ କରିଛନ୍ତି।

ଗୋଟିଏ ଗଳ୍ପ ମାଧମରେ ଏହି ବିଷୟବସ୍ତୁକୁ ମୁଁ ଉପସ୍ଥାପନା କରିବି। ଗୋଟିଏ ରାଜ୍ୟରେ ଜଣେ ମହାପରାକ୍ରମୀ, ମହାବଳଶାଳୀ, ମହାଜ୍ଞାନୀ, ଆକର୍ଷଣୀୟ ଅତି ସୁନ୍ଦର ହୃଷ୍ଟପୃଷ୍ଟ ଚେହେରା ଥିବା ବିଶ୍ୱବିଜୟୀ ରାଜା ଥିଲେ। ସେ ଏତେ ପରାକ୍ରମୀ ସାହସୀ, ବଳଶାଳୀ ଥିଲେ କି ତାଙ୍କ ନାଁ ଶୁଣି ଅନେକ ରାଜ୍ୟର ରାଜା ବିନା ଯୁଦ୍ଧରେ ପରାଜୟ ସ୍ୱୀକାର କରି ତାଙ୍କର ରାଜ୍ୟକୁ ସ୍ୱହସ୍ତରେ ଟେକିଦେଉଥିଲେ। ରାଜା ଏତେ ପରାକ୍ରମୀ ଥିଲେ କି ୧୦୦୦ରୁ ଅଧିକ ରାଜ୍ୟରେ ସେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ। ତାଙ୍କର ଅନେକ ସୈନ୍ୟ ସାମନ୍ତ, ଅଜସ୍ର ଧନସମ୍ପତ୍ତି, ହୀରା, ନୀଳା, ମୋତି, ମାଣିକରେ ଭରପୁର ଥିଲା ତାଙ୍କର ଭଣ୍ଡାର। ସେ ରାଜାଙ୍କର ଏତେ ଅହଂକାର ଓ ଅହମିକା ଥିଲା କି ରାଜ୍ୟର ମନ୍ତ୍ରୀ, ସୈନ୍ୟ ସାମନ୍ତ, ପଡୋଶୀ ରାଜ୍ୟର ରାଜା, ଋଷିମୁନି, ପଣ୍ଡିତ ମାନଙ୍କୁ ପଶୁଠାରୁ ଭି ହୀନ ଚକ୍ଷୁରେ ଦେଖୁଥିଲେ। ସେ ରାଜାଙ୍କର ଯେତେବେଳେ ଯାହାଭି ମନରେ ଅଭିଳାଷା ଜାଗ୍ରତ ହେଉଥିଲା ସେ ଅବିଳମ୍ବେ ନିଜର ଅର୍ଥ ବଳ, ବାହୁ ବଳ, କୁଟନୀତି ପ୍ରୟୋଗ କରି ତାକୁ ହାସଲ କରୁଥିଲେ। ରାଜାଙ୍କର ମୃଗ ଶିକାର କରିବା ସଉକ ଥିଲା।ଦିନେ ସେ ନିଜର ସୈନ୍ୟସାମନ୍ତଙ୍କ ସହ ମୃଗ ଶିକାର କରିବାକୁ ବାହାରିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ମୃଗ ପଛରେ ଧାବମାନ ପଥଭ୍ରଷ୍ଟ ହୋଇ ଘଞ୍ଚ ଅରଣ୍ୟ ମଧରେ ପ୍ରବେଶ କଲେ ଆଉ ତାଙ୍କର ସୈନ୍ୟ ସାମନ୍ତଙ୍କ ସହ ଭେଟ ହୋଇନଥିଲା। ସେହି ଘଞ୍ଚ ଅରଣ୍ୟ ମଧରେ ଦୀର୍ଘ ଦିନରୁ ଭୋକିଲା ଥିବା ଏକ ମହାବଳ ବାଘ ରାଜାଙ୍କୁ ଆକ୍ରମଣ କରିବା ପାଇଁ କ୍ଷିପ୍ର ଗତିରେ ଅଗ୍ରସର ହେଲା। ମହାବଳ ବାଘଠାରୁ ରକ୍ଷା ପାଇବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ରାଜା 'ରକ୍ଷା କର ରକ୍ଷା କର ' ବୋଲି ଚିତ୍କାର କରିଥିଲେ। ରାଜାଙ୍କର ଚିତ୍କାର ଶୁଣି ତାଙ୍କର ମନ୍ତ୍ରୀ, କିଛି ସୈନ୍ୟ ସାମନ୍ତ ରାଜାଙ୍କର ସମ୍ମୁଖକୁ ଆସିଥିଲେ ମଧ ତାଙ୍କୁ ଉଦ୍ଧାର ନକରି ଭୟରେ ପଳାୟନ କରିଥିଲେ। ରାଜା ଯେତେ ନେହୁରା ହେଲେ ମଧ ସେମାନେ କୌଣସି କଥା କର୍ଣ୍ଣପାତ କରିନଥିଲେ। ପରିଶେଷରେ ମହାବଳ ବାଘର ଆକ୍ରମଣରେ ମାତ୍ର କିଛି ସମୟ ମଧରେ ନିଜକୁ ମହାପରାକ୍ରମୀ, ବଳଶାଳୀ, ମହାଜ୍ଞାନୀ ମନେକରୁଥିବା ରାଜାଙ୍କର ଜୀବନ ଦୀପ ଲିଭିଯାଇଥିଲା। ସେ ଅର୍ଜନ କରିଥିବା ଅମାପ ସମ୍ପତ୍ତି, ପୁଳା ପୁଳା ଟଙ୍କା, ହୀରା, ନୀଳା, ମୋତି, ମାଣିକ ତାଙ୍କର ସନ୍ତାନ, ସନ୍ତତି ଭୋଗ କରିଥିଲେ କିନ୍ତୁ ସେ ନିଜେ ଉପଭୋଗ କରିପାରିଲେ ନାହିଁ।ତାଙ୍କର ଅଧୁରା ସ୍ୱପ୍ନ ସ୍ୱପ୍ନରେ ରହିଗଲା।


ଗୋପାଳପୁର, ବାଲେଶ୍ୱର

ମୋବାଇଲ-୭୦୨୦୬୧୧୩୦୦




# ଶ୍ରମିକ ଦେଶ ନିର୍ମାଣର ବିନ୍ଧାଣୀ: ତାଙ୍କ ବିନା ବିକଶିତ ଭାରତର ସ୍ୱପ୍ନ ଅଧୁରା




ଡମ୍ବରୁଧର ଘଣା


ଆଜିର ଆଧୁନିକ ସମାଜ ଯେଉଁ ସ୍ତମ୍ଭ ଉପରେ ଛିଡ଼ାହୋଇଛି, ସେ ହେଉଛ ଶ୍ରମିକର ଶ୍ରମ, ଲହୁ, ଲୁହ ଓ ସମୟ। ଏମାନେ ଶ୍ରମ ଦେଇ ଦେଶବାସୀଙ୍କ ପାଇଁ ଖାଦ୍ୟ ଉତ୍ପାଦନ କରନ୍ତି।ଲହୁ, ଲୁହ ଦେଇ ରାସ୍ତା, କୋଠା, ପୋଲ, ବନ୍ଧ ଇତ୍ୟାଦି ନିର୍ମାଣ କରନ୍ତି। ଶିଳ୍ପ କାରଖାନାରେ କାମ କରି ବିଭିନ୍ନ ଦ୍ରବ୍ୟ ତିଆରି କରନ୍ତି । ସୁରକ୍ଷା, ସ୍ୱଚ୍ଛତା ସାଙ୍ଗକୁ ରକ୍ଷଣାବେକ୍ଷଣ ସମ୍ପର୍କିତ ସେବା ଦେଇ, ଏମାନେ ନାଗରୀକ ମାନଙ୍କୁ ଏକ ଉତ୍ତମ ଜୀବନ ବଞ୍ଚିବାରେ ସହଯୋଗ ଦେଇଥାନ୍ତି। ଏତଦବ୍ୟତୀତ, ଦେଶ ଓ ରାଜ୍ୟର ଆର୍ଥିକ ଅଭିବୃଦ୍ଧିକୁ ମଧ୍ୟ ଏମାନଙ୍କର ଏକ ସିଂହ ଭାଗର ଅବଦାନ ରହିଛି। ଅତଏବ, ଶ୍ରମିକ ଭାଇ ଭଉଣୀ ହେଉଛନ୍ତି ଦେଶ ନିର୍ମାଣର ପ୍ରକୃତ ବିନ୍ଧାଣୀ।

ଚଳିତ ମାସ ପ୍ରଥମ ଦିବସରେ ବିଶ୍ୱବ୍ୟାପୀ ଶ୍ରମିକ ଦିବସ ପାଳନ ହେଲା। କେତେ ସଭା ସମିତି ବସିଲା। ଠାଏ ଠାଏ ଆଲୋଚନା ଚକ୍ର। ପୁରସ୍କାର ପର୍ବ ମଧ୍ୟ ଥିଲା। ଏତିକିରେ ଆମେ ରହିଗଲେ ଦେଶ ନିର୍ମାଣର ଏ ପ୍ରକୃତ ବିନ୍ଧାଣୀଙ୍କର ମଙ୍ଗଳ ହେବ ନାହିଁ। ଏମାନଙ୍କ ଅଧିକାରକୁ ସୁରକ୍ଷା ଓ ଏମାନଙ୍କୁ ସମ୍ମାନ ଦେବାର ଆବଶ୍ୟକତା ରହିଛି। ଏ ଦାୟିତ୍ୱ ସମାଜର, ଦେଶର। ଅତୀତରେ ଏଥିପାଇଁ ଦାବି ହୋଇ ଆସିଛି। ଆନ୍ଦୋଳନ ହୋଇଛି। ରକ୍ତପାତ ହୋଇଛି। ଉନବିଂଶ ଶତାବ୍ଦୀରେ ଶ୍ରମିକର ଅଧିକାର ପାଇଁ ଆନ୍ଦୋଳନ ତୀବ୍ର ଥିଲା। ସମୟକ୍ରମେ କିଛି ଦାବି ହାସଲ ହୋଇଛି। ଆଉ କିଛି ଏବେବି ପୂରଣ ହୋଇ ପାରି ନାହିଁ। ସଙ୍ଘର୍ଷ ଜାରି ରହିଛି। ଶ୍ରମିକଙ୍କ ଅଧିକାର କହିଲେ, ଏହା କେବଳ ମଜୁରୀ ବା ବେତନ କୁ ବୁଝାଏ ନାହିଁ। ଏହା ଏକ ବଡ ପ୍ରସଙ୍ଗ। ଏହାର ପରିଭାଷା ବ୍ୟାପକ :

(୧) ସରକାର ବେତନ ହାର ସ୍ଥିର କରନ୍ତି। ରାଜପତ୍ର ରେ ବିଜ୍ଞପ୍ତି ପ୍ରକାଶ ପାଏ। ତାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଧିକାରୀ ଅଛନ୍ତି। କିନ୍ତୁ, ଏ ବିଜ୍ଞପ୍ତି ତା' ସ୍ଥାନରେ ରୁହେ। ଶ୍ରମିକ ମାନେ ନିର୍ଦ୍ଧାରୀତ ହାରରେ ବେତନ ପାଆନ୍ତି ନାହିଁ। ଓଡ଼ିଶା ପରିପ୍ରେକ୍ଷୀରେ ଯଦି ଦେଖାଯାଏ, ସରକାର ଅଣକୁଶଳୀ ଶ୍ରମିକଙ୍କ ପାଇଁ ଦୈନିକ ଚାରିଶହ ବାଷଠି ଟଙ୍କାର ବେତନ ସ୍ଥିର କରିଛନ୍ତି। କିନ୍ତୁ, ବାସ୍ତବ ପକ୍ଷେ ଶ୍ରମିକ ପାଆନ୍ତି ଦୁଇଶହ ପଚାଶ ଟଙ୍କାରୁ ତିନି ଶହ ଟଙ୍କା ମଧ୍ୟରେ । ଏଥିରେ କୃଷି ଶ୍ରମିକ ସହିତ ନିର୍ମାଣ ଶ୍ରମିକ ମଧ୍ୟ ସାମିଲ ଅଛନ୍ତି। ଏମାନଙ୍କ ସଂଖ୍ୟା ସର୍ବାଧିକ ।

(୨) କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ପରିବେଶ ମଧ୍ୟ ଅଧିକାରର ଗଣ୍ଡି ଭିତରକୁ ଆସୁଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର। ଅନେକ ଶ୍ରମିକ ଅସୁରକ୍ଷିତ ପରିବେଶ ଭିତରେ କାମ କରିଥାନ୍ତି। ଏଥିପାଇଁ ତାଙ୍କୁ ସୁରକ୍ଷା ଓ ସ୍ୱାସ୍ଥ୍ୟର ଭୟକୁ ସାମନା କରିବାକୁ ପଡିଥାଏ।

(୩) ସ୍ୱାସ୍ଥ୍ୟ ମଧ୍ୟ ଏକ ବଡ ପ୍ରସଙ୍ଗ। ଅନେକ କ୍ଷେତ୍ରରେ ଏହାକୁ ଅଣଦେଖା କରାଯାଇ ଥାଏ। ମାଲିକ ବା ନିଯୁକ୍ତି ଦାତା ଶ୍ରମିକଙ୍କ ସ୍ୱାସ୍ଥ୍ୟକୁ ଅଣଦେଖା କରିଥାନ୍ତି। ଏଥିଯୋଗୁଁ ଶ୍ରମିକ ମାନେ ରୋଗରେ ପଡି, ଖର୍ଚ୍ଚାନ୍ତ ହୁଅନ୍ତି। ଏପରିକି ଦୀର୍ଘଦିନ ଅସୁସ୍ଥ ରହିଲେ, ପରିବାର ପାଳିବାରେ ଅସୁବିଧାର ସମ୍ମୁଖୀନ ହେବା ସହିତ କେତେକ କ୍ଷେତ୍ରରେ ଚାକିରି ଅବା କାମ ହରାଇଥାନ୍ତି।

(୪) "ଦୈନିକ କାର୍ଯ୍ୟ - ସମୟ" ଅନେକ ସମୟରେ ବିତର୍କ ଭିତରକୁ ଆସିଥାଏ। ଦିନ ଥିଲା, ଉନବିଂଶ ଶତାବ୍ଦୀରେ ଶ୍ରମିକ ମାନେ ଦିନକୁ ଅଠର ଘଣ୍ଟା ଖଟୁଥିଲେ। ଅନେକ ଲଢେଇ ପରେ ଆଜି ତାହା ଦୈନିକ ଆଠ ଘଣ୍ଟାରେ ସୀମିତ ଅଛି। ପୁଣି ଏକ ସାପ୍ତାହିକି ଛୁଟି ସହିତ। କିନ୍ତୁ, କେତେକ ସ୍ଥଳେ ଏ ସାପ୍ତାହିକ ବିରତି ପାଇଁ ବେତନ ମିଳେ ନାହିଁ। ଏହା ଏକ ପ୍ରକାରର ଅନ୍ୟାୟ।

(୫) କାର୍ଯ୍ୟ ବା ବୃତ୍ତିର ସ୍ଥିରତା ମଧ୍ୟ ଏକ ଅଧିକାର। ନିଯୁକ୍ତି ଏବଂ ଛଟେଇ ନିଯୁକ୍ତିଦାତାର ଇଚ୍ଛା ଉପରେ ନିର୍ଭର କଲେ, ଶ୍ରମିକର ଜୀବନ ଏକ ଅନିଶ୍ଚିତତା ଭିତରକୁ ଚାଲିଯିବ। ଏହା ଏକ ପ୍ରମୁଖ ବିଷୟ।

(୬) ଠିକ୍ ସେହିପରି " କାମ କରିବାର ଅଧିକାର - RIGHT TO WORK" ଏକ ମୌଳିକ ଅଧିକାର। ଆମ ସମ୍ବିଧାନ ଶ୍ରମିକଙ୍କୁ ଏ ଅଧିକାର ଦେଇଛି। ଯେ କାମ କରିବାକୁ ଚାହିଁବ, ତାକୁ ମନା କରାଯାଇ ପାରିବ ନାହିଁ। କିନ୍ତୁ, ବାସ୍ତବତା ସେୟା ନୁହେଁ। ଅନେକ ଶ୍ରମିକ ବିନା କାମରେ ଘରେ ବସନ୍ତି। ରୋଜଗାର ନାହିଁ। ନିୟମ ଠିକ୍ ପାଳନ ହୋଇ ପାରେ ନାହିଁ।



(୭) ଶ୍ରମିକଙ୍କ ପିଲା, ଛୁଆ, ପରିବାର ଏବଂ ଭବିଷ୍ୟତ ମଧ୍ୟ ଅଧିକାର ପରିସରଭୁକ୍ତ। ଏଥି ସକାଶେ ଆବଶ୍ୟକ ଯୋଜନା, ଭବିଷ୍ୟନିଧି ପାଣ୍ଠି, ପିଲାଙ୍କୁ ମାଗଣା ଶିକ୍ଷା ବ୍ୟବସ୍ଥା ଇତ୍ୟାଦିର ଦରକାର ଅଛି। ଅଣ- ଆନୁଷ୍ଠାନିକ, ଅଣ-ସଂଘଟିତ, ଅଣ- ପଞ୍ଜିକୃତ ଶ୍ରମିକଙ୍କ ପାଇଁ ଏ ବ୍ୟବସ୍ଥା ଆଦୌ ନାହିଁ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଶ୍ରମିକଙ୍କ କଲ୍ୟାଣ ପାଇଁ ବିଶ୍ୱ ଶ୍ରମ ସଂସ୍ଥା, କେନ୍ଦ୍ରୀୟ ଶ୍ରମ ଆୟୋଗ ଓ ରାଜ୍ୟ ଶ୍ରମ ଆୟୋଗ ପରି ସଂସ୍ଥା ରହିଛି। ଏହା ବାଦ୍, ଅନେକ ଅଧିନିୟମ , ନିୟମାବଳୀ ମଧ୍ୟ ପ୍ରଣୟନ କରାଯାଇଛି ଯଥା:

(୧) କଳ କାରଖାନା ବିବାଦ ଅଧିନିୟମ -୧୯୪୭,
(୨) ସର୍ବନିମ୍ନ ମଜୁରୀ ଅଧିନିୟମ - ୧୯୪୮,
(୩) ଓଡ଼ିଶା ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଅଧିନିୟମ -୧୯୫୬,
(୪) ମାତୃତ୍ୱ ସହାୟତା ଅଧିନିୟମ - ୧୯୬୧,
(୫) କେନ୍ଦ୍ରୀୟ ଶ୍ରମ ଅଧିନିୟମ -୧୯୭୦,
(୬) ଆନ୍ତଃ ରାଜ୍ୟ ଦାଦନ ଶ୍ରମିକ ଅଧିନିୟମ -୧୯୭୯,
(୭) ଶିଶୁ ଶ୍ରମିକ ନିରୋଧ ଅଧିନିୟମ -୧୯୮୬,
(୮) କୋଠା ଏବଂ ଅନ୍ୟ ନିର୍ମାଣ ଶ୍ରମିକ ଅଧିନିୟମ -୧୯୯୬,
(୯) ଓଡିଶା ଶ୍ରମିକ କଲ୍ୟାଣ ପାଣ୍ଠି ଅଧିନିୟମ -୨୦୦୫,
(୧୦) କର୍ମଚାରୀ ରାଜ୍ୟ ବୀମା ଇତ୍ୟାଦି।

ଓଡ଼ିଶା ପରିପ୍ରେକ୍ଷୀରେ ଯଦି ଦେଖାଯିବ, ବିଗତ ରାଜ୍ୟ ସରକାର ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ଅନେକ ଗୁଡ଼ାଏ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିଥିଲେ ଯଥା:

(୧) ପିଲାଙ୍କ ପାଇଁ ବାର୍ଷିକ ୪୦, ୦୦୦ ଟଙ୍କାର ଶିକ୍ଷା ସହାୟତା
(୨) ଶ୍ରମିକର ଝିଅ ବା ମହିଳା ଶ୍ରମିକ ର ବିବାହ ପାଇଁ ୫୦,୦୦୦ ଟଙ୍କାର ସହାୟତା
(୩) ୧୦,୦୦୦ ଟଙ୍କାର ମାତୃତ୍ୱ ସହାୟତା
(୪) ଚିକିତ୍ସା ସହାୟତା
(୫) ଦୁର୍ଘଟଣା ଜନୀତ ମୃତ୍ୟୁ ପାଇଁ ଦୁଇ ଲକ୍ଷ ଟଙ୍କାର ସହାୟତା
(୬) ସାଧାରଣ ମୃତ୍ୟୁ ପାଇଁ ଏକ ଲକ୍ଷ ଟଙ୍କାର ସହାୟତା
(୭) ଯନ୍ତ୍ରପାତି ବା ନିର୍ମାଣ ଉପକରଣ କ୍ରୟ ପାଇଁ ସହାୟତା

ଏଠାରେ ସ୍ପଷ୍ଟ କରାଯାଇ ପାରେ ଯେ ଏ ସମସ୍ତ କଲ୍ୟାଣକାରୀ ଯୋଜନା କେବଳ ନିର୍ମାଣ ଶ୍ରମିକଙ୍କ ପାଇଁ। ଅନ୍ୟ ବର୍ଗର ଶ୍ରମିକଙ୍କ ପାଇଁ ଏହା ଉପଲବ୍ଧ ନୁହେଁ। ଏହାର କାରଣ ବୁଝି ହୁଏ ନାହିଁ। ଏ ସବୁ ଭଲ ଓ ସୁନ୍ଦର ଯୋଜନା। କିନ୍ତୁ, ଏଥିରେ ପାତର ଅନ୍ତର ରହିଛି। କେତେକ ଶ୍ରମିକ ପଞ୍ଜିକୃତ ହୋଇନଥିବାରୁ, ଏସବୁ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ଏ ସମସ୍ତ ଅନୁଷ୍ଠାନ, ଆଇନ୍, ଯୋଜନା ଥିବା ସତ୍ତ୍ୱେ, ଶ୍ରମିକ ମାନେ ତାଙ୍କର ଅଧିକାର ସଠିକ୍ ଭାବରେ ପାଇବାରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୁଏ। ଏଣୁ, ଅନୁଷ୍ଠାନ ସବୁକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ସାଙ୍ଗକୁ, ପ୍ରଚଳିତ ଆଇନକୁ କଡ଼ାକଡ଼ି କରି ଲାଗୁ କରିବା ଓ ଆବଶ୍ୟକ ସ୍ଥଳେ ନୂତନ ନିୟମ ପ୍ରଣୟନ କରି:

(୧) ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଶ୍ରମିକଙ୍କ " କାମ କରିବାର ଅଧିକାର" କୁ ସୁନିଶ୍ଚିତ କରାଯିବାର ଆବଶ୍ୟକତା ରହିଛି।
(୨) ଶ୍ରମିକ ମାନଙ୍କୁ ତାଙ୍କ ଅଧିକାର ସମ୍ପର୍କରେ ସଚେତନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଉ।
(୩) ଦିନକୁ ସର୍ବାଧିକ ଆଠ ଘଣ୍ଟା ଓ ସପ୍ତାହକୁ ଛଅ ଦିନର କାର୍ଯ୍ୟ ନିର୍ଘଣ୍ଟ ରେ ଯେପରି କୌଣସି ବ୍ୟତିକ୍ରମ ନହୁଏ, ସେଥିପାଇଁ ସତର୍କ ଦୃଷ୍ଟି ଦିଆଯାଉ।
(୪) ସାପ୍ତାହିକ ଛୁଟି ବେତନଯୁକ୍ତ ହେଉ
(୫) ବର୍ଗ ନିର୍ବିଶେଷରେ ପ୍ରତ୍ୟେକ ଶ୍ରମିକର ବୀମା ବାଧ୍ୟତାମୂଳକ କରାଯାଉ।
(୬) ଶ୍ରମିକର ଏକ ଉତ୍ତମ ଜୀବନ ଯାପନ ପାଇଁ ଆବଶ୍ୟକ ବେତନ ସ୍ଥିର କରିବା ସହିତ, ମୁଦ୍ରାସ୍ଫୀତି ଓ ଅନୁଷ୍ଠାନର ଲାଭ ଆଧାରରେ ସମୟକୁ ସମୟ ବେତନ ହାର ନିର୍ଦ୍ଧାରଣ କରିବାର ପ୍ରାବଧାନ ରଖାଯାଉ।
(୭) ସବୁ ବର୍ଗର ଶ୍ରମିକଙ୍କ ପଞ୍ଜୀକରଣ କରାଯାଉ ଏବଂ ସମସ୍ତଙ୍କୁ ସମାନ ପ୍ରକାର ସହଯୋଗ ଓ ସହାୟତା ପ୍ରଦାନ କରାଯାଉ।
(୮) ସବୁ ବର୍ଗର ଶ୍ରମିକଙ୍କ ପିଲା, ପରିବାର କୁ ଶିକ୍ଷା, ଚିକିତ୍ସା, ବିବାହ, ବାସଗୃହ ପ୍ରଭୃତି ସହାୟତା ପ୍ରଦାନ କରାଯାଉ।
(୯) ରୋଗର ଚିକିତ୍ସା ଅବା ଅନ୍ୟ କେତେକ ଜରୁରୀ କାଳୀନ ପରିସ୍ଥିତିରେ ଛୁଟି ସବୈତନିକ ହେଉ।
(୧୦) ଶ୍ରମିକଙ୍କ ବେତନ ପୁରୁଷ, ମହିଳା ଆଧାରରେ ସ୍ଥିର ନ କରି, ସମାନ କାମକୁ ସମାନ ବେତନ ସୁନିଶ୍ଚିତ କରାଯାଉ।
(୧୧) ଶିଶୁ ଶ୍ରମିକ ଏବଂ ଦାଦନ ଶ୍ରମିକ ଉପରେ ରୋକ୍ ଲଗାଯାଉ।

ଶ୍ରମିକଙ୍କ ଅଧିକାରର ସୁରକ୍ଷା କେବଳ ଏକ ଆଇନ୍ ନୁହେଁ, ବରଂ ନୀତି ଓ ଆର୍ଥିକ ଦୃଷ୍ଟିରୁ ଏହା ଅପରିହାର୍ଯ୍ୟ । ପ୍ରତି ଶ୍ରମିକର ସମ୍ମାନର ସହିତ ବଞ୍ଚିବାର ଅଧିକାର ରହିଛି। ଶ୍ରମିକଙ୍କ ସମ୍ମାନ ଓ ସୁରକ୍ଷା ଦେଶ ପ୍ରଗତିର ପୁଞ୍ଜି । ଯେତେବେଳେ ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି ଏବଂ ବିକଶିତ ଭାରତର ସ୍ୱପ୍ନ ଦେଖୁଛି, ସେତେବେଳେ ଶ୍ରମିକଙ୍କ ଅଧିକାରର ସୁରକ୍ଷା ଓ ସେମାନଙ୍କ ସମ୍ମାନ ପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଏହା ଦେଶ ଓ ସମାଜର ଦାୟିତ୍ୱ। ପଚାଶ କୋଟିରୁ ଅଧିକ ସଂଖ୍ୟକ ଶ୍ରମ ଜୀବିଙ୍କୁ ଅଣଦେଖା କରି ବିକାଶ ଚିନ୍ତା କରାଯାଇ ପାରେନା।


ଭୁବନେଶ୍ୱର, ମୋବାଇଲ୍:୭୯୭୮୨୧୦୮୨୧


# ଯେତେ ଅଧିକ ପିଲା, ସେତେ ଅଧିକ ଟଙ୍କା




ସୁବାସ ଷଡଙ୍ଗୀ


ଜନ୍ମହାର ଭାରତରେ ବୃଦ୍ଧି ପାଉଥିବା କାରଣରୁ ସ୍ୱାଧୀନତା ପରେ ୧୯୫୨ ମସିହାରେ ପ୍ରଥମେ ଜନ୍ମ ନିୟନ୍ତ୍ରଣ କଥା ଉଠିଲା। ପରିବାର ସଂଖ୍ୟା କମାଇବାକୁ ନବ ଦମ୍ପତିମାନଙ୍କୁ ବିଭିନ୍ନ ଜନ୍ମ ନିୟନ୍ତ୍ରଣ ଉପକରଣ ଦେବାକୁ ସରକାର ନିଷ୍ପତ୍ତି କଲେ। କିନ୍ତୁ ଏହା ସାରା ଭାରତ ବର୍ଷରେ ପ୍ରଚଳିତ ହେଲା ୧୯୬୬ ମସିହାରେ। ସେତେବେଳେ ଶିଶୁମୃତ୍ୟୁହାରଦେଶରେ ଅଧିକ ଥିବାରୁ ଜନ୍ମ ନିୟନ୍ତ୍ରଣ ପଦ୍ଧତିକୁ ଅନେକ ନବ ବିବାହିତ ଦମ୍ପତି ଗ୍ରହଣ କରିବାକୁ ରାଜି ହେଲେ ନାହିଁ। ସେଥିପାଇଁ ଜରୁରି ପରିସ୍ଥିତି ସମୟରେ ଉତର ପ୍ରଦେଶ ସମେତ ବହୁ ରାଜ୍ୟରେ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର ନେଇ ଝଡ ଉଠିଲା। ଜୋର ଜବରଦସ୍ତି ଭାବରେ ଅସ୍ତ୍ରୋପଚାର କରାଗଲା ବୋଲି ଅଭିଯୋଗ ହେଲା।

ତେବେ ପରବର୍ତ୍ତୀ ସମୟରେ ସୁଖୀ ପରିବାର ଗଠନ ପାଇଁ ଶିଶୁ ମୃତ୍ୟୁହାରକୁ କମ କରିବାକୁ ସରକାର ଯୋଜନା କଲେ। ଏଥିରେ ଶିଶୁ ମୃତ୍ୟୁକୁ ରୋକିବା ପାଇଁ ଯୋଜନା ସହିତ ପରିବାର କିପରି ସମୃଦ୍ଧ ହୋଇପାରିବ ସେ ନେଇ ବିଭିନ୍ନ ଯୋଜନା କରାଗଲା। ଯାହାକୁ କୁହାଗଲା 'ପରିବାର କଲ୍ୟାଣ'। ଗୋଟିଏ ବା ଦୁଇଟି ପିଲା ଯଥେଷ୍ଟ ବୋଲି କହାଗଲା। ଶିକ୍ଷିତ ଲୋକମାନେ ଏକଥାକୁ ବୁଝିଲେ, କମ ସନ୍ତାନ ନେଇ ଯୋଜନା କଲେ। ଏବେ ଅନେକ ପରିବାର ଗୋଟିଏ ପିଲାରେ ସନ୍ତୁଷ୍ଟ। ଦକ୍ଷିଣ ଭାରତରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ଅଧିକ। ଏଣୁ ଏହାର ପ୍ରଭାବ ଯାହାଫଳରେ ସେଇ ସବୁ ରାଜ୍ୟରେ ଉପରେ ଅଧିକ ପଡ଼ିଲା। ଜନ୍ମ ହାର କମିଲା। ଏବେ କିନ୍ତୁ ଜନ୍ମହାର କମିଯିବା ଫଳରେ, ଅନେକ ରାଜ୍ୟ ଚିନ୍ତାରେ ପଡ଼ିଛନ୍ତି। ଏହାର ଏକ ଉଦାହରଣ ହେଲା ଆନ୍ଧ୍ର ପ୍ରଦେଶ। ଏଇ ରାଜ୍ୟରେ କିପରି ଜନ୍ମହାର ବଢ଼ିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ନିଜେ ଉଦ୍ୟମ ଆରମ୍ଭ କରିଛନ୍ତି। ଆଜିକାଲିର ଶିକ୍ଷିତ ପରିବାର ଗୋଟିଏ ପିଲାରେ ନିଜ ପରିବାରକୁ ସୀମିତ ରଖିବାକୁ ଚାହାନ୍ତି। ଏଣୁ ଦ୍ୱିତୀୟ ସନ୍ତାନ ପାଇଁ ଆନ୍ଧ୍ର ପଦେଶ ସରକାର ପୁରସ୍କାର ଘୋଷଣା କରିଥିଲେ। ଯାହାର ଦ୍ୱିତୀୟ ସନ୍ତାନ ହେବ, ତାଙ୍କୁ ପଚିଶ ହଜାର ଟଙ୍କା ପୁରସ୍କାର ଦିଆଯିବ। ଏବେ କିନ୍ତୁ ତୃତୀୟ ବା ଚତୁର୍ଥ ସନ୍ତାନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି, ଆନ୍ଧ୍ର ସରକାର। ତୃତୀୟ ଓ ଚତୁର୍ଥ ସନ୍ତାନ ପାଇଁ ଅତିରିକ୍ତ ପୁରସ୍କାର କଥା କୁହାଯାଇଛି। ତୃତୀୟ ସନ୍ତାନ ହେଲେ ତିରିଶ ହଜାର ଓ ଚତୁର୍ଥ ସନ୍ତାନ ହେଲେ ଚାଳିଶ ହଜାର ଟଙ୍କା ଦିଆଯିବ ବୋଲି ଘୋଷଣା କରିଛନ୍ତି, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ।

ଜନ୍ମ ହାର କମିଯିବା ଏବେ ଅନେକ ରାଜ୍ୟ ପାଇଁ ଚିନ୍ତାର କାରଣ ପାଲଟିଛି। ଏଣୁ ଏଭଳି ପଦକ୍ଷେପ ସରକାରଙ୍କ ପକ୍ଷରୁ ନିଆଯାଇଛି। ଏବେ ଆନ୍ଧ୍ରପ୍ରଦେଶରେ ଜନ୍ମହାର ହେଉଛି ୧.୫ ଶତାଂଶ। ଏଇ ହାରକୁ ଭବିଷ୍ୟତରେ ୨.୧ ଶତାଂଶକୁ ବଢ଼ାଇବାକୁ ଚାହାନ୍ତି ରାଜ୍ୟ ସରକାର। କେବଳ ଆନ୍ଧ୍ର ପ୍ରଦେଶ ସରକାର କାହିଁକି, ତାମିଲନାଡୁ ଓ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଅଧିକ ସନ୍ତାନ ଉପରେ ଗୁରୁତ୍ୱ ଦେଇଛନ୍ତି। ଏବେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ଗୋଟିଏ ପରିବାରରେ ସୀମିତ ରଖୁଥିବା ପରିବାର ସଂଖ୍ୟା ହେଉଛି, ଶତକଡା ୫୭। ଏଣୁ ସରକାରଙ୍କ ପକ୍ଷରୁ ଅଧିକ ସନ୍ତାନ ଉପରେ ଗୁରୁତ୍ୱ ଦିଆଯାଉଛି। କୁହାଯାଉଛି, ଯଦି ସନ୍ତାନ ଜନ୍ମ ସଂଖ୍ୟା କମିଯାଏ, ତେବେ ୨୦୪୭ ମସିହା ବେଳକୁ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢ଼ିଯିବ। ପରିବାରରେ ରୋଜଗାରକ୍ଷମ ଲୋକଙ୍କ ଅଭାବ ଦେଖାଦେବ। ଏହାର ସିଧାସଳଖ ପ୍ରଭାବ ଅର୍ଥନୀତି ଉପରେ ପଡ଼ିବ।

ଏହାର ରାଜନୈତିକ ପ୍ରଭାବ ମଧ୍ୟ ରହିଛି। ଆସନ୍ତା ବର୍ଷ ବିଭିନ୍ନ ନିର୍ବାଚନ ମଣ୍ଡଳୀର ସୀମା ପୁନର୍ନିର୍ଦ୍ଧାଣ କରାଯିବ। ସେତେବେଳେ ଜନସଂଖ୍ୟା ଆଧାରରେ ଅନେକ ନିର୍ବାଚନ ମଣ୍ଡଳୀ କମିଯିବାର ଦେଖାଦେଇଛି। ଯଦି ଜନସଂଖ୍ୟା କମିଯାଏ, ତେବେ ଲୋକସଭା ନିର୍ବାଚନମଣ୍ଡଳୀ ମଧ୍ୟ କମ ହେବ। ଯାହାଫଳରେ ରାଜ୍ୟତାର ଅଧିକାର ପାଇବା କ୍ଷେତ୍ରରେ ପଛରେ ପଡ଼ିଯିବ। ତେଣୁ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ସନ୍ତାନ ଅଧିକ ହେବା ଉପରେ ଗୁରୁତ୍ୱ ଦେଉଛନ୍ତି।

ଆଜିକାଲି ଶିକ୍ଷିତ ପରିବାରମାନେ ଗୋଟିଏ ପିଲାନେଇ ଖୁସି। ଚାକିରିର ଚାପ, ପିଲାଙ୍କ ଯତ୍ନ ନେବାରେ ସମୟର ଅଭାବ ଏବଂ ସେମାନଙ୍କୁ ମଣିଷ କରିବା ପାଇଁ ବହୁଳ ଅର୍ଥର ଆବଶ୍ୟକତା ଥିବାରୁ ଗୋଟିଏ ପିଲାରେ ସେମାନେ ନିଜ ପରିବାରକୁ ସୀମିତ ରଖିବାକୁ ଚାହନ୍ତି। ବିଶିଷ୍ଟ ସମାଜଶାସ୍ତ୍ରବିତ ଉଦନ ଆଧ୍ୟା କହିଛନ୍ତି, ବଡବଡ ମେଟ୍ରୋ ସହରଗୁଡ଼ିକରେ ପିଲାଙ୍କୁ ମଣିଷ କରିବାକୁ ବାପାମା'ଙ୍କୁ ସାତକୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ବାଙ୍ଗାଲୋର, ହାଇଦ୍ରାବାଦ, ଦିଲ୍ଲି, ମୁମ୍ବାଇ, କୋଚି, ଚେନ୍ନାଇ ଭଳି ସହରରେ ହେଉଥିବା ଖର୍ଚ୍ଚକୁ ମିଶାଇ ସେ ଏହା କହିଛନ୍ତି।

ଏଇସବୁ ସହରରେ ପ୍ରାଥମିକ ଶିକ୍ଷା ପାଇଁ ଚାରି ବର୍ଷରେ କୋଡ଼ିଏ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଯୁକ୍ତ ଦୁଇ ପରୀକ୍ଷା ଶେଷ ବେଳକୁ ଏଇ ଖର୍ଚ୍ଚ ୬.୭୫ ଲକ୍ଷ ଟଙ୍କାରେ ପହଞ୍ଚିଯାଉଛି। ଏହାପରେ ଉଚଶିକ୍ଷା ଋଣ ମିଳୁଥିବାରୁ ସେସବୁର ହିସାବ ଦେଇ ନାହାନ୍ତି। ପ୍ରାଥମିକ ଶିକ୍ଷାପରେ ଉଚପ୍ରାଥମିକ ଶିକ୍ଷା ଓ କୋଚିଂରେ ପ୍ରଭୁତ ପରିମାଣର ଅର୍ଥ ଖର୍ଚ ହେଉଥିବାରୁ ପରିବାରରେ ଆର୍ଥିକ ସଂକଟ ଦେଖାଦେବା ସ୍ୱାଭାବିକ। ଏଇସବୁ କାରଣରୁ ଶିକ୍ଷିତ ପରିବାରରେ ପିଲାଙ୍କ ସଂଖ୍ୟା ବଢ଼ିପାରୁ ନାହିଁ। ଯାହାଫଳରେ ଏଇ ସବୁ ରାଜ୍ୟଗୁଡିକ ଆର୍ଥିକ, ସାମାଜିକ ଓ ରାଜନୈତିକ ଭାବରେ ପଛୁଆ ରହିଯାଉଛନ୍ତି। ତେଣୁ ଏବେ ଏଇ ବୁ ରାଜ୍ୟ ବିଶେଷ କରି ଦକ୍ଷିଣ ରାଜ୍ୟ ଗୁଡିକ ସନ୍ତାନ ବଢ଼ାଇବା ପାଇଁ ବିଭିନ୍ନ ପୁରସ୍କାର କଥା ଘୋଷଣା କରିଛନ୍ତି। ଗୋଟାଏ କଥା ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସତୁରି ଦଶକରେ ଭାରତରେ ଜନସଂଖ୍ୟ ନିୟନ୍ତ୍ରଣ ପାଇଁ ଉଦ୍ୟ ହୋଇଥିଲା। ଏହାର ପ୍ରଭାବ ଦକ୍ଷିଣ ୁ େ ଭାରତୀୟ ରାଜ୍ୟଗୁଡିକ ଉପରେ ଅଧିକ ପଡ଼ିଥିଲା, କାରଣ ସେସବୁ ରାଜ୍ୟରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ଅଧିକ। ଅପରପକ୍ଷରେ ଉତର ପ୍ରଦେଶ, ବିହାର, ରାଜସ୍ଥାନ, ମଧ୍ୟ ପ୍ରଦେଶ ଭଳି ରାଜ୍ୟରେ ଏବେବି ଜନ୍ମ ହାର ଅଧିକ। ସେଇ ସବୁ ରାଜ୍ୟଗୁଡିକରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ସେଭଳି ସଫଳତା ଲାଭ କରିପାରି ନାହିଁ। ଏଇ ସବୁ ରାଜ୍ୟରେ ପୁରୁଣା ଢାଞ୍ଚାରେ ପ୍ରତି ପରିବାରରେ ଚାରୋଟି ପିଲା ଅଛନ୍ତି।

ଏଭଳି ଅବସ୍ଥା କେବଳ ଭାରତରେ ନୁହେଁ, ବିଶ୍ୱର ଅନେକ ଦେଶରେ ମଧ୍ୟ ଦେଖିବାକୁ ମିଳୁଛି। ଦକ୍ଷିଣ କୋରିଆରେ ବିବାହ କଲେ ଦମ୍ପତିଙ୍କୁ ଦୁଇକୋଟି ଟଙ୍କା ଦିଆଯାଉଛି। କାରଣ, ସେଠାରେ ମଧ୍ୟ ଶିକ୍ଷିତ ଲୋକମାନେ ବିବାହ ନକରି ରିଲେସନସିପରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି। ତାର କାରଣ, ପିଲା ହେବାକୁ କେହି ଚାହୁଁ ନାହାନ୍ତି।


ଡୁମଡୁମା ହାଉସିଙ୍ଗ ବୋଡି କଲୋନୀ

ଭୁବନେଶ୍ୱର, ମୋ-୯୪୩୯୬୫୨୩୨୨

# ଭାରତ ପାଇଁ ତେଲର ଅଭାବ ରହିବନି



ନୂଆଦିଲ୍ଲୀ, ୨୨।୫: ଭାରତ ପାଇଁ ତେଲର ଅଭାବ ରହିବନି। ନୂଆଦିଲ୍ଲୀ ଯେତିକି ପରିମାଣର ଶକ୍ତି କିଣିବାକୁ ଚାହୁଁଛି, ୱାଶିଂଟନ୍ ଭାରତକୁ ସେତିକି ଶକ୍ତି ବିକ୍ରୟ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଭାରତ ଗସ୍ତ ପୂର୍ବରୁ ଆମେରିକାର ନବନିଯୁକ୍ତ ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ଏଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ମିଆମୀଠାରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରିବା ସମୟରେ ରୁବିଓ ଭାରତକୁ ଆମେରିକାର ସବୁଠୁ ଘନିଷ୍ଠତମ ସହଯୋଗୀ ଭାବେ ଅଭିହିତ କରିଛନ୍ତି। ପିଟିଆଇ ରିପୋର୍ଟ ଅନୁଯାୟୀ, ଆମେରିକା ବିଦେଶ ମନ୍ତ୍ରୀ କହିଛନ୍ତି ଯେ ତାଙ୍କର ଏହି ଭାରତ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ତାଙ୍କୁ 'କ୍ୱାଡ୍' ଦେଶଗୁଡ଼ିକର ବିଦେଶ ମନ୍ତ୍ରୀମାନଙ୍କୁ ଭେଟିବାର ସୁଯୋଗ ମିଳିବ।

ଭାରତ ସହ ଦୃଢ଼ ସମ୍ପର୍କର ସପକ୍ଷରେ ଯୁକ୍ତି ବାଢ଼ି ଆମେରିକା ବିଦେଶ ମନ୍ତ୍ରୀ କହିଛନ୍ତି ଯେ, ଆମେ ଭାରତ ସହିତ ମିଶି ବହୁତ ଭଲ କାମ କରୁଛୁ। ତେଣୁ ଏହି ଗସ୍ତ ଆମ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ମୁଁ ବହୁତ ଖୁସି ଯେ ଆମେ ଏହି ଗସ୍ତ କରୁଛୁ। ମୋର ବିଶ୍ୱାସ ଅଛି ଯେ, ଆମ ପାଖରେ ଆଲୋଚନା କରିବା ପାଇଁ ଅନେକ ପ୍ରସଙ୍ଗ ରହିଛି। ସେ ଆହୁରି ମଧ୍ୟ କହିଛନ୍ତି, ଆମେ ସେଠାରେ କ୍ୱାଡ୍ ଦେଶର ନେତାମାନଙ୍କୁ ଭେଟିବୁ, ଯାହାକି ବର୍ତ୍ତମାନ ସବୁଠାରୁ ଜରୁରୀ।

ଏହି ସାମ୍ବାଦିକ ସମ୍ମିଳନୀରେ ମାର୍କୋ ରୁବିଓ ଅନ୍ୟ ଏକ ବଡ଼ ଘୋଷଣା କରିଛନ୍ତି। ସେ ସୂଚନା ଦେଇଛନ୍ତି ଯେ, ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲ୍ସି ରୋଡ୍ରିଗେଜ୍ ମଧ୍ୟ ଆସନ୍ତା ସପ୍ତାହରେ ଭାରତ ଗସ୍ତରେ ଆସୁଛନ୍ତି, ଯେଉଁଠାରେ ସେ ଭାରତକୁ ତେଲ ବିକ୍ରି କରିବା ପ୍ରସଙ୍ଗରେ ଆଲୋଚନା କରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚଳିତ ବର୍ଷ ଫେବ୍ରୁଆରୀ ମାସ ପ୍ରାରମ୍ଭରେ ପ୍ରଥମ ଥର ପାଇଁ ଭାରତ ଦ୍ୱାରା ଭେନେଜୁଏଲାରୁ ତେଲ କିଣାଯିବା ପ୍ରସଙ୍ଗ ଉଠାଇଥିଲେ। ସେହି ସମୟରେ ୱାଶିଂଟନ୍ ଏବଂ ନୂଆଦିଲ୍ଲୀ ମଧ୍ୟରେ ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯାହା ଅଧୀନରେ ଭାରତୀୟ ଆମଦାନୀ ଉପରେ ଥିବା ପାରସ୍ପରିକ ଶୁଳ୍କକୁ ବର୍ତ୍ତମାନର ୨୫ ପ୍ରତିଶତରୁ ହ୍ରାସ କରାଯାଇ ୧୮ ପ୍ରତିଶତ କରାଯାଇଥିଲା।

## ଆଜି ରୁବିଓଙ୍କ ଭାରତ ଗସ୍ତ



ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ୨୩ ମେ' ରୁ ୨୬ ମେ' ପର୍ଯ୍ୟନ୍ତ ଭାରତ ଗସ୍ତରେ ରହିବେ। ନିଜର ଏହି ଚାରି ଦିନିଆ ଗସ୍ତ କାଳରେ ସେ ନୂଆଦିଲ୍ଲୀ, କୋଲକାତା, ଆଗ୍ରା ଏବଂ ଜୟପୁର ଭଳି ଭାରତର ପ୍ରମୁଖ ସହର ପରିଦର୍ଶନ କରିବେ। ଏହି ଗସ୍ତର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ଯେ, ବିଗତ ପ୍ରାୟ ୧୪ ବର୍ଷ ମଧ୍ୟରେ କୋଲକାତା ଗସ୍ତ କରୁଥିବା ମାର୍କୋ ରୁବିଓ ହେବେ ପ୍ରଥମ ଆମେରିକୀୟ ବିଦେଶ ମନ୍ତ୍ରୀ। ଏହା ପୂର୍ବରୁ ବର୍ଷ ୨୦୧୨ରେ ତତ୍କାଳୀନ ଆମେରିକା ବିଦେଶ ମନ୍ତ୍ରୀ ହିଲାରୀ କ୍ଲିଣ୍ଟନ କୋଲକାତା ଯାତ୍ରା କରିଥିଲେ। ସୂଚନାଯୋଗ୍ୟ ଯେ, କୋଲକାତାରେ ଅବସ୍ଥିତ ଆମେରିକୀୟ ବାଣିଜ୍ୟ ଦୂତାବାସ ସମଗ୍ର ବିଶ୍ୱରେ ଆମେରିକାର ଦ୍ୱିତୀୟ ସବୁଠାରୁ ପୁରୁଣା ବାଣିଜ୍ୟ ଦୂତାବାସ।

## ୨୬ରେ କ୍ୱାଡ୍ ବୈଠକ

୨୬ ତାରିଖରେ କ୍ୱାଡ୍ରିଲାଟେରାଲ ସିକ୍ୟୁରିଟି ଡାଏଲଗ୍ (କ୍ୱାଡ୍) ଦେଶର ବୈଦେଶିକ ମନ୍ତ୍ରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ବୈଠକରେ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନ (୪ଟି କ୍ୱାଡ୍ ଦେଶ)ର ବୈଦେଶିକ ମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ରଣନୈତିକ ଶିଖର ସମ୍ମିଳନୀରେ ଭାରତ-ପ୍ରଶାନ୍ତ ମହାସାଗର ସୁରକ୍ଷା, ସାମୁଦ୍ରିକ ସହଯୋଗ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ପଶ୍ଚିମ ଏସିଆରେ ଆଞ୍ଚଳିକ ପ୍ରଭାବ ଆଦି ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯିବ। ଭାରତର ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ହାଇ-ପ୍ରୋଫାଇଲ୍ ବୈଠକର ଅଧ୍ୟକ୍ଷତା କରିବେ। ଏହି ବୈଠକରେ ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସମେତ ଅଷ୍ଟ୍ରେଲିଆର ବିଦେଶ ମନ୍ତ୍ରୀ ପେନି ୱଙ୍ଗ୍ ଏବଂ ଜାପାନର ବିଦେଶ ମନ୍ତ୍ରୀ ମୋତେଗୀ ତୋଶିମିତ୍ସୁ ସାମିଲ ହେବେ।



## ସେନା ତଥ୍ୟ ହସ୍ତାନ୍ତର କରି ଭାରତୀୟ ଗିରଫ



ନୂଆଦିଲ୍ଲୀ, ୨୨।୫: ପାକିସ୍ତାନର ହ୍ୟାଣ୍ଡଲରମାନଙ୍କୁ ଭାରତୀୟ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ଗତିବିଧି ସହ ଜଡ଼ିତ ସମ୍ବେଦନଶୀଳ ସୂଚନା ସେୟାର କରିବା ଅଭିଯୋଗରେ ପଞ୍ଜାବ ପୋଲିସ ପଠାନକୋଟ ଜିଲ୍ଲାର ବଲଜିତ ସିଂହ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ବଲଜିତ ସିଂହ ଜାତୀୟ ରାଜପଥ-୪୪ ର ପଠାନକୋଟ-ଜମ୍ମୁ ପାର୍ଶ୍ୱ ନିକଟରେ ସୈନ୍ୟ ଗତିବିଧି ଉପରେ ନଜର ରଖିବା ପାଇଁ ଏକ ଇଣ୍ଟରନେଟ୍-ସକ୍ଷମ ସିସି ଟିଭି କ୍ୟାମେରା ସ୍ଥାପନ କରିଥିବା ଜଣାପଡ଼ିଛି। ଫୁଟେଜ୍ ନେବା ପରେ ସୀମା ଆରପାରିର ହ୍ୟାଣ୍ଡଲରମାନଙ୍କୁ ସେସବୁ ପଠାଯାଇଥିବା କର୍ତ୍ତୃପକ୍ଷ ଦାବି କରିଛନ୍ତି। ତଦନ୍ତକାରୀଙ୍କ ଅନୁଯାୟୀ, ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ନିକଟସ୍ଥ ଏକ ସେତୁ ନିକଟରେ ଏକ ଦୋକାନରେ କ୍ୟାମେରା ରଖାଯାଇଥିଲା। ପୋଲିସ ବିଶ୍ୱାସ କରୁଛି ଯେ ଅଭିଯୁକ୍ତ ସୁରକ୍ଷା ବାହିନୀର ଗତିବିଧି ଉପରେ ନଜର ରଖିବା ଏବଂ ଲାଇଭ୍ ଅପଡେଟ୍ ପ୍ରଦାନ କରିବା ପାଇଁ ନିରୀକ୍ଷଣ ବ୍ୟବସ୍ଥା ବ୍ୟବହାର କରିଥିଲା। ପ୍ରାରମ୍ଭିକ ତଥ୍ୟରୁ ଜଣାପଡିଛି ଯେ ସେ ଏହି କାର୍ଯ୍ୟକଳାପ ପାଇଁ ନିର୍ଦ୍ଦେଶ ସହିତ ଦେୟ ମଧ୍ୟ ପାଉଥିଲେ। ଅଧିକାରୀମାନେ ଏବେ ଏହାପଛରେ ଥିବା ଏକ ବ୍ୟାପକ ନେଟୱାର୍କ କାମ କରୁଥାଇପାରେ ବୋଲି ଆଶଙ୍କା କରି ତଦନ୍ତ କରିବା ସହିତ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଚଳାଇଛନ୍ତି।

## ସାଇପ୍ରସ୍ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା



ନୂଆଦିଲ୍ଲୀ, ୨୨।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସରେ ସାଇପ୍ରସ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଲିଡେସଙ୍କୁ ଭେଟିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ଭାରତ ଏବଂ ସାଇପ୍ରସ ସହଯୋଗ ବିସ୍ତାର ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଏହି ବୈଠକରେ ଦୁଇ ଦେଶ ମଧ୍ୟରେ ବହୁବିଧ କୂଟନୈତିକ ଏବଂ ରଣନୈତିକ ସମ୍ପର୍କକୁ ମଜଭୁତ କରିବା ନେଇ ଗୁରୁତ୍ୱାରୋପ କରାଯାଇଛି। ଦ୍ୱିପାକ୍ଷିକ ଆଲୋଚନା ଅବସରରେ ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ସଂସ୍କୃତି, ପ୍ରତିରକ୍ଷା ଏବଂ ସୁରକ୍ଷା ସମେତ ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା ହୋଇଥିବା ଆଶା କରାଯାଉଛି। ସେହିପରି କୃତ୍ରିମ ବୁଦ୍ଧିମତ୍ତା, ଫିନଟେକ୍, ନବସୃଜନ ଏବଂ ଗବେଷଣା ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକ ମଧ୍ୟ ଏଜେଣ୍ଡାରେ ଗୁରୁତ୍ୱବହନ କରିଥିଲା। ସାଇପ୍ରସ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଲିଡ୍ସ ୨୦ ତାରିଖଠାରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ସହିତ ଭାରତଗସ୍ତରେ ଅଛନ୍ତି। ଏହି ଗସ୍ତ ୨୩ ତାରିଖରେ ଶେଷ ହେବ। ଦୁଇ ରାଷ୍ଟ୍ର ମଧ୍ୟରେ ରାଜନୈତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ସମ୍ପ୍ରତି କୂଟନୈତିକ ଆଦାନପ୍ରଦାନକୁ ଆହୁରି ନିର୍ମାଣ କରିବା ପାଇଁ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

## ଇଞ୍ଜିନରେ ଲାଗିଲା ନିଆଁ, ଏୟାର ଇଣ୍ଡିଆ ବିମାନର ଇମର୍ଜେନ୍ସି ଲ୍ୟାଣ୍ଡିଂ

ନୂଆଦିଲ୍ଲୀ,୨୨।୫: ମଝି ଆକାଶରେ ଟଳିଲା ବଡ଼ ବିପଦ। ପୁଣି ଏୟାର ଇଣ୍ଡିଆ ବିମାନରେ ତ୍ରୁଟି। ଇଞ୍ଜିନରେ ନିଆଁ ଲାଗିବାରୁ ଏୟାର ଇଣ୍ଡିଆ ବିମାନର ଏମଜେନ୍ସି ଲ୍ୟାଣ୍ଡିଂ ହୋଇଛି। ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ବେଙ୍ଗାଲୁରୁରୁ ଦିଲ୍ଲୀ ଆସୁଥିଲା ଏ-୩୨୦ ଏୟାର ଇଣ୍ଡିଆ ବିମାନ। ଇଞ୍ଜିନ୍‌ରେ ନିଆଁ ଲାଗିବା ନେଇ ଦିଲ୍ଲୀ ବିମାନବନ୍ଦରର ରନୱେ ୨୯-ଆରରେ ବିମାନଟି ଅବତରଣ କରିଥିଲା ଏମର୍ଜେନ୍ସି ଲ୍ୟାଣ୍ଡିଂ କରାଯାଇଛି। ଜରୁରୀ ଅବତରଣ ପାଇଁ ଏଟିସିକୁ ଅନୁମତି ମଗାଯାଇଥିଲା। ବିମାନକୁ ରନ୍ ୱେରେ ଅଟକାଇ ଯାଞ୍ଚ କରାଗଲା। ଅଗ୍ନିକାଣ୍ଡରେ କୌଣସି ବିପଦ ନଥିବା ସୂଚନା ମିଳିଛି। ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ପାଇଲଟଙ୍କ ଉପସ୍ଥିତି ଯୋଗୁଁ ବଡ଼ ବିପଦ ଟଳିଯାଇଛି। ଗତବର୍ଷ ଜୁନ୍ ୧୨ରେ ଅହମ୍ମଦାବାଦରେ ଏୟାରଇଣ୍ଡିଆ ପ୍ଲେନ୍ କ୍ରାସ୍ ପରେ ବିମାନଯାତ୍ରା ସୁରକ୍ଷାକୁ ନେଇ ବଡ଼ ଧରଣର ବିପଦ ଦେଖାଦେଇଛି। ଗତକାଲି ବେଙ୍ଗାଲୁରୁରେବି ଏୟାରଇଣ୍ଡିଆର ଏକବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲା।

ଗୁରୁବାର ଏୟାର ଇଣ୍ଡିଆର ୨ଟି ବିମାନ ଦୁର୍ଘଟଣାର ସାମ୍ନା କରିଥିଲା। ବେଙ୍ଗାଲୁରୁରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ଏହି ବିମାନଟି ଅବତରଣ କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଅଧିକାରୀଙ୍କ କହିବାନୁସାରେ, ଅବତରଣ କରିବା ସମୟରେ ବିମାନର ପଛ ଭାଗ ଭୂମିକୁ ସ୍ପର୍ଶ କରି ଥିଲା। ହେଲେ ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିବାରେ ସଫଳ ହୋଇଛି। ଟେଲ୍ ଷ୍ଟ୍ରାଇକର ଏହି ଘଟଣାରେ ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି।



## ଆମେରିକାରେ ହୋଇଥିଲା ରାଜୀବ ଗାନ୍ଧିଙ୍କ ହତ୍ୟା ଷଡ଼ଯନ୍ତ୍ର



ନୂଆଦିଲ୍ଲୀ, ୨୨।୫: ଆମେରିକାରେ ରାଜୀବ ଗାନ୍ଧିଙ୍କୁ ହୋଇଥିଲା ମର୍ଡର ପ୍ଲାନ। ଏପରି ସାଂଘାତିକ ଷଡଯନ୍ତ୍ର କରିଥିଲେ ଜଣେ ସଫ୍ଟୱେର ଇଞ୍ଜିନିୟର। ଏଲଟିଟିଇ ଆକ୍ରମଣର ୬ ବର୍ଷ ପୂର୍ବରୁ ପ୍ରସ୍ତୁତ ହୋଇଥିଲା ପ୍ଲାନ। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଦିବଂଗତ ରାଜୀବ ଗାନ୍ଧିଙ୍କ ସଂପର୍କରେ ଏମିତି କିଛି ଖୁଲାସା ଦେଶରେ ସୃଷ୍ଟି କରିଛି ଆଲୋଡନ। ଏହି ସଫ୍ଟୱେର ଇଞ୍ଜିନିୟର ଜଣଙ୍କର ପ୍ରକୃତ ପରିଚୟ ଖଲିସ୍ତାନୀ ଆତଙ୍କବାଦୀ ଗୁରୁପ୍ରତାପ ସିଂ ବିର୍କ ଓରଫ ଜନ୍ ସିଂ। ଆତଙ୍କୀ ବିର୍କର ଉଦ୍ଦେଶ୍ୟ ଥିଲା ଭାରତରେ ହିଂସା ଘଟାଇବା। ୧୯୮୫ ମସିହାରେ ରାଜୀବ ଗାନ୍ଧି ଆମେରିକା ଗସ୍ତ ସମୟରେ ହତ୍ୟା ଷଡଯନ୍ତ୍ର କରାଯାଇଥିଲା। ଏପରି କିଛି ଖୁଲାସା କରିଛି ଏଫବିଆଇ। ରାଜୀବ ଗାନ୍ଧିଙ୍କ ହତ୍ୟା ଷଡଯନ୍ତ୍ରର ରିଂ ମାଷ୍ଟର ଥିବା ବିର୍କ ଓ ତାର ସହଯୋଗୀ ମାନେ ଏକ ଆତଙ୍କୀ ଶିବିରରେ ଯୋଗ ଦେଇଥିଲେ। ଯେଉଁଠାରେ ଖଲିସ୍ତାନୀ ଆତଙ୍କବାଦୀ ନିଯୁକ୍ତି ପାଇଥିବା ଲୋକଙ୍କୁ ବିସ୍ଫୋରକ, ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର, ହତ୍ୟା ଓ ଭାରତରେ ବ୍ରିଜ, ଟ୍ରେନ୍ ଏବଂ ପରମାଣୁ ପ୍ଲାଣ୍ଟ ଭଳି ଲକ୍ଷ୍ୟସ୍ଥଳକୁ ଉଡାଇବାରେ ଟ୍ରେନିଂ ଦିଆଯାଉଥିଲା।

୧୯୮୪ ମସିହା ଅକ୍ଟୋବରରେ ଇନ୍ଦିରା ଗାନ୍ଧୀଙ୍କ ହତ୍ୟାର ମାତ୍ର କିଛି ମାସ ପରେ ଏହି ଷଡ଼ଯନ୍ତ୍ର ସାମ୍ନାକୁ ଆସିଥିଲା।ସେତେବେଳେ ପଞ୍ଜାବରେ ଆତଙ୍କବାଦୀ କାର୍ଯ୍ୟକଳାପ, ଖଲିସ୍ତାନୀ ଉଗ୍ରବାଦ ଏବଂ ବିଚ୍ଛିନ୍ନତାବାଦ ବୃଦ୍ଧି ପାଉଥିଲା। ସରକାର ଏସବୁ ବନ୍ଦ କରିବାକୁ ପଦକ୍ଷେପ ନେଉଥିବାବେଳେ ବିଦେଶରେ ଥିବା ଶିଖ ପ୍ରବାସୀ ଗୋଷ୍ଠୀଙ୍କ ମଧ୍ୟରେ ଖଲିସ୍ତାନ ଦାବିକୁ ସମର୍ଥନ ମିଳିଥିଲା। ତେବେ ଭାଗ୍ୟ ଜୋରରୁ ସେଦିନ ରାଜୀବ ଗାନ୍ଧୀ ଖସି ପଳାଇଗଲେ। ଏସବୁ ଏଥିପାଇଁ ଘଟିଲା କାହିଁକନା ବିର୍କ ଓ ତାଙ୍କ ସହଯୋଗୀଙ୍କୁ ଟାର୍ଗେଟ ଫେଲ୍ ହୋଇଥିଲା। ସେମାନେ ପ୍ରଥମେ ହରିଆନାର ମୁଖ୍ୟମନ୍ତ୍ରୀ ଭଜନ ଲାଲଙ୍କୁ ଟାର୍ଗେଟ କରିଥିଲେ। ତେବେ ଏଫବିଆଇ ପୂର୍ବରୁ ସୂଚନା ପାଇ ଚଢାଉ କରିଥିଲା ଓ ହତ୍ୟା ଷଡଯନ୍ତ୍ର ଫେଲ୍ ମାରିଥିଲା।

ଆମେରିକାରେ ଷଡଯନ୍ତ୍ର ବିଫଳ ହେବାର ୬ ବର୍ଷ ପରେ ୧୯୯୧ରେ ରାଜୀବ ଗାନ୍ଧିଙ୍କୁ ହତ୍ୟା କରାଯାଇଥିଲା। ୧୯୯୧ ମସିହାରେ, ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ଏକ ଆତ୍ମଘାତୀ ବିସ୍ଫୋରଣରେ ରାଜୀବ ଗାନ୍ଧୀଙ୍କୁ ଶ୍ରୀଲଙ୍କା ସ୍ଥିତ ଆତଙ୍କବାଦୀ ସଂଗଠନ ଲିବରେସନ ଟାଇଗର୍ସ ଅଫ୍ ତାମିଲ ଏଲମ୍ (ଏଲଟିଟିଇ)ଦ୍ୱାରା ହତ୍ୟା କରାଯାଇଥିଲା। ୧୯୮୭ ମସିହାରେ ଶ୍ରୀଲଙ୍କାରେ ଭାରତୀୟ ସେନାକୁ ଭାରତୀୟ ଶାନ୍ତିରକ୍ଷା ବାହିନୀ ଭାବରେ ନିଯୁକ୍ତ କରିବାର ନିଷ୍ପତ୍ତି ପାଇଁ ଏଲଟିଟିଇ ରାଜୀବଙ୍କୁ ଟାର୍ଗେଟ କରିଥିଲା।

## ୨୪ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ତାରିଖ ଘୋଷଣା



**ଜୁନ୍ ୧୮ ରେ ହେବ ଭୋଟଗ୍ରହଣ**

**ଜୁନ୍ ୮ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ**

ନୂଆଦିଲ୍ଲୀ, ୨୨।୫: ଭାରତୀୟ ନିର୍ବାଚନ କମିଶନ ଶୁକ୍ରବାର ଦେଶର ୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଆସନ୍ତା ଜୁନ୍ ୧୮ ତାରିଖରେ ଏହି ଆସନଗୁଡ଼ିକ ପାଇଁ ଭୋଟଗ୍ରହଣ ହେବ। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବଗୌଡ଼ା ଏବଂ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ ଓ ଦିଗବିଜୟ ସିଂହଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଏହି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଦେଶର ୧୦ଟି ରାଜ୍ୟର ରାଜ୍ୟସଭା ସଦସ୍ୟମାନଙ୍କ କାର୍ଯ୍ୟକାଳ ଜୁନ୍ ୨୧ ରୁ ଜୁଲାଇ ୧୯ ତାରିଖ ମଧ୍ୟରେ ଶେଷ ହେବାକୁ ଯାଉଛି। ଏହି ରାଜ୍ୟସଭା ନିର୍ବାଚନ ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ କର୍ଣ୍ଣାଟକରେ ୪ଟି ଲେଖାଏ ଆସନ ପାଇଁ ହେବାକୁ ଯାଉଛି । ସେହିପରି ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ୩ଟି ଲେଖାଏଁ, ଝାଡ଼ଖଣ୍ଡରେ ୨ଟି ଏବଂ ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ ଓ ମିଜୋରାମରେ ଗୋଟିଏ ଲେଖାଏଁ ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ଏହି ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ଜୁନ୍ ୮ ତାରିଖ ରଖାଯାଇଛି।

କାର୍ଯ୍ୟକାଳ ଶେଷ ହେଉଥିବା ପ୍ରମୁଖ ନେତାମାନଙ୍କ ମଧ୍ୟରେ କର୍ଣ୍ଣାଟକରୁ କଂଗ୍ରେସ ଅଧ୍ୟକ୍ଷ ଖଡ଼ଗେ ଓ ଦେବଗୌଡ଼ା ରହିଛନ୍ତି। ଏହା ବ୍ୟତୀତ ରାଜସ୍ଥାନରୁ କେନ୍ଦ୍ରମନ୍ତ୍ରୀ ରବନୀତ ସିଂହ, ମଧ୍ୟପ୍ରଦେଶରୁ ଜର୍ଜ କୁରିଆନଙ୍କ କାର୍ଯ୍ୟକାଳ ମଧ୍ୟ ଶେଷ ହେବାକୁ ଯାଉଛି।

## ଯୁଦ୍ଧବିରତି ବେଳେ ଡ୍ରୋନ୍ ସଜାଡୁଛି ଇରାନ୍

ତେହେରାନ, ୨୨।୫: ଇରାନ ପୁଣି ଥରେ ନିଜକୁ ଦୃଢ ଭାବେ ପ୍ରସ୍ତୁତ କରିବାକୁ ଲାଗି ପଡ଼ିଛି। ଗତ ପାଖାପାଖି ଦେଢ ମାସରେ ଆମେରିକା ଓ ଇସ୍ରାଏଲର ଆକ୍ରମଣରେ ଇରାନର ବିଶେଷ କ୍ଷତି ହୋଇଛି। ଏବେ ଇରାନ ନିଜର ସାମରିକ ଶକ୍ତିକୁ ପୁଣି ଥରେ ଦୃଢ଼ କରିବା ଉପରେ ଜୋର ଦେଉଛି। ସିଏନଏନର ରିପୋର୍ଟ ଅନୁଯାୟୀ, ଇରାନ ଆଶାଠାରୁ ଅଧିକ ଜୋରରେ ଏହି କାମରେ ଲାଗି ପଡ଼ିଛି। ସୂତ୍ରାନୁସାରେ ରିପୋର୍ଟରେ କୁହାଯାଇଛି, ଯୁଦ୍ଧ ବିରତି ବେଳେ ଇରାନ ନିଜର ଡ୍ରୋନ୍ ପ୍ରଡକ୍ସନ ପୁଣି ଥରେ ଆରମ୍ଭ ମଧ୍ୟ କରି ସାରିଛି। ଆମେରିକୀୟ ଗୁଇନ୍ଦା ତଥ୍ୟରୁ ଜଣାପଡ଼ିଛି ଯେ, ଇରାନର ସେନା ପ୍ରାରମ୍ଭିକ ଅନୁମାନଠାରୁ ଆହୁରି ଅଧିକ ଦ୍ରୁତ ଗତିରେ ପୁନଃନିର୍ମାଣ କରୁଛି। ଜଣେ ଆମେରିକୀୟ ଅଧିକାରୀଙ୍କ କହିବା ଅନୁଯାୟୀ, ଇରାନୀମାନେ



ପୁଣି ଥରେ ଡ୍ରୋନ୍ ତିଆରି କରିବାର ସବୁ ସମୟ ସୀମାକୁ ଅତିକ୍ରମ କରି ନେଇଛି। ଏଥିରେ ମିସାଇଲ ସାଇଟ୍ସ , ଲଞ୍ଚର୍ସ ଓ ପ୍ରମୁଖ ଅସ୍ତ୍ରଶସ୍ତ୍ର ସିଷ୍ଟମକୁ ପରିବର୍ତ୍ତନ ଅନ୍ତର୍ଭୁକ୍ତ।

ଉକ୍ତ ରିପୋର୍ଟ ଏମିତି ସମୟରେ ଆସିଛି, ଯେତେବେଳେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧକୁ ବନ୍ଦ କରିବା ଦିଗରେ ଜୋରସୋରରେ ଚେଷ୍ଟା ଚାଲିଛି। ପାକିସ୍ତାନର ଗୃହମନ୍ତ୍ରୀ ମହସିନ ନକଭି ଗୁରୁବାର ଇରାନର ବୈଦେଶିକ ମନ୍ତ୍ରୀ ଅବାସ ଅରାଘଚୀଙ୍କୁ ସାକ୍ଷାତ କରିଥିଲେ ଏବଂ ଆମେରିକା-ଇରାନ ଶାନ୍ତି ଆଲୋଚନା ସମ୍ବନ୍ଧିତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ନକଭି ସପ୍ତାହେରୁ କମ୍ ସମୟରେ ଦ୍ୱିତୀୟ ଯାତ୍ରାରେ ବୁଧବାର ତେହରାନରେ ପହଞ୍ଚି ଥିଲେ। ଯୁଦ୍ଧଗ୍ରସ୍ତ ଆମେରିକା-ଇରାନ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ।

## ତ୍ୱିଶା ମୃତ୍ୟୁ ଘଟଣାର ତଦନ୍ତ କରିବ ସିବିଆଇ

**ପରିବାର ଦାବି ପରେ ମଧ୍ୟପ୍ରଦେଶ ସରକାରଙ୍କ ସୁପାରିସ**



ନୂଆଦିଲ୍ଲୀ, ୨୨।୫: ତ୍ୱିଶା ଶର୍ମାଙ୍କ ମୃତ୍ୟୁ ମାମଲାରେ ମଧ୍ୟପ୍ରଦେଶ ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି। ପରିବାରର ଦାବି ପରେ ଶୁକ୍ରବାର ଏହାର ତଦନ୍ତ ଭାର କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିବା ପାଇଁ ସୁପାରିଶ କରିଛନ୍ତି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ମାମଲାର ସମ୍ପୂର୍ଣ୍ଣ ଅନୁସନ୍ଧାନ ଦାୟିତ୍ୱ ଦେଶର ଏହି ଶୀର୍ଷ କେନ୍ଦ୍ରୀୟ ସଂସ୍ଥାକୁ ହସ୍ତାନ୍ତର କରିବା ପାଇଁ ନିଜର ସହମତି ପ୍ରଦାନ କରିଛନ୍ତି।

ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିସମେଣ୍ଟ୍ ଆକ୍ଟ, ୧୯୪୬'ର ଧାରା ୬ ଅଧୀନରେ ଥିବା କ୍ଷମତାର ପ୍ରୟୋଗ କରି ମଧ୍ୟପ୍ରଦେଶ ସରକାର ରାଜ୍ୟପାଳଙ୍କ ନାମରେ ଏହି ଆନୁଷ୍ଠାନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି, ଯାହାଫଳରେ ସିବିଆଇ ଅଧିକାରୀମାନେ ଏହି ନିର୍ଦ୍ଦିଷ୍ଟ ମାମଲାର ତଦନ୍ତ ପାଇଁ ସମଗ୍ର ମଧ୍ୟପ୍ରଦେଶରେ ନିଜର ଆଇନଗତ ଅଧିକାର ପ୍ରୟୋଗ କରିପାରିବେ। ଏହି ସରକାରୀ ନିର୍ଦ୍ଦେଶନାମାରେ ମୂଳ ଅପରାଧ ସହିତ ଜଡ଼ିତ କୌଣସି ବି ପ୍ରକାରର ଅପରାଧିକ ଷଡ଼ଯନ୍ତ୍ର ଓ ପ୍ରରୋଚନାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ସିବିଆଇକୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି। ଗୃହ ବିଭାଗର ସଚିବଙ୍କ ସ୍ୱାକ୍ଷର ସମ୍ବଳିତ ଏହି ସରକାରୀ ବିଜ୍ଞପ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଏବଂ ମାମଲା ସହ ଜଡ଼ିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିବା ପାଇଁ କେନ୍ଦ୍ର ଓ ରାଜ୍ୟର ସମସ୍ତ ଶୀର୍ଷ ଅଧିକାରୀଙ୍କ ନିକଟକୁ ପଠାଯାଇଛି।

ଏହି ସମୟରେ, ତ୍ୱିଶାଙ୍କ ପରିବାର ଏବଂ ତାଙ୍କ ଓକିଲ ଏବେ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କଡ଼ାକଡ଼ି କରିବାକୁ ପ୍ରସ୍ତୁତ ହେଉଛନ୍ତି।

## ୧୦୦ ଫୁଟ ଗଭୀର ଖାଇକୁ ଖସିଲା କାର, ୫ ମୃତ

ନୂଆଦିଲ୍ଲୀ ୨୨।୫: ଉତ୍ତରାଖଣ୍ଡର ନୈନିତାଲରେ ଗୁରୁବାର ଅପରାହ୍ନରେ ଭାୱାଲି-ସାନାଟୋରିୟମ ମୋଟର ରାସ୍ତାରେ ଏକ କାର ହଠାତ୍ ନିୟନ୍ତ୍ରଣ ହରାଇ ପ୍ରାୟ ୧୦୦ ଫୁଟ ଗଭୀର ଘାଟିରେ ଖସି ପଡ଼ିବାରୁ ୫ ଜଣଙ୍କର ମୃତ୍ୟୁ ଘଟିଛି। କାରରେ ୬ ଜଣ ଯାତ୍ରା କରୁଥିଲେ। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ନୈନିତାଲର ସର୍କଲ ଅଫିସରଙ୍କ ଅନୁଯାୟୀ, ମୃତକଙ୍କ ମଧ୍ୟରେ ଖାତିମା ନିବାସୀ ଗୋଟିଏ ପରିବାରର ଚାରିଜଣ ସଦସ୍ୟ ଅଛନ୍ତି। ଦୁର୍ଘଟଣାରେ କାରର ଡ୍ରାଇଭରଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଡ୍ରାଇଭରଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।



## ଟ୍ୟାଙ୍କରକୁ ଧକ୍କା ଦେଇ ଜଳିଗଲା ବସ୍, ୨ ମୃତ

ମୁମ୍ବାଇ, ୨୨।୫: ଉତ୍ତର ପ୍ରଦେଶର ଲକ୍ଷ୍ନୌ ଏକ୍ସପ୍ରେସୱେରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଗୁରୁବାର ରାତି ପ୍ରାୟ ୨ଟା ସମୟରେ କାନପୁରରୁ ଗୁରୁଗ୍ରାମ ଯାଉଥିବା ଏକ ଯାତ୍ରୀବାହୀ ବସ୍ ମାଟସେନା ଥାନା ଅଞ୍ଚଳର ମାଇଲଷ୍ଟୋନ୍ ୪୬ରେ ଆଗକୁ ଥିବା ଏକ କଣ୍ଟେନର ସହିତ ଧକ୍କା ଦେବାରୁ ବସଟି ଓଲଟି ପଡ଼ିବା ସହ ନିଆଁ ଲାଗି ଯାଇଥିଲା। ନିକଟବର୍ତ୍ତୀ ଅଞ୍ଚଳର ଲୋକମାନେ ଘଟଣାସ୍ଥଳକୁ ଆସି ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ତୁରନ୍ତ ପହଞ୍ଚିନିଆଁକୁ ଆୟତ୍ତ କରିଥିଲେ। ଏହି ଦୁର୍ଘଟଣାରେ ୧୮ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟର ଅନ୍ତର୍ଭୁକ୍ତ।

**ବିଶ୍ୱରେ ମେଲୋଡି କ୍ରେଜ୍**

## ବଢ଼ିଲା ପାର୍ଲେ ଇଣ୍ଡଷ୍ଟ୍ରିଜ୍ ଶେୟାର ମୂଲ୍ୟ

ନୂଆଦିଲ୍ଲୀ,୨୨।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଟାଲୀର ଲାସ୍ୟମୟୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କୁ 'ମେଲୋଡ଼ି' ଟଫିର ଉପହାର ଦେବା ପରେ ବିଶ୍ୱରେ ମେଲୋଡି ଟଫିର ଚାହିଦା ଅଚାନକ ଆକାଶଛୁଆଁ ହୋଇଯାଇଛି। ଏହାର ଉତ୍ପାଦନକାରୀ କମ୍ପାନୀ ପାର୍ଲେ ଇଣ୍ଡଷ୍ଟ୍ରିଜ୍ ପାଇଁ ରାତାରାତ୍ ଲକ୍ଷ୍ମୀ ପ୍ରସନ୍ନ ହୋଇଛନ୍ତି। ତିନିଦିନରେ କମ୍ପାନୀ ବହୁକୋଟି ରୋଜଗାର କରିଛି।

ତଥ୍ୟ ଅନୁଯାୟୀ, ପାର୍ଲେ ଇଣ୍ଡଷ୍ଟ୍ରିଜର ସେୟାର ଶୁକ୍ରବାର ୪.୯୦% ବଢି ୫.୭୮ ଟଙ୍କାରେ ପହଞ୍ଚିଥିଲା।୨୦୨୫ ମେ ମାସରେ ଏହି ଷ୍ଟକର ୫୨ ସପ୍ତାହର ସର୍ବୋଚ୍ଚ ମୂଲ୍ୟ ୧୭.୪୪ ଟଙ୍କା ଥିଲା। କମ୍ପାନୀର ବଜାର ପୁଞ୍ଜି ବର୍ତ୍ତମାନ ପ୍ରାୟ ୨୮.୨୩ କୋଟି ଟଙ୍କାରେ ପହଞ୍ଚିଛି। ତିନି ଦିନ ପୂର୍ବେ ଏହାର ବଜାର ପୁଞ୍ଜି ୨୫ କୋଟି ଟଙ୍କାରୁ ବି କମ୍ ଥିଲା। ନିବେଶକମାନେ ମାତ୍ର ତିନି ଦିନରେ ଏହି କମ୍ପାନୀରେ ନିବେଶ କରି ୩ କୋଟିରୁ ଅଧିକ




ରୋଜଗାର କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଟାଲି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କୁ 'ମେଲୋଡ଼ି' ଟଫିର ଏକ ପ୍ୟାକେଟ୍ ଉପହାର ଦେଇଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଦେଶ ବିଦେଶରେ 'ମେଲୋଡି' ଟଫିର ଚାହିଦାରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଫଳରେ ପାର୍ଲେ ପ୍ରଡକ୍ଟକୁ ଏହାର ଉତ୍ପାଦନ ବଢ଼ାଇବାକୁ ପଡ଼ିଛି ବୋଲି କମ୍ପାନିର ଉପସଭାପତି ମୟାଙ୍କ ଶାହ ଏନେଇ ସୂଚନା ଦେଇଛନ୍ତି। ଏକ ଗଣମାଧ୍ୟମ ସାକ୍ଷାତ୍କାରରେ ଶାହ କହିଛନ୍ତି ଯେ, ଏହି ମୁହୂର୍ତ୍ତ ବ୍ରାଣ୍ଡର ଇତିହାସରେ ସବୁଠୁ ବଡ଼ କ୍ୟାମ୍ପେନ୍। କମ୍ପାନି ଏବେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ସ୍ୱଦେଶୀ ବ୍ରାଣ୍ଡ ସମର୍ଥନକୁ ଆଗକୁ ବଢ଼ାଇବ। ପାର୍ଲେ ପ୍ରଡକ୍ଟସ୍ ଏବେ ବିଶ୍ୱବ୍ୟାପୀ ମେଲୋଡିର ଉପସ୍ଥିତିକୁ ଆହୁରି ମଜଭୂତ କରିବା ପାଇଁ କାର୍ଯ୍ୟ କରିବ। ସମ୍ପ୍ରତି ମେଲୋଡି ଟଫି ବିଶ୍ୱର ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ଉପଲବ୍ଧ। ଗ୍ରାହକ ଏବଂ ବିତରକଙ୍କ ପକ୍ଷରୁ ମିଳିଥିବା ରେସ୍ପନ୍ସକୁ ନେଇ ମୟାଙ୍କ ଶାହ କହିଛନ୍ତି ଯେ, ବିତରକମାନଙ୍କଠାରୁ ପ୍ରାରମ୍ଭିକ ପ୍ରତିକ୍ରିୟା ମିଳିଛି। ସେମାନଙ୍କ ମୁତାବକ ବଜାରରେ ହଠାତ୍ ଏହି ଟଫିର ଚାହିଦା ବଡ଼ ମାତ୍ରାରେ ବୃଦ୍ଧି ପାଇଛି।

# ୫ ବାଂଲା ନିର୍ବାସିତଙ୍କୁ ଫେରାଇ ଅଣାଯିବଃ କେନ୍ଦ୍ର



ନୂଆଦିଲ୍ଲୀ, ୨୨।୫ ଃବାଂଲାଦେଶକୁ ନିର୍ବାସିତ କରାଯାଇଥିବା ୫ଜଣଙ୍କୁ ଫେରାଇ ଆଣିବା ସହ ସେମାନଙ୍କର ନାଗରିକତା ଦାବି ଉପରେ ଯାଞ୍ଚ କରିବାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ନାଗରିକତା ଯାଞ୍ଚ୍ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବା ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି। ବଙ୍ଗଳା ଭାଷାରେ କଥା ହେଉଥିବା ଲୋକମାନଙ୍କୁ ବିଦେଶୀ ସନ୍ଦେହ କରି ସେମାନଙ୍କୁ ଦେଶାନ୍ତର କରିବା ଉପରେ ଆଇନଗତ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଏକ ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାର ଏହା କହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଦାଲତରେ ହାଜର ହୋଇ ଶୁକ୍ରବାର ତୁଷାର ମେହେଟା ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଆଗରେ କହିଛନ୍ତି ଯେ, ଘଟଣାର ସ୍ୱତନ୍ତ୍ର ସ୍ଥିତିକୁ ବିଚାରକୁ ନେଇ ଏଭଳି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ନିଷ୍ପତ୍ତିକୁ ସମାନ ଭିତ୍ତି ରଖୁଥିବା ଅନ୍ୟ ମାମଲା ପାଇଁ ଏକ ଦୃଷ୍ଟାନ୍ତ ଭାବରେ ବିବେଚନା କରାଯିବ ନାହିଁ ବୋଲି କେନ୍ଦ୍ର ସ୍ପଷ୍ଟ କରିଦେଇଛି। ୨୦୨୫ ମସିହାରେ ବାଂଲାଦେଶକୁ ପଠାଇ ଦିଆଯାଇଥିବା ୬ ଜଣଙ୍କୁ ଫେରାଇ ଆଣିବା ଲାଗି ପୂର୍ବରୁ କେନ୍ଦ୍ର ସରକାରଙ୍କୁ କୋଲକାତା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ସହିତ ଏହି ମାମଲାର ସିଧାଳସଖ ସଂଯୋଗ ରହିଛି। ସୂଚନାଯୋଗ୍ୟ ଯେ, ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ୬ ଜଣଙ୍କ ମଧ୍ୟରୁ ଶିଶୁକନ୍ୟା ସହ ସୁନାଲି ଖାତୁନଙ୍କୁ ମାନବୀୟ ଦୃଷ୍ଟିକୋଣରୁ ଭାରତକୁ ଫେରାଇ ଅଣାଯାଇଛି।

● ୧୯ତମ ରୋଜଗାର ମେଳା

# ଓଡ଼ିଶାର ୧୮୬ ଜଣ ପାଇବେ ନିଯୁକ୍ତି

ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ)ଃ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଦେଶର ୪୭ଟି ସ୍ଥାନରେ ୧୯ତମ ରୋଜଗାର ମେଳା ଆୟୋଜିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ଓ ଏହି ଅବସରରେ ସମାବେଶକୁ ସମ୍ବୋଧିତ ମଧ୍ୟ କରିବେ।

ଦେଶବ୍ୟାପୀ ପାଳିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଏକ ଅଂଶସ୍ୱରୂପ ଭୁବନେଶ୍ୱରଠାରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ରୋଜଗାର ମେଳା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ସମୟରେ ଓଡ଼ିଶାର ୧୮୬ ଜଣ ପ୍ରାର୍ଥୀ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତିପତ୍ର ଗ୍ରହଣ କରିବେ। ନବନିଯୁକ୍ତ ପ୍ରାର୍ଥୀମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ଯୋଗଦେବେ, ଯେଉଁଥିରେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ସାମିଲ ରହିଛି।

ରୋଜଗାର ମେଳା ହେଉଛି ଭାରତ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଉଦ୍ଦେଶ୍ୟ ରୋଜଗାର ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଏବଂ ଯୁବକଯୁବତୀମାନଙ୍କୁ ସାର୍ଥକ ସୁଯୋଗ ପ୍ରଦାନ କରିବା। ଏହାର ଆରମ୍ଭଠାରୁ ଦେଶରେ ୧୮ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଣ୍ଟନ କରାଯାଇସାରିଛି, ଯାହା ରୋଜଗାର ସୃଷ୍ଟି ଓ ଯୁବ ସଶକ୍ତିକରଣ ପ୍ରତି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ଯୁକ୍ତ-୨ ଇଂରାଜୀଃ ୧୦୦ରୁ ୧୦୨ ମାର୍କ ରଖିଲେ ଛାତ୍ର




କଟକ, ୨୨।୫ (ସଂଚାର ବ୍ୟୁରୋ)ଃ ରେଭେନ୍ସା ଜୁନିୟର କଲେଜର ଯୁକ୍ତ ୨ ଛାତ୍ର ବିଶ୍ୱଜିତ ଓରାମ ଇଂରାଜୀ ବିଷୟରେ ୧୦୦ରୁ ୧୦୨ ମାର୍କ ରଖିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିରୁ ଯୁକ୍ତ ୨ ପରୀକ୍ଷା ଖାତା ଦେଖିବାରେ ଅବହେଳା ଓ ତ୍ରୁଟି ହୋଇଥିବା ଅଭଯୋଗ ହୋଇଥିବା ବେଳେ ଏହି ଘଟଣାକୁ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଭୁଲ୍ ସ୍ୱୀକାର କରିଛନ୍ତି। ଏହା କମ୍ପ୍ୟୁଟର ଜନିତ ତ୍ରୁଟି ହୋଇଥାପାରେ ବୋଲି ସିଏଚଏସଇ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ସିଏଚଏସଇ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା କହିଛନ୍ତି ଯେ, ଏହା ଏକ କମ୍ପ୍ୟୁଟର ଜନିତ ତ୍ରୁଟି। ଏହାକୁ ସଂଶୋଧନ କରାଯିବ। ଇଂରାଜୀ ବିଷୟରେ ୨୦ ମାର୍କ ଇଣ୍ଟରନାଲ ଓ ୮୦ ମାର୍କ ଥିଓରୀ ରହିଛି। ରେଭେନ୍ସା ଜୁନିୟର ଛାତ୍ର ବିଶ୍ୱଜିତ ଓରାମଙ୍କ କ୍ଷେତ୍ରରେ ଇଂରାଜୀ ପେପର ଥିଓରୀରେ ବୋଧେ ୩ ମାର୍କ ଗ୍ରେସ୍ ଚଢ଼ିଛି, ଯାହା ଫଳରେ ୮୨ ମାର୍କ ହୋଇଯାଇଛି। ଆମେ ଏ ନେଇ ସ୍କ୍ରିନିଂ କରିବୁ। ଅନଲାଇନରେ ମିଳିଥିବା ମାର୍କସିଟ୍‌ରେ ତ୍ରୁଟି ଥାଇପାରେ ବୋଲି ସେ ସଫେଇ ଦେଇଛନ୍ତି।

# ଷ୍ଟାଲିନଙ୍କ ମାମଲା, ଶୁଣାଣିରୁ ଓହରିଲେ ଦୁଇ ଜଷ୍ଟିସ୍

ନୂଆଦିଲ୍ଲୀ, ୨୨।୫ଃ ସୁପ୍ରିମକୋର୍ଟର ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଜଷ୍ଟିସ୍ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ନିଜକୁ ଏକ ବଡ଼ ମାମଲାରୁ ଦୂରେଇ ରଖିଛନ୍ତି । ଏହି ମାମଲାଟି ୨୦୧୧ ବିଧାନସଭା ନିର୍ବାଚନ ସମୟରେ କୋଲାଥୁର ନିର୍ବାଚନ ମଣ୍ଡଳୀରୁ ଡିଏମକେ ନେତା ଏମ୍.କେ. ଷ୍ଟାଲିନଙ୍କ ବିରୋଧରେ ଏଆଇଏଡିଏମକେ ନେତା ସାଇଦାଇ ଏସ୍. ଦୁରାଇସାମୀଙ୍କ ଦ୍ୱାରା ଦାଖଲ ହୋଇଥିବା ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟକଳାପ ଅଭିଯୋଗ ସହ ଜଡ଼ିତ ଥିଲା। ଜାନୁଆରୀ ଏବଂ ଫେବ୍ରୁଆରୀ ମାସରେ ଅନେକ ଦିନ ଧରି ଏହି ଅପିଲ୍ ଉପରେ ବ୍ୟାପକ ଶୁଣାଣି ହେବା ପରେ ଏବଂ ଗତ ୧୯ ଫେବୃଆରୀରେ ରାୟ ସଂରକ୍ଷିତ ରଖାଯିବା ପରେ ଦୁଇ ବିଚାରପତିଙ୍କର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ଏହି ମାମଲାଟି ୨୦୧୭ ମସିହାରୁ ସୁପ୍ରିମକୋର୍ଟରେ



ବିଚାରାଧୀନ ଥିବା ବେଳେ ପ୍ରାୟ ୩ ବର୍ଷର ବ୍ୟବଧାନ ପରେ ସେପ୍ଟେମ୍ବର ୨୦୨୫ ଶେଷ ଆଡ଼କୁ ଏହାର ନିୟମିତ ଶୁଣାଣି ଆରମ୍ଭ ହୋଇଥିଲା। ଗତ ୧୫ ମେ'ରେ ଦିଆଯାଇଥିବା ଏକ ସଂକ୍ଷିପ୍ତ ଆଦେଶରେ ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ, ଏହି ଆବେଦନକୁ ଅନ୍ୟ ଏକ ଖଣ୍ଡପୀଠ ସମ୍ମୁଖରେ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଉ, ଯେଉଁଥିରେ ସେମାନଙ୍କ ମଧ୍ୟରୁ କେହି ସଦସ୍ୟ ନଥିବେ। ଭାରତର ପ୍ରଧାନ ବିଚାରପତିଙ୍କଠାରୁ ଉପଯୁକ୍ତ ନିର୍ଦ୍ଦେଶ ଆଣିବା ପରେ ଏହି ପୁନଃ ଶୁଣାଣି କରାଯିବ। ସୂଚନାଯୋଗ୍ୟ ଯେ, ମେ' ମାସ ଶେଷ ଆଡ଼କୁ କୋର୍ଟରେ ଗ୍ରୀଷ୍ମକାଳୀନ ଛୁଟି ଆରମ୍ଭ ହେବାକୁ ଯାଉଥିବା ବେଳେ ଆସନ୍ତା ମାସ ଜୁନ୍ ୨୮ ତାରିଖରେ ଜଷ୍ଟିସ୍ ମାହେଶ୍ୱରୀ ଅବସର ନେବାକୁ ଯାଉଛନ୍ତି।

# ତାଲା ଭାଙ୍ଗି ଘରକୁ ପଶିଲା ଇଡି

କୋଲକାତା,୨୨।୫(ସଂଚାର ବ୍ୟୁରୋ)ଃ ଶୁକ୍ରବାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ଇଡି) କୋଲକାତାର ବିଭିନ୍ନ ସ୍ଥାନରେ ଚଢାଉ କରିଛି। ଇଡି ପକ୍ଷରୁ କାନ୍ଦିରେ ଥିବା କାଳିଘାଟ ଥାନାର ପୂର୍ବତନ ଓସି ଶାନ୍ତନୁଙ୍କ ବାସଭବନରେ ଚଢ଼ାଉ କରିଛି। ଶାନ୍ତନୁଙ୍କର ସେଠାରେ ଏକ ବିଳାଶପୂର୍ଣ୍ଣ ବାସଭବନ ଅଛି। ତାଙ୍କର ପୈତୃକ ଘର କାନ୍ଦି ମ୍ୟୁନିସିପାଲିଟିର ୮ ନମ୍ବର ୱାର୍ଡରେ ଅବସ୍ଥିତ। ଗତ ସାତଦିନ ଧରି ଘରେ ତାଲା ପଡ଼ିଥିଲା। ଶାନ୍ତନୁ ସିହ୍ନା ବିଶ୍ୱାସଙ୍କ ଭଉଣୀ ଗୌରୀ ସିହ୍ନା ବିଶ୍ୱାସ ବର୍ତ୍ତମାନ କାନ୍ଦି ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି। ସେ ବି ଘରଠାରୁ ଦୂରରେ ଅଛନ୍ତି। ଇଡି ଅଧିକାରୀମାନେ ତାଲା ଭାଙ୍ଗି ଘରେ ପ୍ରବେଶ କରିଥିଲେ।

# ତେଲ ପରେ ରାଜ୍ୟରେ ସାର ସଙ୍କଟ



**ଉତ୍ପାଦନ ବନ୍ଦ କରିଛି ଇଫକୋ, ପିପିଏଲକୁ କଞ୍ଚାମାଲ ଅଭାବ**

**ଅପପ୍ରଚାରରେ ଭୟଭୀତ ହୁଅନ୍ତୁନି**

**ମାର୍କଫେଡକୁ ଦିଆଗଲା ସାର ଯୋଗାଣ ଦାୟିତ୍ୱ**

**କଳାବଜାରୀ ଓ ହୋର୍ଡିଂ ରୋକିବାକୁ ସ୍କ୍ୱାଡ୍ ଗଠନ**

ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ)ଃ ତେଲ ପରେ ଏବେ ସାରକୁ ନେଇ ଓଡ଼ିଶା ଉପରେ ପଡ଼ିଛି ହର୍ମୁଜ ପ୍ରଭାବ। ରାଜ୍ୟରେ ସାରର ଅଭାବ ସୃଷ୍ଟି ହୋଇଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ରାଜ୍ୟର ଅନେକ ସ୍ଥାନରେ ବଜାରରେ ସାର ଅଭାବ ଦେଖାଦେଇଥିବା ବେଳେ ଯେଉଁଠି ବି ଅଛି ବଢ଼ା ଦରରେ ବିକ୍ରି ହେଉଛି। ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପାଇଁ କଞ୍ଚାମାଲ ଆସିବାରେ ବାଧା ଉପୁଜିଛି। ଏହା ଫଳରେ ପାରାଦୀପରେ ପ୍ରମୁଖ ଫର୍ଟିଲାଇଜର କମ୍ପାନୀ ଇଫକୋ ତା'ର ଉତ୍ପାଦନ ବନ୍ଦ ରଖିଛି। ଆମୋନିଆ, ସଲଫର, ରକ୍ ଫସଫେଟ, ଫସଫରିକ ଏସିଡ ପ୍ରଭୃତି କଞ୍ଚାମାଲ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ପାରାଦୀପ ପୋର୍ଟ ଦେଇ ଆମଦାନୀ କରିଥାଏ ଇଫକୋ। ହେଲେ ଆମଦାନୀ ହୋଇ ନ ପାରିବାରୁ ଏବେ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି।

କଞ୍ଚାମାଲ ଅଭାବରୁ ଅନ୍ୟତମ ପ୍ରମୁଖ ସାର କମ୍ପାନୀ ପିପିଏଲ ମଧ୍ୟ ସମାନ ଅବସ୍ଥା ଭୋଗିବାକୁ ଯାଉଛି। ଦୁଇ ଦିନ ହେଲା ପିପିଏଲ ପାଇଁ ମାତ୍ର ୨୩ ହଜାର ୭୯୯ ମେଟ୍ରିକ ଟନ୍ ଆମୋନିଆ ଆଣି ପାରାଦୀପ ଆସିଛି ଏମଟି ପୋଲାର୍ ଜାହାଜ। ସେପଟେ ଅଧିକ ଦିନ ଏଭଳି ଅବସ୍ଥା ଲାଗି ରହିଲେ ସରକାର ବିକଳ୍ପ ବ୍ୟବସ୍ଥା କରିବେ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ। ଖୁବ୍‌ଶୀଘ୍ର ସ୍ଥିତି ସ୍ୱାଭାବିକ ହୋଇଯିବ ବୋଲି ଆଶ୍ୱାସନା ଦେବା ସହ ମାର୍କଫେଡରେ ୬୬ ହଜାର ୯୧୮ ମେଟ୍ରିକ୍ ଟନ ସାର ମହଜୁଦ ଥିବା ସେ ସୂଚନା ଦେଇଛନ୍ତି।

ରାଜ୍ୟରେ ସାରକୁ ନେଇ ଉପୁଜିଥିବା ସଙ୍କଟ ବେଳେ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ରାଜ୍ୟରେ ସାର ସାର ଦରବୃଦ୍ଧିକୁ ନେଇ କୌଣସି ପ୍ରକାର ଅପପ୍ରଚାରରେ ଭୟଭୀତ ନ ହେବାକୁ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଅପିଲ କରାଯାଇଛି। ସରକାରଙ୍କ ପକ୍ଷରୁ ମାର୍କଫେଡକୁ ସାର ଯୋଗାଣ ଦାୟିତ୍ୱ ଦିଆଯାଇଛି। ଯାହାଦ୍ୱାରା ସାର ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ମୋଟ ସାରର ୬୦ ପ୍ରତିଶତ ମାର୍କଫେଡ୍‌କୁ ଯୋଗାଇବେ। ହୋଲସେଲର ଭାବେ ପ୍ୟାକ୍ସ ଓ ଲ୍ୟାମ୍ପସ କାର୍ଯ୍ୟ କରିବେ। କଳାବଜାରୀ ଓ ସାର ମହଜୁଦ ରୋକିବା ପାଇଁ ବ୍ଲକ ଏବଂ ଜିଲ୍ଲା ସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ପଡ଼ୋଶୀ ରାଜ୍ୟକୁ ସାରର ବେଆଇନ ଚୋରା ଚାଲାଣ ରୋକିବା ପାଇଁ ସବୁ ସୀମାନ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଅନ୍ତର୍ଜାତୀୟ ଜୈବବିବିଧତା ଦିବସ

# ସ୍ଥାନୀୟ ପଦକ୍ଷେପରୁ ବିଶ୍ୱସ୍ତରୀୟ ପ୍ରଭାବ



ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ)ଃ ଓଡ଼ିଶା ଜୈବ ବିବିଧତା ବୋର୍ଡ ପକ୍ଷରୁ ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳନ କରାଯାଇଛି। ଚଳିତ ବର୍ଷର ମୂଳ ବିଷୟବସ୍ତୁ ଥିଲା 'ସ୍ଥାନୀୟ ପଦକ୍ଷେପର ବିଶ୍ୱସ୍ତରୀୟ ପ୍ରଭାବ'। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଙ୍ଗଲ ଓ ପରିବେଶ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ। ଶିମିଳିପାଳ ବାଘ ସଂରକ୍ଷଣ, ହାତୀ କରିଡରର ସୁରକ୍ଷା, ଭିତରକନିକାରେ କୁମ୍ଭୀର ପ୍ରଜନନ କାର୍ଯ୍ୟକ୍ରମ, ଅଲିଭ୍-ରିଡ୍‌ଲେ କଇଁଛ ସୁରକ୍ଷା, ହେନ୍ତାଳ ବନର ପୁନରୁଦ୍ଧାର, ସମୁଦାୟଭିତ୍ତିକ ବନ ସୁରକ୍ଷା, ବନାଗ୍ନି ପୂର୍ବ ସଚେତନତା ବ୍ୟବସ୍ଥା ଓ ବ୍ୟାପକ ଚାରା ରୋପଣ ଭଳି ପଦକ୍ଷେପ ଓଡ଼ିଶାକୁ ଲୋକକେନ୍ଦ୍ରିକ ସଂରକ୍ଷଣ ମଡେଲ୍ ଭାବେ ସ୍ୱତନ୍ତ୍ର ପରିଚୟ ଦେଇଛି।

ଏହି ଅବସରରେ ପୂର୍ବରୁ ଆୟୋଜିତ ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜୈବବିବିଧତା ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ୮ ଜଣଙ୍କୁ 'ଜୈବବିବିଧତାର ରକ୍ଷକ' ଓ ୨ ଜଣଙ୍କୁ 'ଜୈବବିବିଧତାର ବିଜେତା' ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ଆର୍ଦ୍ରଭୂମିରେ ବିଦେଶୀ ପ୍ରଜାତିର ଜୀବଙ୍କ ପ୍ରଭାବ ଉପରେ ସମୀକ୍ଷା, ଗନ୍ଧମାର୍ଦ୍ଦନର କାହାଣୀ, ଓଡ଼ିଶା ଜୈବବିବିଧତା ବୋର୍ଡର ବାର୍ଷିକ କାର୍ଯ୍ୟକାରୀ ରିପୋର୍ଟ ଏବଂ ବୋର୍ଡର ମୁଖପତ୍ର ସହିତ ୪ଟି ପ୍ରମୁଖ ପୁସ୍ତକ ଓ ରିପୋର୍ଟ ଉନ୍ମୋଚିତ ହୋଇଥିଲା। ପରବର୍ତ୍ତୀ ବୈଷୟିକ ଅଧିବେଶନରେ ବିଭିନ୍ନ ଜିଲ୍ଲାର ଜୈବବିବିଧତା ପରିଚାଳନା ସମିତିମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ଓ ଆଗାମୀ କାର୍ଯ୍ୟଯୋଜନା ଉପରେ ଆଲୋଚନା ହୋଇଥିଲା।

# ହାଇଦ୍ରାବାଦ- ଝାରସୁଗୁଡ଼ା- ଭୁବନେଶ୍ୱର ବିମାନ ସେବା ଆରମ୍ଭ

ଝାରସୁଗୁଡ଼ା,୨୨।୫ (ସଂଚାର ବ୍ୟୁରୋ)ଃସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଦେଇ ହାଇଦ୍ରାବାଦ-ଝାରସୁଗୁଡ଼ା-ଭୁବନେଶ୍ୱର ଷ୍ଟାର୍ ଏୟାର ବିମାନ ସେବା ପୁଣି ଆରମ୍ଭ ହୋଇଛି। ପୂର୍ବ ଘୋଷଣା ଅନୁଯାୟୀ ଗୁରୁବାର ବିମାନ ଚଳାଚଳ ଆରମ୍ଭ ହୋଇଥିବାରୁ ଯାତ୍ରୀମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାନୁଯାୟୀ, ସକାଳ ୮ଟା ୪୦ରେ ହାଇଦ୍ରାବାଦରୁ



ଉଡ଼ାଣ ଭରିଥିବା ବିମାନ ପୂର୍ବାହ୍ନ ୧୦ଟା ୨୫ରେ ଝାରସୁଗୁଡ଼ାରେ ଅବତରଣ କରିଥିଲା। ପରେ ପୂର୍ବାହ୍ନ ୧୧ଟା ୧୦ରେ ଝାରସୁଗୁଡ଼ାରୁ ବାହାରି ମଧ୍ୟାହ୍ନ ୧୨ଟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲା। ସେହିପରି ଭୁବନେଶ୍ୱରରୁ ମଧ୍ୟାହ୍ନ ୧୨ଟା ୩୦ରେ ବିମାନ ଉଡ଼ାଣ ଭରି ଝାରସୁଗୁଡ଼ାରେ ଅପରାହ୍ଣ ୧ଟା ୨୦ରେ ଅବତରଣ କରିଥିଲା। ଅପରାହ୍ଣ ୧ଟା ୫୦ରେ ବିମାନଟି ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିଥିଲା।

● ଟ୍ରିବ୍ୟୁନାଲରେ ସରକାର ସଠିକ୍ ତଥ୍ୟ ଦିଅନ୍ତୁ

# ବିଭ୍ରାନ୍ତିକର ତଥ୍ୟ ଓଡ଼ିଶା ଓ ନଦୀରକ୍ଷାର ପରିପନ୍ଥୀଃ ବିଜେଡି

ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ)ଃ ଓଡ଼ିଶାର ଜୀବନ ରେଖା ମହାନଦୀର ଜଳ ସ୍ରୋତକୁ ଦୀର୍ଘ ବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ଼ ଅଟକାଇ ବ୍ୟାବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଆସୁଛି। ଲଗାତାର ଭାବେ କେନ୍ଦ୍ର ସରକାର ଓ ଛତିଶଗଡ଼ ସରକାରଙ୍କୁ ନିବେଦନ କରି ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଓଡ଼ିଶା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆନ୍ତଃରାଜ୍ୟ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଏହି ବିବାଦ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ କହିଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ମିଳିପାରିଲା ନାହିଁ କହି କଡ଼ା ସମାଲୋଚନା କରିଛି ବିଜେଡି।

ଆଜି ଏକ ପ୍ରେସ ବିବୃତ୍ତିରେ ଦଳର ମୁଖପାତ୍ର ଲେନିନ ମହାନ୍ତି ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ବିଜେପି ସରକାରଙ୍କ କୌଣସି ସ୍ପଷ୍ଟ ଆଭିମୁଖ୍ୟ ନାହିଁ। ସରକାର ଦ୍ୱନ୍ଦ୍ୱରେ ଅଛନ୍ତି। ପ୍ରଥମେ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରାଯିବ ବୋଲି କୁହାଗଲା, କିନ୍ତୁ ସେ ଦିଗରେ କୌଣସି



ଅଗ୍ରଗତି ହେଲା ନାହିଁ ବୋଲି କହିଥିଲେ। ଶ୍ରୀ ମହାନ୍ତି କହିଥିଲେ ଯେ ରାଜ୍ୟ ବିଜେପି ସରକାର ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ବସିଛି। ଛତିଶଗଡ଼ ଓଡ଼ିଶା ସରକାରଙ୍କ କଥାକୁ ଶୁଣିବାକୁ ପ୍ରସ୍ତୁତ ନୁହେଁ ଓ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ବିଜେପି ସରକାରଙ୍କ କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ନାହିଁ। ଛତିଶଗଡ଼ ଏବେ ଅଧିକ ଜଳ ରୋକିବା ପାଇଁ ତଳ ଅଞ୍ଚଳରେ ଓ ଉପନଦୀରେ ମଧ୍ୟ ଚେକ୍ ଡ୍ୟାମ ଓ ବାଲି ବନ୍ଧ ନିର୍ମାଣ କରୁଛି। ଗୋଟିଏ ପଟେ ଓଡ଼ିଶାର ଲୋକେ ପାଣି ମୁନ୍ଦିଏ ପାଇବା ପାଇଁ ଡହଳ ବିକଳ ହେଉଛନ୍ତି, ଆର ପଟରେ ଛତିଶଗଡ଼ ଶିଳ୍ପକୁ ଜଳ ବିକ୍ରି କରୁଛି। ସମସ୍ୟାର ସମାଧାନର ରାସ୍ତା ବାହାର କରିବା ପରିବର୍ତ୍ତେ ରାଜ୍ୟ ବିଜେପି ସରକାର ନାଟକବାଜି କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# କମିଶନ ରିପୋର୍ଟ ସାର୍ବଜନୀନ କେବେ ?

ଭୁବନେଶ୍ୱର,୨୨।୫ଃ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା ଓ ଏହାର ପ୍ରତିକ୍ରିୟା ଏବଂ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ଚାବି ହଜିବା ପ୍ରସଙ୍ଗରେ ବସାଯାଇଥିବା ତଦନ୍ତ କମିଶନ ରିପୋର୍ଟ ବର୍ଷବର୍ଷ ଧରି ସର୍ବସାଧାରଣରେ ପ୍ରକାଶ କରାଯାଉ ନ ଥିବା ଘେନି ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଉଛି। ଏହି ରିପୋର୍ଟ କେବେ ବିଧାନସଭାରେ ଉପସ୍ଥାପିତ ହେବ ଓ ରିପୋର୍ଟରେ ଥିବା ସୁପାରିସ୍ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସଂକ୍ରାନ୍ତରେ ମଧ୍ୟ ଉତ୍ସୁକତା ପ୍ରକାଶ ପାଉଛି।

ଏଠାରେ ଉଲ୍ଲେଖନୀୟ ଯେ ୨୦୦୮ରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଫୁଲବାଣୀର ଚକାପାଦ ଆଶ୍ରମରେ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହାର ପ୍ରତିକ୍ରିୟା ସ୍ୱରୂପ ବ୍ୟାପକ ହିଂସାକାଣ୍ଡ ମଧ୍ୟ ଉପୁଜିଥିଲା। ଏହି ଘଟଣା ପରେ ବିଜେପି-ବିଜେଡି ମେଣ୍ଟ ଭାଙ୍ଗିଥିଲା ଏବଂ ମେଣ୍ଟ ସରକାରରୁ ବିଜେପି ଓହରିଯାଇଥିଲା। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାଜନିତ ଘଟଣାର ନିରପେକ୍ଷ ତଦନ୍ତ ଲାଗି ଓଡ଼ିଶା ସରକାର କମିଶନ ଅଫ୍ ଇନ୍‌କ୍ୱାରୀ ଆକ୍ଟ ଆଧାରରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇଥିଲେ। ସାକ୍ଷ୍ୟ, ପ୍ରମାଣ ଆଧାରରେ କମିଶନ ତାଙ୍କ ରିପୋର୍ଟ ଦେବାର ଇତିମଧ୍ୟରେ ପ୍ରାୟ ୧୫ ବର୍ଷ ଅତିକ୍ରମ କରିଗଲାଣି। ସେ ସମୟରେ ଏହି ରିପୋର୍ଟକୁ ସାର୍ବଜନୀନ କରିବା ଲାଗି ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ବିଜେପି



ପକ୍ଷରୁ ଦୃଢ଼ ଦାବି କରାଯାଇଥିଲା। ତେବେ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠିତ ହେବାର ୨ ବର୍ଷ ପୂରିବାକୁ ଯାଉଥିବା ବେଳେ ଏହି ରିପୋର୍ଟ କିନ୍ତୁ ଏଯାବତ୍ ବିଧାନସଭାରେ ଉପସ୍ଥାପିତ ହୋଇନାହିଁ କିମ୍ବା ଏଥିରେ କ'ଣସବୁ ରହିଛି ତାହା ଲୋକେ ମଧ୍ୟ ଜାଣିପାରୁନାହାନ୍ତି।

ସେହିଭଳି ପୁରୀ ଶ୍ରୀମନ୍ଦିରର ନିରାପତ୍ତା ସ୍ଥିତି ଯାଞ୍ଚ ଲାଗି ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇଥିଲା। ଏମାନେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗୃହର ସ୍ଥିତି ପରଖିବା ଲାଗି ଯିବା ବେଳେ ରତ୍ନଭଣ୍ଡାରର ଦ୍ୱାର ବନ୍ଦ ଥିବାରୁ ଭିତର ପ୍ରବେଶ କରିପାରି ନ ଥିଲେ। ସେତେବେଳେ ରତ୍ନଭଣ୍ଡାର ଚାବି ହଜିଯାଇଥିବା ଘେନି ଚର୍ଚ୍ଚା ହୋଇଥିଲା। ପରବର୍ତ୍ତୀ ସମୟରେ ପୁରୀ କଲେକ୍ଟରେଟ୍ ରେକର୍ଡ ରୁମ୍‌ରେ ଏକ ଚାବି ମିଳିଥିଲା ଓ ତାହା ଭିତର ରତ୍ନଭଣ୍ଡାରର ବୋଲି କୁହାଯାଇଥିଲା। ଏହି ଘଟଣା ଘେନି ସାଧାରଣ ଲୋକଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସରକାର ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା କମିଶନ ବସାଇ ଘଟଣାର ତଦନ୍ତ କରିଥିଲେ। ଅବସରପ୍ରାପ୍ତ ବିଚାରପତି ତଦନ୍ତ ରିପୋର୍ଟ ମଧ୍ୟ ସରକାରଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ଅବସରପ୍ରାପ୍ତ ବିଚାରପତି ଜଣକ ରାଜ୍ୟ ମାନବିଧିକାର କମିଶନର ଦାୟିତ୍ୱ ନେଇ ସେଠାରୁ ବି ଅବସର ଗ୍ରହଣ କରିସାରିଲେଣି।

ଏହି ଚାବି ହଜିବା ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ କରିବା ପାଇଁ ବିଜେପି ପକ୍ଷରୁ ସେତେବେଳର ବିଜେଡି ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଉଥିଲା। ଇତିମଧ୍ୟରେ ଓଡ଼ିଶା ହାଇକୋର୍ଟ ବିଧାନସଭାର ଗତ ବଜେଟ୍ ଅଧିବେଶନ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ ଉକ୍ତ ରିପୋର୍ଟଟି ବିଧାନସଭାରେ ଉପସ୍ଥାପନ କରିବାକୁ ସ୍ପଷ୍ଟ ଭାବେ କହିଥିଲେ। ତଥାପି ମଧ୍ୟ ବିଧାନସଭାରେ ଏଯାବତ୍ ଏହି ରିପୋର୍ଟ ଉପସ୍ଥାପିତ ହୋଇନାହିଁ।

ଏଠାରେ ଉଲ୍ଲେଖନୀୟ ଯେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅନେକ କମିଶନ ବସାଉଛନ୍ତି। ଆଇନ ଅନୁଯାୟୀ କମିଶନଙ୍କ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରାଯିବା କଥା। କିନ୍ତୁ ବହୁ କ୍ଷେତ୍ରରେ ରିପୋର୍ଟ ଉପସ୍ଥାପନ କରାଯାଉନାହିଁ। ଅତୀତରେ ଶ୍ରୀମନ୍ଦିରରେ ଦଳାଚକଟା ଘଟଣାର ତଦନ୍ତ କରି ଜଷ୍ଟିସ ମହାପାତ୍ର କମିଶନ ଯେଉଁ ରିପୋର୍ଟ ଦେଇଥିଲେ ତାହା କୁଆଡ଼େ ହଜିଗଲା ଓ ଏହି ହଜିବା ରିପୋର୍ଟ ସଂକ୍ରାନ୍ତରେ ଅନ୍ୟ ଏକ କମିଶନକୁ ଦାୟିତ୍ୱ ଦିଆଯାଇଥିଲା। ଆଞ୍ଚଳିକ ବୈଷମ୍ୟ କମିଶନଠାରୁ କୃଷକ କମିଶନ, ଶ୍ରୀମନ୍ଦିର ସଂସ୍କାର କମିଶନ, ଚିଟ୍‌ଫଣ୍ଡ କମିଶନ ଆଦି ଯେତେସବୁ ରିପୋର୍ଟ ଦେଇଛନ୍ତି, ସେଗୁଡ଼ିକରେ କ'ଣ ରହିଛି ଓ ତାହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସଂକ୍ରାନ୍ତରେ ସାଧାରଣ ଲୋକେ ଓ ବିଧାୟକମାନେ ଅନ୍ଧାରରେ ଥିବା କୁହାଯାଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆକ୍ରମଣାତ୍ମକ ମୋହନ...

କରୁଥିଲେ। ମାତ୍ର ଏହି ସଂଶୋଧିତ ଗାଇଡଲାଇନରେ ବଦଳି ଅର୍ଡରରେ ହିଁ ରିଲିଭିଂ ଓ ଜଏନିଂ ସମୟସୀମା ଉଲ୍ଲେଖ ରହିବ ଯାହାକୁ କେହି ଏଡ଼ାଇପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଅନେକ ବିଭାଗ ନିଜ ମନଇଚ୍ଛା ବର୍ଷର ଯେକୌଣସି ସମୟରେ ବଦଳି କରିଦେଉଥିଲେ, ଯାହାକୁ ନେଇ ସରକାର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣିକି ସାଧାରଣ ବଦଳି କେବଳ ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ତାରିଖ ମଧ୍ୟରେ କରାଯିବ। ଯଦି ଏହି ସମୟ ବାହାରେ କୌଣସି ବଦଳି ଜରୁରୀ ହୁଏ, ତେବେ ବଦଳି କରୁଥିବା ଅଧିକାରୀଙ୍କୁ ତାଙ୍କର ପରବର୍ତ୍ତୀ ଉଚ୍ଚ ଅଧିକାରୀଙ୍କଠାରୁ ଆଗୁଆ ଲିଖିତ ମଞ୍ଜୁରୀ ନେବା ବାଧ୍ୟତାମୂଳକ। ଏହାଦ୍ୱାରା ତଳ ସ୍ତରରେ ହେଉଥିବା ମନଇଚ୍ଛା ବଦଳି ବନ୍ଦ ହେବ। ଏହି ନିୟମଟି ସବୁ ବର୍ଗର ଚାକିରି କ୍ଷେତ୍ରରେ ସମାନ ଭାବେ ଲାଗୁ କରାଯାଇଛି। ସାଧାରଣ ନିୟମ ଅନୁଯାୟୀ ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ୩ ବର୍ଷର କାର୍ଯ୍ୟକାଳ ପୂରଣ କରିବା ପରେ ହିଁ ବଦଳି ପାଇଁ ଯୋଗ୍ୟ ବିବେଚିତ ହେବେ। ତେବେ ଜନସ୍ୱାର୍ଥ ଦୃଷ୍ଟିରୁ ସରକାର ଚାହିଁଲେ ଏହା ପୂର୍ବରୁ ମଧ୍ୟ ବଦଳି କରିପାରିବେ ବୋଲି ଗାଇଡଲାଇନରେ ଉଲ୍ଲେଖ ରହିଛି। ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ରାଜ୍ୟ ସରକାର ଗ୍ରୁପ୍ 'ସି' କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ବ୍ଲକ କିମ୍ବା ତହସିଲ ଅଞ୍ଚଳରେ ୬ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୂର୍ବ ବଦଳି ନିୟମଗୁଡ଼ିକରେ କ୍ଲାସ୍-୨ ଓ ତଦୁର୍ଦ୍ଧ୍ୱ ପାହ୍ୟାର ଅଫିସରଙ୍କ ପାଇଁ ଅଧିକ ସ୍ପଷ୍ଟ ଥିଲା। କିନ୍ତୁ ଏହି ନୂଆ ନିର୍ଦ୍ଦେଶନାମାରେ ଗ୍ରୁପ୍ 'ସି' କର୍ମଚାରୀଙ୍କ ପାଇଁ ମଧ୍ୟ ଗୋଟିଏ ବ୍ଲକ କିମ୍ବା ତହସିଲରେ ୬ ବର୍ଷରୁ ଅଧିକ ରହିପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ସେହିପରି ରାଜ୍ୟ କ୍ୟାଡରର ଗ୍ରୁପ୍ 'ଏ' ଓ ଗ୍ରୁପ୍ 'ବି' ଅଧିକାରୀମାନେ ଗୋଟିଏ ରାଜସ୍ୱ ଜିଲ୍ଲାରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ହିଁ ରହିପାରିବେ। ବଦଳି ସମୟରେ ରାଜସ୍ୱ ଜିଲ୍ଲାକୁ ଏକ ସ୍ୱତନ୍ତ୍ର ୟୁନିଟ୍ ଭାବେ ଗ୍ରହଣ କରାଯିବ। କେବଳ ଜିଲ୍ଲା ଓ ରାଜ୍ୟସ୍ତରର ଅଫିସର ଅଥବା କର୍ମଚାରୀ ନୁହନ୍ତି, ସଂଶୋଧିତ ବଦଳି ନିୟମ ମଧ୍ୟ ସଚିବାଳୟ ଓ ବିଭିନ୍ନ ନିର୍ଦ୍ଦେଶାଳୟରେ ଥିବା ଅଣବଦଳିଯୋଗ୍ୟ ମିନିଷ୍ଟିରିଆଲ କ୍ୟାଡର ପାଇଁ ବି ଲାଗୁ ହେବ। ଏସବୁଠାରେ କାର୍ଯ୍ୟରତ ଥିବା କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ସିଟ ବା ଦାୟିତ୍ୱରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ ଓ କେବଳ ସ୍ୱତନ୍ତ୍ର ପରିସ୍ଥିତିରେ ହିଁ ଏହି ସମୟସୀମା ବଢ଼ାଯାଇପାରିବ। ଏଥିସହ ଗ୍ରୁପ 'ଏ' ଓ ଗ୍ରୁପ 'ବି' ବର୍ଗର ସମ୍ବେଦନଶୀଳ ପଦବୀଗୁଡ଼ିକରେ କୌଣସି ଅଧିକାରୀଙ୍କୁ ସେମାନଙ୍କ ଗୃହ ଜିଲ୍ଲାରେ ନିଯୁକ୍ତି ଦିଆଯିବ ନାହିଁ। କେଉଁ ପଦବୀଗୁଡ଼ିକୁ ସମ୍ବେଦନଶୀଳ ବୋଲି ବିବେଚନା କରାଯିବ, ତାହା ସମ୍ପୃକ୍ତ ପ୍ରଶାସନିକ ବିଭାଗ ସ୍ଥିର କରିବେ। ତେବେ ସମ୍ବେଦନଶୀଳ ପଦବୀରେ ନ ଥିବା କର୍ମଚାରୀମାନେ ସେମାନଙ୍କ ଅବସରର ଦୁଇ ବର୍ଷ ପୂର୍ବରୁ ନିଜ ଗୃହ ଜିଲ୍ଲା କିମ୍ବା ସେମାନଙ୍କ ପସନ୍ଦର ଜିଲ୍ଲାକୁ ବଦଳି ପାଇଁ ଆବେଦନ କରିପାରିବେ। ଏହାଛଡ଼ା ଯେଉଁ ଅଧିକାରୀମାନେ କେବିକେ ଅଞ୍ଚଳରେ କ୍ରମାଗତ ଭାବେ ୬ ବର୍ଷର ସେବା ସମ୍ପୂର୍ଣ୍ଣ କରିଥିବେ, ସେମାନଙ୍କୁ ମଧ୍ୟ ସମ୍ବେଦନଶୀଳ ପଦବୀ ବ୍ୟତୀତ ନିଜ ଗୃହ ଜିଲ୍ଲା କିମ୍ବା ପସନ୍ଦର ସ୍ଥାନକୁ ବଦଳି କରାଯିବା ନେଇ ବିଚାର କରାଯିବ। ସରକାରୀ ଚାକିରିଆ ଦମ୍ପତିଙ୍କ ପାଇଁ ମଧ୍ୟ ଏହି ନୀତିରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି, ଯଦି ସ୍ୱାମୀ ଓ ସ୍ତ୍ରୀ ଉଭୟ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଥାଆନ୍ତି, ତେବେ ସମ୍ବେଦନଶୀଳ ପଦବୀର କଟକଣାକୁ ଆଖିରେ ରଖି ସେମାନଙ୍କୁ ଗୋଟିଏ ଷ୍ଟେସନରେ ପୋଷ୍ଟିଂ ଦିଆଯାଇପାରିବ।

### ଅଂଶୁଘାତରେ ଗଲା...

ମାମଲାଗୁଡ଼ିକର ଯାଞ୍ଚ ଚାଲିଥିବା ଏସଆରସି ସ୍ପଷ୍ଟ କରିଛନ୍ତି। ଏସ୍‌ଆର୍‌ସିଙ୍କ ଅନୁଯାୟୀ ରାଜ୍ୟର ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି। କିନ୍ତୁ ପଶ୍ଚିମ ଓ ଉତ୍ତର ଓଡ଼ିଶାର ଜନସାଧାରଣଙ୍କୁ ଖରା ସମୟରେ ବାହାରକୁ ନ ବାହାରିବା ଏବଂ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବାକୁ ନିବେଦନ କରାଯାଇଛି।

### ଶକ୍ତି କ୍ଷେତ୍ର...

ସରକାର ବାରମ୍ବାର କହୁଥିବା ବେଳେ ବିଦ୍ୟୁତ ବିତରକ କମ୍ପାନୀମାନେ କୌଣସି ଘୋଷଣା କରୁନାହାଁନ୍ତି। ସେପଟେ ଶକ୍ତିମନ୍ତ୍ରୀ କହିଛନ୍ତି ଯେ ତାତି ଯୋଗୁଁ ଲୋଡ୍ ବଢୁଛି ଏବଂ ବର୍ଣ୍ଣଆଉଟ ହେଉଛି ଟ୍ରାନ୍ସଫର୍ମର। ଏଥିସହ ଶକ୍ତି କ୍ଷେତ୍ର ସହ ଜଡ଼ିତ ସବୁ ସଂସ୍ଥାରେ ଏସମା ଲାଗୁ କରାଯାଇଛି। କଟକ ସହରର ୫୭ ନମ୍ବର ୱାର୍ଡରେ କାଲିଠୁ ଆଜି ଅପରାହ୍ନ ଯାଏଁ ବିଜୁଳି ବିଭ୍ରାଟ ଦେଖାଯାଇଛି। ଫଳରେ ଗୋପାଳପୁର ମାଷ୍ଟର୍ କଲୋନୀରୁ ଉରାଳି, ବାଲିକୁଦା ଭଳି ସ୍ଥାନରେ ଛଟପଟ ହୋଇଛନ୍ତି ଲୋକେ। ଏପରିକି ବିଦ୍ୟୁତ୍ ଅଫିସ ଆଗରେ ହୋହଲ୍ଲା କରିଛନ୍ତି ସ୍ଥାନୀୟ ଲୋକେ। ଖାଲି କଟକ କାହିଁକି, ରାଜଧାନୀ ଭୁବନେଶ୍ୱରର ଭରତପୁର ଅଞ୍ଚଳରେ ଗତକାଲି ରାତିରେ ତାତିଥିଲେ ଲୋକେ। ଧଉଳି ସେକ୍ସନର ସୁନ୍ଦରପଦା ବୋଡୋଣ୍ଡା ଅଞ୍ଚଳର ମହାବୀର ନଗରରେ ୩ ଦିନ ହେଲାଣି ବିଦ୍ୟୁତ ବିଭ୍ରାଟକୁ ନେଇ ନାକେଦମ ହୋଇଛନ୍ତି ଲୋକେ। ବଲାଙ୍ଗୀରରେ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦେଖାଦର୍ଶନ ନ ଥିବାରୁ ତାଙ୍କ ଚୌକିକୁ ବିଞ୍ଚଣା ଧରି ବିଞ୍ଚିଥିଲେ ଲୋକେ। ରାଜ୍ୟରେ ଏବେ ପିକ୍ ଆୱାର ଡିମାଣ୍ଡ ୬ ହଜାର ୬ ଶହ ମେଗାୱାଟ୍ ଥିବାବେଳେ ୫୫ ମେଗାୱାଟ୍ ଅଭାବ ରହୁଛି। ସେପଟେ ବିଦ୍ୟୁତ ଚାହିଦା ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସବୁ ବିଦ୍ୟୁତ ଉତ୍ପାଦନ, ବଣ୍ଟନ ଓ ପରିବହନ ସଂସ୍ଥାରେ ଏସମା ଲାଗୁ କରିଛନ୍ତି। ନିରନ୍ତର ବିଦ୍ୟୁତ ଉତ୍ପାଦନ, ବଣ୍ଟନ ଓ ପରିବହନକୁ ସୁନିଶ୍ଚିତ କରିବାକୁ ଗ୍ରୀଡ୍‌କୋ, ଓପିଟିସିଏଲ, ଓଏଚପିସି, ଓପିଜିସି ଓ ସବୁ ବିତରକ କମ୍ପାନୀରେ କୌଣସି ପ୍ରକାର ଆନ୍ଦୋଳନ ହୋଇପାରିବ ନାହିଁ। ଆସନ୍ତା ୬ ମାସ ପର୍ଯ୍ୟନ୍ତ ଶକ୍ତି କ୍ଷେତ୍ର ସହ ଜଡ଼ିତ ସବୁ କାର୍ଯ୍ୟାଳୟରେ ଏସମା ବଳବତ୍ତର ରହିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

### ଅଟୋକୁ ଘୋଷାଡ଼ି...

ଶିକାର ହୋଇଛନ୍ତି। ପୂର୍ବରୁ ଉକ୍ତ କାର୍ଯ୍ୟକ୍ରମରେ ୬ ଜଣ ପହଞ୍ଚିଥିବା ବେଳେ ସେମାନଙ୍କ ସହ ଯୋଗଦେବା ସକାଶେ ଉକ୍ତ ଅଟୋରେ ୧୦ ଜଣ ଯାଉଥିଲେ। କିନ୍ତୁ ଉକ୍ତ ଅଟୋକୁ ବିପରୀତ ଦିଗରୁ ଆସୁଥିବା ଡାଇମଣ୍ଡ ନାମକ ଏକ ଯାତ୍ରୀବାହୀ ବସ୍ (ନଂ. ଓଡି ୦୪ ଏସ ୫୯୯୦) ଧକ୍କା ଦେଇଥିଲା। ଦୁର୍ଘଟଣା ସମୟରେ ଉଭୟ ଗାଡ଼ିର ବେଗ ଯଥେଷ୍ଟ ଅଧିକ ଥିବାରୁ ମୃତାହତମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହୋଇଛି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ୬ ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ସେହିପରି ଅଟୋ ଡ୍ରାଇଭରଙ୍କ ସମେତ ୪ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ମଧ୍ୟରେ ୨ ଜଣ ନାବାଳିକା ମଧ୍ୟ ଅଛନ୍ତି। ମୃତକମାନେ ହେଲେ କିରଣ ବେହେରା, ସନି ବେହେରା, ନୀଳା ବେହେରା, ନାରସୁ ବେହେରା, ରତନୀ ବେହେରା, ମଲ୍ଲୀ ବେହେରା। ସେହିପରି ଆହତମାନେ ହେଲେ ବାବୁ ପ୍ରଧାନ, ଅଳକା ବେହେରା, ଭାଗ୍ୟ ବେହେରା, ଝିଲୀ ବେହେରା ବୋଲି ଜଣାପଡିଛି। ଘଟଣାସ୍ଥଳରେ ଏସ୍‌ଡିପିଓ ସୁଜିତ କୁମାର ନାୟକ, ଆଇଆଇସି କୁଳମଣି ସେଠୀ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଦୁଃଖଦ ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ସହାୟତା ରାଶି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସେ ସମସ୍ତ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବା ସକାଶେ ପ୍ରଶାସନକୁ ନିବେଦନ କରିବା ସହ ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ଏହି ଘଟଣାରେ ରେଡକ୍ରସ୍ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କ ସକାଶେ ୩୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି।

### ଅଗ୍ନି-୧ର ସଫଳ...

କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ରଣନୈତିକ ଫୋର୍ସ କମାଣ୍ଡ ଅଧୀନରେ ଅଗ୍ନି-୧ର ଫାୟାର ଟେଷ୍ଟ କରାଯାଇଛି। ୭୦୦ରୁ ୩୫୦୦ ଦୂରତା ମଧ୍ୟରେ ସଠିକ୍ ଲକ୍ଷ୍ୟଭେଦ କରିବାର ସାମର୍ଥ୍ୟ ନେଇ ଅଗ୍ନି ଶୃଙ୍ଖଳାର ସମସ୍ତ ମିସାଇଲ (ଅଗ୍ନି-୧ରୁ ଅଗ୍ନି-୪) ପ୍ରସ୍ତୁତ କରାଯାଇଛି ଓ ସେସବୁକୁ ସେନାରେ ମୁତୟନ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

### ଗାଳି ଦେଉଥିବା...

କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଯେଉଁ କଂଗ୍ରେସ ପ୍ରାର୍ଥୀ ଚିନ୍ମୟ ସାହୁ ବିଜେଡି ବିରୋଧରେ ଲଢୁଥିଲେ, ପରବର୍ତ୍ତୀ ସମୟରେ ୨୦୨୪ରେ ସେ ଦଳରେ ମିଶିଲା ପରେ ତାଙ୍କର ଗୁରୁତ୍ୱ ବେଶୀ। ଦଳ ତାଙ୍କୁ ଦୁଇ ଥର ନିଗମ ଅଧ୍ୟକ୍ଷ କରିଛି, ରାଜ୍ୟ ସମ୍ପାଦକ ପଦବୀ ବି ଦେଇଛି। ସରକାର ଥିଲା ବେଳେ ବିଭିନ୍ନ କଲେଜରେ ପିପିପି ମୋଡ୍‌ରେ ସେଲ୍ଫ ଫାଇନାନ୍ସିଂ କୋର୍ସ ଖୋଲି ସେଥିରୁ ଏବେବି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ୨୦୨୪ରେ ଦଳ ହାରିଲା ପରେ ୧୫ ମାସରେ ସେ ଦିନେ ବି ଦଳ ସହ ଛିଡ଼ା ହୋଇ ନ ଥିଲେ କି ଡିଜିଟାଲ ସଦସ୍ୟତା ଅଭିଯାନରେ କୌଣସି ଭୂମିକା ତୁଲାଇ ନ ଥିଲେ। ତଥାପି ଦଳ ତାଙ୍କୁ ଭରସା କରି ଯୁବ ସଭାପତି ଦାୟିତ୍ୱ ଦେଇଛି। ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣା ସମୟରେ ସେ ଦଳ ସହ ନ ଥିଲେ। କେଉଁ ଗୋଟେ ବି ସ୍ଥାନରେ ସେ ଦଳୀୟ କାର୍ଯ୍ୟକ୍ରମରେ ଭାଗ ନେଇ ବିକ୍ଷୋଭ କରିନାହାନ୍ତି। ତଥାପି ଦଳରେ ସେ ପୁରସ୍କୃତ ହେଲେ। ତାଙ୍କୁ ଯୁବ ସଭାପତି କରାଯିବା ପୂର୍ବରୁ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ପଣ୍ଡାଙ୍କ ମତାମତ ବି ନିଆଯାଇ ନ ଥିଲା। ତେବେ କେଉଁ ଆଧାରରେ ଦଳ ତାଙ୍କୁ ଯୁବ ସଭାପତି କରିଛି ବୋଲି ନବୀନଙ୍କୁ ପ୍ରଶ୍ନ କରିଛନ୍ତି ଦିଲ୍ଲୀପ। ଯେଉଁମାନେ କଂଗ୍ରେସରେ ଥାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗାଳି ଦେଇଛନ୍ତି, ପରବର୍ତ୍ତୀ ସମୟରେ ସେମାନଙ୍କୁ ଦଳରେ ମିଶାଯାଇ ସେମାନଙ୍କୁ ଥଇଥାନ କରିବା ସହ ସରକାରରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇଛି। ଯିଏ କଂଗ୍ରେସ କି ବିଜେପିରେ ଥାଇ ନବୀନଙ୍କୁ ଗାଳିଦେଲା ସେ ବିଜେଡିକୁ ଆସିବା ପରେ ଗେହ୍ଲାପୁଅ ସାଜିଲା ବୋଲି ଦିଲ୍ଲୀପ ଅଭିଯୋଗ କରିଛନ୍ତି। ରବୀନ୍ଦ୍ର ଜେନା, ଭୂପିନ୍ଦର ସିଂ, ମେୟର ସୁଲୋଚନା ଦାସ, ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଓ ଏବର ଯୁବ ସଭାପତି ଚିନ୍ମୟ ସାହୁ ପ୍ରମୁଖ ଏହାର ଉଦାହରଣ ବୋଲି ସେ ଆକ୍ଷେପ କରିଛନ୍ତି।

## ଦୁଇଦିନିଆ ପ୍ରଶିକ୍ଷଣ ଶିବିର, ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ



ପାରାଦୀପ,୨୨।୫ (ସଂଚାର ବ୍ୟୁରୋ): ପାରାଦୀପରେ ଜଗତସିଂହପୁର ଜିଲ୍ଲା ବିଜେପିର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏଥିରେ ଆଜି ଯୋଗ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଜିଲ୍ଲାର ସମସ୍ତ ମଣ୍ଡଳ ଓ ପଞ୍ଚାୟତ ସ୍ତରର କାର୍ଯ୍ୟକର୍ତ୍ତା ମାନଙ୍କୁ ଦିଆଯାଉଛି ଏଠାରେ ଗୁରୁମନ୍ତ୍ର । ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସଙ୍କ ସହ ଜିଲ୍ଲା ସଭାପତି ପ୍ରତାପ ମିଶ୍ର ପ୍ରମୁଖ ଯୋଗଦେଇ କିଭଳି ତଳସ୍ତରର ଲୋକଙ୍କ ପାଖରେ ଯୋଜନା ପହଞ୍ଚିବ ସେନେଇ କରୁଛନ୍ତି ବିସ୍ତୃତ ଆଲୋଚନା । ଦୁଇଦିନିଆ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିବା ଓ ଆଗକୁ ସଂଗଠନକୁ ଆହୁରି ମଜବୁତ କରିବାକୁ ଯୋଜନା ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି । ଏହି ଶିବିର ୨୨ ଓ ୨୩ ତାରିଖ ଦୁଇଦିନ ଧରି ଚାଲିବ । ପାରାଦୀପ ବିଜୁ କନଭେନ୍‌ସନରେ ଏହା ଆୟୋଜିତ ହୋଇଛି। କାର୍ଯ୍ୟକର୍ତ୍ତାମାନେ ସକାଳୁ ଆସି ନିଜ ନିଜର ପଞ୍ଜିକରଣ କରିବା ସହ ଏହି ପ୍ରଶିକ୍ଷଣରେ ଯୋଗ ଦେଉଛନ୍ତି।

## ବନ୍ଦର ନିଷିଦ୍ଧାଞ୍ଚଳରେ ଫାଟିଲା ପେଟ୍ରୋଲ ପାଇପ



ପାରାଦୀପ,୨୨।୫ (ସଂଚାର ବ୍ୟୁରୋ): ବନ୍ଦର ନିଷିଦ୍ଧାଞ୍ଚଳରେ ଫାଟିଲା ପେଟ୍ରୋଲ ପାଇପ । ବୋହିଗଲା ଲକ୍ଷାଧିକ ଲିଟର ପେଟ୍ରୋଲ। ଜାହାଜରୁ ପାଇପ ଯୋଗେ ପେଟ୍ରୋଲ ତୈଳ ଟର୍ମିନାଲକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିବା କୁହାଯାଉଛି। ଅଧିକ ପ୍ରେସର ଯୋଗୁଁ ପାଇପ ଫାଟି ଥିବା ଅନୁମାନ ମଧ୍ୟ କରାଯାଉଛି। ଘଟଣାସ୍ଥଳରେ ପୋର୍ଟ ସିଆଇଏସଏଫ, ଅଗ୍ନିଶମ ବିଭାଗ, ଆଇଓସିଏଲ ଅଗ୍ନିଶମ ବିଭାଗ କର୍ମଚାରୀ ପହଂଚିଥିଲେ। ନିଆଁ ଲାଗିବାର ସମ୍ଭାବନା ଥିବାରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହିତ ପାଣି ଛିଞ୍ଚନ କରାଯାଇଥିଲା । ଆଇଓସିଏଲ ତୈଳ ଟର୍ମିନାଲକୁ ତେଲ ଯାଉଥିବା ବେଳେ ବିଳମ୍ବରେ ଏହା ମରାମତି ହୋଇଥିଲା ।

## ବିଶ୍ୱପୁସ୍ତକ ଦିବସ ଅବସରରେ ଜିଲ୍ଲାପାଳଙ୍କୁ ପୁସ୍ତକ ପ୍ରଦାନ



ଖୋରଧା,୨୨।୫ (ସଂଚାର ବ୍ୟୁରୋ): ରାଜ୍ୟର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଦଶରଥପୁର, ଯାଜପୁରର ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦର ଉପ-ସଭାପତି ତଥା ଏହାର ମୁଖପତ୍ର 'ବର୍ତ୍ତିକା'ର ସୋଜନ୍ୟ ସମ୍ପାଦକ ଦେବେନ୍ଦ୍ର ନାରାୟଣ ବାରିକ ବିଶ୍ୱ ପୁସ୍ତକ ଦିବସ ଅବସରରେ ଖୋରଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି 'ବର୍ତ୍ତିକା'ର ବିଷୁବ ତଥା ସ୍ୱନକ୍ଷତ୍ର ବିଶେଷାଙ୍କ ଓ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଖଗେଶ୍ୱର ବାରିକ ଙ୍କ ପୁସ୍ତକ 'ସୋନାଲୀର ହସ' ପ୍ରଦାନ କରିଥିଲେ । ଜିଲ୍ଲାପାଳ ପୁସ୍ତକ ଦୁଇଟି ଗ୍ରହଣ କରି ଖୁସି ବ୍ୟକ୍ତ କରିବା ସହ ଶ୍ରୀଯୁକ୍ତ ବାରିକଙ୍କୁ ଧନ୍ୟବାଦ ଦେଇଥିଲେ ।

## ଲୋକ ଜନଶକ୍ତିର କାର୍ଯ୍ୟକାରିଣୀ ବୈଠକ




ବାଲିଅନ୍ତା,୨୨।୫ (ସଂଚାର ବ୍ୟୁରୋ): ଭୁବନେଶ୍ୱର ବ୍ଲକ ଧଉଳି ତୃପ୍ତି କନଭେନସନରେ ଆଜି ଲୋକ ଜନଶକ୍ତି ପାର୍ଟି ଓଡ଼ିଶା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ରାଜ୍ୟ ସଭାପତି ଡ. ରାଜନ ଲାଲ ଶ୍ରୀବାସ୍ତବ ସଭାପତିତ୍ୱ କରିଥିଲେ। ଏହାସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ନେଇ ୨୨ଟି ଜିଲ୍ଲାରେ ନିଜସ୍ୱ କାର୍ଯ୍ୟାଳୟ ଖୋଲିବା ନେଇ ପ୍ରସ୍ତାବ ଆଗତ ହୋଇଥିଲା । ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଚିତ୍ତରଞ୍ଜନ ମଲ୍ଲିକ ସମଗ୍ର କାର୍ଯ୍ୟ ସଂଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ କଲ୍ୟାଣୀ ବାରିକ, ଲିଗାଲ ସେଲ ସଭାପତି ଶୁଭ୍ରଜିତ ମହାନ୍ତି, ସଂପାଦକ ରତ୍ନାକର ସ୍ୱାଇଁ , ଚିତ୍ତରଞ୍ଜନ ବରାଳ, ଉପ ସଭାପତି ମୁସ୍ତାକ ଅଲ୍ଲୀ , ପିତବାସ ପଣ୍ଡା, ଶରତ ଚନ୍ଦ୍ର ରଣବିଡ଼ା,ଅନୀତା ନାୟକ ଓ ନୃସିଂହ ସିଲପାଡ଼ିଆଙ୍କ ସମେତ ବିଭିନ୍ନ ଜିଲ୍ଲା ଏବଂ ବ୍ଲକର କାର୍ଯ୍ୟକର୍ତ୍ତାବୃନ୍ଦ ଏବଂ ପୁରୁଖା ନେତା ଉପସ୍ଥିତ ଥିଲେ।

### ରୌଦ୍ରତାପଠାରୁ ବଳି ପଡୁଛି ପାଣି ଯନ୍ତ୍ରଣା

# ୪୦ ପରିବାରକୁ ଗୋଟିଏ ନଳକୂପ ଭରସା

### କଷ୍ଟିପାଳ କଲୋନୀ ସାହିରେ ମେଗା ପାନୀୟ ଜଳ ସାତ ସପନ



ଆନନ୍ଦପୁର,୨୨।୫ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର କଷ୍ଟିପାଳ କଲୋନୀ ସାହିରେ ଦେଖାଦେଇଛି ଭୟଙ୍କର ପାଣି ସମସ୍ୟା। ରୁଦ୍ରତାପ ଠାରୁ ପାଣି ଯନ୍ତ୍ରଣା ଏବେ ଲୋକଙ୍କୁ ଅଧିକ ଅସ୍ତବ୍ୟସ୍ତ କରୁଛି। ୪୦ରୁ ଅଧିକ ପରିବାର ଗୋଟିଏ ନଳକୂପ ଉପରେ ନିର୍ଭର କରୁଥିବା ବେଳେ, ମେଗା ପାନୀୟ ଜଳ ପ୍ରକଳ୍ପ ସାଧାରଣ ଲୋକଙ୍କ ପାଇଁ ସାତ ସପନ ପାଲଟିଛି। କଷ୍ଟିପାଳ କଲୋନୀ ସାହିରେ ଏବେ ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି।

ପ୍ରାୟ ୪୦ ପରିବାର ଗୋଟିଏ ମାତ୍ର ନଳକୂପ ଉପରେ ନିର୍ଭର କରୁଥିବା ବେଳେ, ପ୍ରତିଦିନ ପାଣି ପାଇଁ ଲାଗୁଛି ଲମ୍ବା ଲାଇନ। ଗ୍ରୀଷ୍ମ ପ୍ରବାହ ବଢୁଥିବା ବେଳେ ପାଣି ସମସ୍ୟା ଲୋକଙ୍କ ଦୁଃଖକୁ ଆହୁରି ବଢ଼ାଇଦେଇଛି। ବସୁଧା ଯୋଜନାର ପାଣି ଏଯାଏଁ ଏହି ସାହିକୁ ପହଞ୍ଚି ପାରିନଥିବା ବେଳେ, ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ୍ ବିଛାଇ କାମ ସରିଥିଲେ ମଧ୍ୟ ଘରକୁ ପାଣି ଆସୁନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା।

ସବୁଠାରୁ ଚିନ୍ତାର ବିଷୟ ହେଉଛି, ନଳକୂପରୁ ବାହାରୁଥିବା ପାଣିରେ ଆଇରନର ପରିମାଣ ଅଧିକ ରହିଥିବା ସତ୍ତ୍ୱେ ଲୋକେ ସେହି ପାଣିକୁ ପିଇବା ପାଇଁ ବାଧ୍ୟ ହେଉଛନ୍ତି। ପାହାଡ଼ ତଳେ ଥିବା ଏହି ସାହିର ପାଣି ସମସ୍ୟା ଏବେ ଗୁରୁତର ରୂପ ନେଉଥିବା ବେଳେ, ତୁରନ୍ତ ସ୍ଥାୟୀ ପାନୀୟ ଜଳ ବ୍ୟବସ୍ଥା କରିବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି ଗ୍ରାମବାସୀ। ସାହିବାସୀଙ୍କ ସମସ୍ୟା କେବେ ଦୂର ହେବ ଦେଖିବାକୁ ବାକି ରହିଲା।

# ଘନ ଘନ ବିଦ୍ୟୁତ୍ କାଟ୍‌କୁ ନେଇ ବଢୁଛି ଅସନ୍ତୋଷ

ହିଞ୍ଜିଳିକାଟୁ,୨୨।୫ (ସଂଚାର ବ୍ୟୁରୋ): ଗତ କିଛିଦିନ ଧରି ଘନ ଘନ ବିଜୁଳିକାଟ ଯୋଗୁଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି ହିଞ୍ଜିଳିକାଟୁ ସହରବାସୀ । ପ୍ରତ୍ୟେକ ଦିନ ବିଦ୍ୟୁତ ମରାମତି ଆଳ ଦେଖାଇ ଅଘୋଷିତ ଭାବେ ଦିର୍ଘ ସମୟ ଧରି ବିଦ୍ୟୁତ କାଟ୍ ହେଉଛି । ସହରରେ ପ୍ରଚଣ୍ଡ ରୌଦ୍ରତାପ, ଏହାରି ଭିତରେ ଅଘୋଷିତ ବିଦ୍ୟୁତ କାଟ । ସତେ ଯେମିତି ବୋଝ ଉପରେ ନଳିତା ବିଡ଼ା।

ସକାଳ ୧୦ ହେଲା ମାତ୍ରେ ଘରୁ ବାହାରକୁ ବାହାରିବା ସମ୍ଭବ ହେଉନାହିଁ । ଅତ୍ୟାବଶ୍ୟକ କାମ ଥିଲେ ଲୋକେ ବାହାରକୁ ବାହାରୁଛନ୍ତି । ଦେହ ଜଳି ପୋଡ଼ି ଗଲା ଭଳି ଅନୁଭବ ହେଉଛି। ଅନ୍ୟପଟେ ଅଘୋଷିତ ବିଦ୍ୟୁତ କାଟ ଫଳରେ ଲୋକଙ୍କ ମନରେ ଅସନ୍ତୋଷର ନିଆଁ କୁହୁଳିଲାଣି। ଗଛର ପତ୍ରଟିଏ ନ ହଲିଲେ ବି ବିଦ୍ୟୁତର ଲୁଚକାଳି ଖେଳ ଲୋକଙ୍କ କଷ୍ଟକୁ ଦ୍ୱିଗୁଣିତ କରୁଛି । ମରାମତି ଆଳରେ ଦିନବେଳା ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ ଉପଭୋକ୍ତାଙ୍କୁ ଯେତିକି ନିରାଶ କରିଛି ସନ୍ଧ୍ୟା ହେବା ମାତ୍ରେ ତୁହାକୁ ତୁହା ଅଘୋଷିତ ବିଦ୍ୟୁତ କାଟ ସହରବାସୀଙ୍କୁ ସେତିକି ଯନ୍ତ୍ରଣା ଦେଉଛି। ତେବେ ଅପରପକ୍ଷରେ ଲାଇନ କଟିଲେ ଉପଭୋକ୍ତାଙ୍କୁ ସୂଚନା ଦିଆଯାଉ ନାହିଁ।

ତେବେ ବାରମ୍ବାର ବିଦ୍ୟୁତ କାଟକୁ ନେଇ ଲୋକେ ଅତିଷ୍ଠ ହୋଇଥିବା ବେଳେ ଅସନ୍ତୋଷ କେତେବେଳେ ଉଗ୍ରରୂପ ଧାରଣ କରିବ ଏଥିରେ ସନ୍ଦେହ ନାହିଁ ।

## ରାଜସ୍ୱ ମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ



ସୁନ୍ଦରଗଡ,୨୨।୫ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୁନ୍ଦରଗଡ଼ ଗସ୍ତ ଅବସରରେ ଶୁକ୍ରବାର ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ଚର୍ଚ୍ଚା ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସୁନ୍ଦରଗଡ଼ ସ୍ଥିତ ସର୍କିଟ ହାଉସ କନଫରେନ୍ସ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ଭାବେ ଯୋଗଦେଇ ସଂଗଠନର ସୁଦୃଢ଼ତା, ଜନ ସମସ୍ୟାର ସମାଧାନ ଓ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ଗଭୀର ଚର୍ଚ୍ଚା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ଦଳୀୟ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତାର ସହ ଶୁଣି ସେଗୁଡ଼ିକର ସମାଧାନ ଦିଗରେ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ।

ସଭାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟକ୍ତିଗତ ଓ ସାମୁହିକ ଅଭିଯୋଗ ପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇ ଥିଲା। ଏହା ମାଧ୍ୟମରେ ସାଧାରଣ ଲୋକଙ୍କ ଅନେକ ସମସ୍ୟା ସରକାରଙ୍କ ନଜରକୁ ଅଣାଯାଇ ଥିଲା ଏବଂ ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଘୁନାଥପାଲିର ବିଧାୟକ ତଥା ଡିପିସି ଅଧ୍ୟକ୍ଷ ଦୁର୍ଗା ତନ୍ତୀ, ପୂର୍ବତନ ସୁନ୍ଦରଗଡ଼ ବିଧାୟିକା ତଥା ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ, କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଯଶବନ୍ତ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ।

### ମ୍ୟାଲେରିଆ ମୁକ୍ତ ପାଇଁ ସ୍ୱାସ୍ଥ୍ୟ ବିଭାଗର ଉଦ୍ୟମ

## ଦୁର୍ଗମ ଅଞ୍ଚଳରେ କୀଟନାଶକ ମଶାରୀ ବଣ୍ଟନ



ଯାଜପୁର,୨୨।୫ (ସଂଚାର ବ୍ୟୁରୋ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଉପରଗୁହିଆଶାଳ ଗ୍ରାମରେ ସମସ୍ତ ଜନସାଧାରଣଙ୍କୁ ମ୍ୟାଲେରିଆ ଦାଉରୁ ରକ୍ଷା ପାଇଁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରାଯାଇଛି।

ସୂଚନାଯୋଗ୍ୟ, ଗତ ଦୁଇ ସପ୍ତାହ ମଧ୍ୟରେ ଉପରଗୁହିଆଶାଳ ଗ୍ରାମରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏହି ଖବର ପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି। ବଣ ପାହାଡ଼ ଘେରା ଏହି ଗାଁରେ ସମସ୍ତ ହିତାଧିକାରୀଙ୍କୁ ୬୫ଟି ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରାଯିବା ସହ ମଶାରିର ବ୍ୟବହାର ଓ ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏହି ମଶାରୀର କୀଟନାଶକ ଧାରଣ କ୍ଷମତା ୩ରୁ ୪ ବର୍ଷ ରହିବ ଏବଂ ଏହାକୁ ପ୍ରତ୍ୟେକ ଦିନ ବ୍ୟବହାର କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି।

ଆଗାମୀ ଦିନରେ ଆଉ ଏକ ଦୁର୍ଗମ ଅଞ୍ଚଳ ଡୁମୁଣିରେ ମଧ୍ୟ ମଶାରୀ ବଣ୍ଟନ କରାଯିବା ନେଇ ଯୋଜନା ରହିଛି। ଏହାସହ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପ୍ରତ୍ୟେକ ସପ୍ତାହରେ ୨ ଥର ଉକ୍ତ ଗ୍ରାମଗୁଡ଼ିକୁ ସ୍ୱାସ୍ଥ୍ୟ ଟିମ୍ ପଠାଯାଇ ଜ୍ୱରରେ ପୀଡ଼ିତ ରୋଗୀଙ୍କ ରକ୍ତ ପରୀକ୍ଷା କରିବା ସହିତ ତୁରନ୍ତ ମ୍ୟାଲେରିଆ ଔଷଧ ସେବନ କରିବାକୁ ଦିଆଯାଉଛି। ସୁକିନ୍ଦାରେ ଥିବା ଦୁର୍ଗମ ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ସହ ପ୍ରୟାସ କରାଯାଉଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର କହିଛନ୍ତି।

# ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ

### ନାରୀ ପାଇଁ ବିଜେପିର କୁମ୍ଭୀର କାନ୍ଦଣା ଭ୍ରମିତ କରୁଛି




ବାଲିଆପାଳ,୨୨।୫ (ସଂଚାର ବ୍ୟୁରୋ): ବିଜେପି ନାରୀମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି। ସଂରକ୍ଷଣ ନାମରେ ଓଡ଼ିଶାରେ ମହିଳା ମାନଙ୍କୁ ଭ୍ରମିତ କରି ମହିଳା ଜନ ଆକ୍ରୋଶ ପଦଯାତ୍ରା କରୁଛନ୍ତି। ହେଲେ ମହିଳାମାନେ ଅସଲ କଥା ସବୁ ଜାଣିଲେଣି। ରାଜ୍ୟରେ ଆଇନ ଶୃଙ୍ଖଳା ଭୁଷୁଡ଼ି ପଡ଼ିଲାଣି। ମହିଳାମାନେ ଅସୁରକ୍ଷିତ। ବସ୍ତା ନିର୍ବାଚନ ମଣ୍ଡଳୀର ଜମ୍ବିରାଇ ପଞ୍ଚାୟତରେ ଆୟୋଜିତ ନାରୀ ଅଧିକାର ଅଭିଯାନରେ ବିଜେପି ଉପରେ ବର୍ଷିଛନ୍ତି ମହିଳାମାନେ।

ବସ୍ତା ବିଜେଡ଼ି ଆନୁକୁଲ୍ୟରେ ବିଜେଡି ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଶୁକ୍ରୁବାର ସକାଳେ ପଞ୍ଚୁପାଲି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା, ବିଜେଡି ଜନ ପ୍ରତିନିଧି, ନେତ୍ରୀ, ମହିଳା କର୍ମୀ ଉପସ୍ଥିତ ରହିଥିଲେ। ସୂଚନା ଥାଉ କି ଯେ, ଆଜି ପଞ୍ଚୁପାଲି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବିଜେପି ପ୍ରତି ବିଭିନ୍ନ କଟୁ ମନ୍ତ୍ୟବ ପୂର୍ବକ ସ୍ଲୋଗାନ ଦେଇ ସଭା ସ୍ଥଳରେ ପହଞ୍ଚିଥିଲେ। ଆୟୋଜିତ ସଭାରେ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡିଙ୍କ ସଭାପତିତ୍ୱରେ ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ଗିରିଶ ଦାସ, ଯାମ୍ବିରାଇ ପୂର୍ବତନ ସରପଞ୍ଚ ଜୟନ୍ତୀ ନାୟକ, ସମାଜସେବୀ ହୈମବତୀ ବେହେରା,ମଧୁପୁର ପୂର୍ବତନ ୱାର୍ଡ଼ ସଭ୍ୟା ସୁଚିସ୍ମିତା ଜେନା, ଜାମ୍ବିରାଇ ପଞ୍ଚାୟତ ସ୍ଥାୟୀ ସଭା ପତି ରତ୍ନାକର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଭଗବାନ ଗିରି,ପୂର୍ବତନ ସରପଞ୍ଚ ଶରତ ପ୍ରଧାନ,ବରିଷ୍ଠ ନେତା ଚିତ୍ତ ଜେନା,ସମାଜସେବୀ ପରମେଶ୍ୱର ବାରିକ, ଯୁବ ନେତା ମହେନ୍ଦ୍ର ବିଶ୍ୱାଳ, ଯୁବନେତା ପୂର୍ଣ୍ଣଚନ୍ଦ୍ର ଜେନା,ପୂର୍ବତନ ଛାତ୍ର ଜନତା ସଭାପତି ହରେକୃଷ୍ଣ ପ୍ରଧାନ,ସୁଶାନ୍ତ ଗିରି ପ୍ରମୁଖ ମଞ୍ଚାସିନ ହୋଇ ସରକାରଙ୍କ ମହିଳା ମାରଣା ନୀତି ଓ ଡବଲ ଇଞ୍ଜିନ ସରକାରଙ୍କ ଉପରେ ପ୍ରବଳ ବର୍ଷି ଥିଲେ।

ତେବେ ଉକ୍ତ କାର୍ଯ୍ୟକ୍ରମ ପ୍ରତ୍ୟେକ ପଞ୍ଚାୟତର ଦଳୀୟ କର୍ମୀ, କର୍ମକର୍ତ୍ତା, ବ୍ଲକ କର୍ମକର୍ତ୍ତା, ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ସମେତ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ରହିଥିଲେ।

# ସୁନାବେଡ଼ା ପୌର ପରିଷଦ ସଫେଇ ଟେଣ୍ଡରରେ ଅନିୟମିତତା ଅଭିଯୋଗ




କୋରାପୁଟ,୨୨।୫ (ସଂଚାର ବ୍ୟୁରୋ): ସୁନାବେଡା ପୌର ପରିଷଦର ସଫେଇ ଟେଣ୍ଡର ପ୍ରକ୍ରିୟାକୁ ନେଇ ବିବାଦ ତୀବ୍ର ହୋଇଉଠିଛି। ଟେଣ୍ଡର ପ୍ରକ୍ରିୟାରେ ସରକାରୀ ନିୟମ ଉଲ୍ଲଂଘନ ହୋଇଥିବା ସହ ବ୍ଲାକଲିଷ୍ଟ ଥିବା ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଏଥିସହ କିଛି ନକଲି ଓ ଭୁଲ ଦଲିଲପତ୍ର ବ୍ୟବହାର ହୋଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲାର ସୁନାବେଡା ପୌର ପରିଷଦ ପକ୍ଷରୁ ସହରର ସଫେଇ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ବିଭିନ୍ନ ସଂସ୍ଥା ଏଥିରେ ଅଂଶଗ୍ରହଣ କରିଥିବା ବେଳେ ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରାଯାଇନଥିବା ଅଭିଯୋଗ ଆଣିଛନ୍ତି ମନ ଦୁରିଆ, ସୂରଜ ବାଘ, ଧୁଶା ବାରିକ, ମହେଶ ଚେଟି ଆଦି ସ୍ଥାନୀୟ ବାସିନ୍ଦା। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ବ୍ଲାକଲିଷ୍ଟ ଥିବା ଧନୁର୍ଜୟ କଣ୍ଟାଙ୍କୁ ନିୟମ ଅମାନ୍ୟ କରି କାର୍ଯ୍ୟାଦେଶ ଦିଆଯାଇଛି। ସେହିପରି ଟେଣ୍ଡର ସମୟରେ ଦାଖଲ ହୋଇଥିବା କିଛି ଦଲିଲପତ୍ରର ସତ୍ୟତାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ବେଳେ ସେମାନେ ଜିଲ୍ଲାପାଳଙ୍କ ନିକଟରେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଅପରପକ୍ଷରେ, ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଟେଣ୍ଡର ପ୍ରକ୍ରିୟା ସରକାରୀ ନିୟମ ଓ ପ୍ରକ୍ରିୟା ଅନୁଯାୟୀ କରାଯାଇଛି ଏବଂ କୌଣସି ପ୍ରକାର ଜାଲିଆତି କିମ୍ବା ଅନିୟମିତତା ହୋଇନାହିଁ। ତେବେ ଘଟଣାର ପ୍ରକୃତ ସତ୍ୟ କଣ ଏବଂ ଟେଣ୍ଡର ପ୍ରକ୍ରିୟାରେ ପ୍ରକୃତରେ କୌଣସି ଅନିୟମିତତା ହୋଇଛି କି ନାହିଁ, ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

### ଯୁକ୍ତଦୁଇ ପରୀକ୍ଷାରେ ଶାରଳା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

## ଜନ ପ୍ରକାଶ ମହାରଣା ବ୍ଲକ୍ ଟପ୍ପର



କାକଟପୁର/ଅସ୍ତରଙ୍ଗ,୨୨।୫ (ସଂଚାର ବ୍ୟୁରୋ): ସଦ୍ୟ ପ୍ରକାଶିତ ମାଧ୍ୟମିକ ଶିକ୍ଷା ପରିଷଦର +୨ ବିଜ୍ଞାନ ପରୀକ୍ଷା ଫଳରେ କାକଟପୁରରେ ଅବସ୍ଥିତ ଶାରଳା ବିଜ୍ଞାନ ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମଗ୍ର ରାଜ୍ୟରେ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଏକ ନୂତନ ମାଇଲ ସ୍ତମ୍ଭ ସୃଷ୍ଟି କରିଛି। ଚଳିତ ବର୍ଷ ଶାରଳା ବିଜ୍ଞାନ ଆବସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୧୨ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ଜଣେ ପରୀକ୍ଷାରେ ଅନୁପସ୍ଥିତ ଥିବା ବେଳେ ଅନ୍ୟ ସମସ୍ତ ଛାତ୍ରଛାତ୍ରୀ ପରକ୍ଷା ଦେଇ ଆକର୍ଷଣୀୟ ଫଳାଫଳ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ବିଦ୍ୟାଳୟର ୪ଜଣ ୧ ଗ୍ରେଡ୍ ପାଇଥିବା ବେଳେ ସେଥିମଧ୍ୟରୁ ଜନ ପ୍ରକାଶ ମହାରଣା ୫୭୩ ନମ୍ବର ରଖି ବିଦ୍ୟାଳୟର ଗୌରବ ଆଣିବା ସହ ବ୍ଲକରେ ଟପ୍ପର ହୋଇଛନ୍ତି। ସେହିପରି ଦେବାଶିଷ ମହନ୍ତ ୫୭୨ ନମ୍ବର, ଅର୍ପିତା ପ୍ରିୟଦର୍ଶିନୀ ନାୟକ ୫୫୩ ନମ୍ବର, ଶୁଭାଶିଷ ନାୟକ ୫୪୨ ନମ୍ବର ରଖି ଶାରଳା ଆବାସିକ ବିଜ୍ଞାନ ବିଦ୍ୟାଳୟର ସୁନାମକୁ ବଢାଇବା ସହ ଅନୁଷ୍ଠାନକୁ ଗୌରାବନିତ କରିଛନ୍ତି। ଏହାସହ ପ୍ରଥମ ଶ୍ରେଣୀରେ ୧୦୧ଜଣ ଛାତ୍ରଛାତ୍ରୀ, ୬ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଏହି ଅଭୂତପୂର୍ବ ସଫଳତା ପାଇଁ ଅଧ୍ୟକ୍ଷ ଚିତ୍ତରଞ୍ଜନ ବିଶ୍ୱାଳ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଅଭିଭାବକ ଓ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ଅତ୍ୟାଧୁନିକ ଡିଜିସ୍କାନର ସ୍ଥାପିତ



ଭୁବନେଶ୍ୱ,୨୨।୫ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଅନ୍ତର୍ଗତ ପାଥୋଲୋଜି ବିଭାଗରେ ଅତ୍ୟାଧୁନିକ ଫିଲିପ୍ସ ପାଥୋଲୋଜି ସ୍କାନର ଏସ୍‌ଜି ୩୦୦ ଶୁକ୍ରବାର ସ୍ଥାପନ କରାଯାଇଥିବା ବେଳେ ଏହା ଜଟିଳ ଏବଂ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ତ୍ୱରିତ ପରୀକ୍ଷଣ କରିବାରେ ସକ୍ଷମ ହୋଇପାରିବ ବୋଲି ଜଣାଯାଇଛି।

ଏହି ସ୍କାନରର ଏକ ଘଣ୍ଟାରେ ୬୦ଟି ସ୍ଲାଇଡ ସ୍କାନ କରିବାର କ୍ଷମତା ରହିଛି। ଏଥିରେ ପାଥୋଲୋଜି ସ୍ଲାଇଡ୍‌ଗୁଡ଼ିକ ସଫ୍ଟୱେୟାର ଫର୍ମାଟରେ ସଂରକ୍ଷିତ ରଖାଯିବାର ବ୍ୟବସ୍ଥା ରହିଥିବା ବେଳେ ଏହା ଦ୍ୱାରା ଗ୍ଲାସ୍ ସ୍ଲାଇଡ୍‌ଗୁଡ଼ିକର ବ୍ୟବହାର ହ୍ରାସ ପାଇବ ଏବଂ ରୋଗୀର ଚିକିତ୍ସାରେ ଅତ୍ୟନ୍ତ ସହାୟକ ହୋଇପାରିବ ବୋଲି ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାହୁତି ମହାପାତ୍ର କହିଛନ୍ତି। ଏହି ମେସିନ୍ ଦ୍ୱାରା ପ୍ରତିଷ୍ଠିତ ଡାକ୍ତରୀ କେନ୍ଦ୍ର ଗୁଡ଼ିକ ସହିତ ଟେଲି କନ୍‌ଫରେନ୍ସିଂ କରାଯାଇପାରିବ ଯାହା ଦ୍ୱାରା ବିଳମ୍ବିତ ପରୀକ୍ଷଣକୁ ହ୍ରାସ କରାଯାଇପାରିବ। ଏହି ସ୍କାନରରେ ୫ ବର୍ଷ ଯାଏଁ ସ୍ଲାଇଡଗୁଡ଼ିକୁ ସଂରକ୍ଷିତ ରଖିବାର ସୁବିଧା ରହିଛି ଯାହା ଦ୍ୱାରା କି ଜଟିଳ ସମସ୍ୟାରେ ପୀଡ଼ିତ ଥିବା ରୋଗୀମାନଙ୍କର ରେକର୍ଡ ଦୀର୍ଘ ବର୍ଷ ପରେ ମଧ୍ୟ ମିଳିପାରିବ। ଏହି ସ୍କାନର ମେସିନ୍ ଓଡ଼ିଶାରେ ପ୍ରଥମ ଥର ପାଇଁ ସମ୍ ହସ୍ପିଟାଲ୍‌ରେ ସ୍ଥାପନ କରାଯାଇଛି। ଏହାକୁ ସ୍ଥାପନ କରିବାରେ ସମ ହସ୍ପିଟାଲ ଭାରତରେ ଦ୍ୱିତୀୟ ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ଡିଜିସ୍କାନର ସ୍ଥାପନ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କହିଥିଲେ ଯେ ଏହା ଦ୍ୱାରା ପରୀକ୍ଷଣ ତ୍ୱରାନ୍ୱିତ ହେବ ଏବଂ ଶିକ୍ଷା ପ୍ରଦାନର ମାନ ବୃଦ୍ଧି ହେବା ସହ ଏହା କର୍ମଶାଳା ଏବଂ ଗବେଷଣା କ୍ଷେତ୍ରରେ ସାହାଯ୍ୟ କରିବ ବୋଲି ସେ କହିଥିଲେ।

ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର କହିଥିଲେ ଯେ ଏହି ସ୍କାନର ଜଟିଳ ରୋଗ କ୍ଷେତ୍ରରେ ଚିକିତ୍ସାରେ ସହାୟକ ହେବ ଏବଂ ରୋଗୀ ସେବା ଓ ଗବେଷଣାର ସ୍ତର ଉନ୍ନତ ହେବ। ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଥିଲେ ଯେ ଏହି ଅତ୍ୟାଧୁନିକ ମେସିନ ପରୀକ୍ଷଣର ସମୟକୁ ମଧ୍ୟ ହ୍ରାସ କରିବ ଏବଂ ପିଜି ଛାତ୍ରଛାତ୍ରୀଙ୍କର ଶିକ୍ଷା ଗ୍ରହଣ ଓ ପ୍ରଶିକ୍ଷଣରେ ସହାୟକ ହେବ। କାର୍ଯ୍ୟକ୍ରମରେ ଆଡିସ୍‌ନାଲ ଡିନ୍ ପ୍ରଫେସର (ଡାକ୍ତର) ଅଜୟ କୁମାର ଜେନା ଏବଂ ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ମନୋରମା ପରିଡ଼ା ଉପସ୍ଥିତ ଥିଲେ।

ଫିଲିପ୍ସ କମ୍ପାନୀର ସହଯୋଗରେ ଏହି ମେସିନ୍‌ର ସ୍ଥାପନ କରାଯାଇଛି।

## ସଫେଇ ସଚେତନତା ଅଭିଯାନ



ବୋରିଗୁମ୍ମା,୨୨।୫ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ଲକ କର୍ମଚାରୀ ଓ ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ପକ୍ଷରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ସକାଳ ୭ଟାରୁ ଏହି ମେଗା ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବ୍ଲକ ଓ ତହସିଲ କାର୍ଯ୍ୟାଳୟର ଅଧିକାରୀ ବିଡ଼ିଓ ସୁକାନ୍ତ ପଟନାୟକ, ତହସିଲଦାର ଶୋଭନ କୁମାର ବେହେରା, ଏବିଡ଼ିଓ ମାଧୁରୀ ଆଚାରୀ, ଜିପିଡିଓ ସ୍ୱାଗତିକା ଗୋପାଳ, ପିଇଓ ରଞ୍ଜନ କୁମାର ରାଉତ, ସ୍ଥାନୀୟ ସରପଞ୍ଚ ତୁଷାର କାନ୍ତ କୁମ୍ଭୀରିକା,ଅତିରିକ୍ତ ତହସିଲଦାର ସତିଶ କୁମାର ବୋଇନି ଓ ପଞ୍ଚାୟତ ସମିତି କାର୍ଯାଳୟ କର୍ମଚାରୀ, ବିଭିନ୍ନ ସଂଗଠନ, ଯୁବଗୋଷ୍ଠୀ ଏହି ସ୍ୱଛତା ଅଭିଯାନରେ ସାମିଲ ହୋଇ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସର, ପ୍ରବେଶ ରାସ୍ତା, ତହସିଲଦାରଙ୍କ କାର୍ଯାଳୟ ପରିସର ଓ ପଞ୍ଚାୟତ କାର୍ଯାଳୟକୁ ସଫା କରିଥିଲେ। ଏଥିସହିତ କାର୍ଯ୍ୟାଳୟକୁ ଆସିଥିବା ଜନସାଧାରଣ ଓ ବ୍ୟବସାୟୀ ମାନଙ୍କୁ ପଲିଥିନ ବ୍ୟବହାର ବାରଣ କରିବା ସହ ଆବର୍ଜନା କୁଣ୍ଡରେ ଆବର୍ଜନା ପକାଇବାକୁ ପରାମର୍ଶ ଦିଆଯାଇଥିଲା। ଏବଂ ପ୍ରତି ସପ୍ତାହରେ ଅନ୍ତତଃ ଗୋଟିଏ ଘଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ର, ପାର୍କ, କାର୍ଯ୍ୟାଳୟ ଓ ଖେଳପଡିଆ ଠାରେ ସଫେଇକୁ ନେଇ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି ।

## କୁଳଡିହା ଅଭୟାରଣ୍ୟରେ ବିରଳ ପେଚା ଠାବ



ନୀଳଗିରି,୨୨।୫ (ସଂଚାର ବ୍ୟୁରୋ): ଓଡିଶାର ଜୀବ ବିବିଧତା ପାଇଁ ଆଉ ଏକ ଖୁସିର ଖବର। କୁଲଡିୟା ଅଭୟାରଣ୍ୟ ଭିତରେ ଦୁର୍ଲଭ Spot-bellied Eagle-Owl ଦେଖିବାକୁ ମିଳିଛି। ବନ୍ୟଜୀବ ପ୍ରେମୀ ଓ ପକ୍ଷୀ ଅବଲୋକନକାରୀମାନେ ଜଙ୍ଗଲ ଅଞ୍ଚଳରେ ସର୍ବେକ୍ଷଣ କରୁଥିବା ବେଳେ ଏହି ବିରଳ ପେଚାଟି ଏକାକି ଗଛ ଉପରେ ବସିଥିବା ଦେଖିଥିଲେ। ବଡ଼ ଆକାର, ତୀକ୍ଷ୍ଣ କମଳା ଆଖି, କାନ ଭଳି ଦେଖାଯାଉଥିବା ପର ଓ ଛାତି ଓ ପେଟରେ ଥିବା ଚିହ୍ନ ଏହି ପକ୍ଷୀକୁ ଅତ୍ୟନ୍ତ ଆକର୍ଷଣୀୟ କରିଥାଏ। ଏହା ଭାରତୀୟ ଉପମହାଦେଶର ଅତ୍ୟନ୍ତ ଦୁର୍ଲଭ ଓ ଲଜ୍ଜାଳୁ ପେଚାମାନଙ୍କ ମଧ୍ୟରୁ ଗୋଟିଏ। କୁଲଡିହାର ଘନ ଜଙ୍ଗଲ ଓ ଶାନ୍ତ ପରିବେଶ ଏହି ପକ୍ଷୀ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀ ହୋଇପାରିଛି।

### ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ନେଇ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ

# ଶୃଙ୍ଖଳିତ ନୀତିକାନ୍ତି ଆୟୋଜନ ଉପରେ ଚର୍ଚ୍ଚା



**ଭୁବନେଶ୍ୱର, ୨୨।୫ (ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ଯାନିଯାତ୍ରା ଓ ଉତ୍ସବ ପ୍ରତ୍ୟେକ ଓଡ଼ିଶାବାସୀ ଓ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ସ୍ନାନଯାତ୍ରା, ରଥଯାତ୍ରା, ଆଡ଼ପ ମଣ୍ଡପ ବିଜେ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ଶୃଙ୍ଖଳିତ ଆୟୋଜନ ସମସ୍ତଙ୍କ ପାଇଁ ଆହ୍ୱାନ। ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରତି ବିଭାଗ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ଦଇତାପତି ନିଯୋଗଠାରୁ ଆରମ୍ଭ କରି ସେବାୟତ, ନିଯୋଗ ଓ ରାଜ୍ୟବାସୀଙ୍କ ଏକାନ୍ତ ସହଯୋଗର ଆବଶ୍ୟକତା ରହିଛି। ସମସ୍ତଙ୍କ ସହଯୋଗରେ ଚଳିତ ବର୍ଷର ରଥଯାତ୍ରା ଓ ଅନ୍ୟାନ୍ୟ ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି।

**ସ୍ନାନଯାତ୍ରାଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ଶୃଙ୍ଖଳିତ ସମାପନ ଉପରେ ଗୁରୁତ୍ୱ**

ଆଜି ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରଥଯାତ୍ରାର ଶୃଙ୍ଖଳିତ ଆୟୋଜନ ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୁରୀ ଜିଲ୍ଲା ପୁଲିସ, ଦଇତାପତି ନିଯୋଗ ଓ ଅନ୍ୟ ସଂପୃକ୍ତ ସଂସ୍ଥାର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଶୃଙ୍ଖଳିତ ନୀତିକାନ୍ତି ସହ ନିର୍ଦ୍ଧାରିତ ସମୟରେ ପହଣ୍ଡି, ରଥଟଣା, ଆଡ଼ପ ମଣ୍ଡପ ବିଜେ, ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ବ୍ୟବସ୍ଥା, ଭକ୍ତଙ୍କ ସୁବିଧା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ନୀତିନିର୍ଘଣ୍ଟ ନେଇ ଆଗୁଆ ସୂଚନା, ଭିଡ଼ ନିୟନ୍ତ୍ରଣ, ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ବ୍ୟାରିକେଡିଂ ବ୍ୟବସ୍ଥା, ସେବାୟତ, ନିଯୋଗ ଓ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କୁ ଦାୟିତ୍ୱ ବାବଦରେ ସଚେତନତା ସୃଷ୍ଟି କରିବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଶୃଙ୍ଖଳିତ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯେପରି ରଥକାଠ ଆୟୋଜନ, ରଥ ଦଉଡ଼ି, ରଥ କପଡ଼ା ସହ ନୀତିକାନ୍ତି ପାଇଁ ଆବଶ୍ୟକ ଝୁଣା, ଚନ୍ଦନକାଠ ଆଦି ସାମଗ୍ରୀ ଇତ୍ୟାଦିର ମହଜୁଦ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଦଇତାପତି ନିଯୋଗ ସଭାପତି ଗଣେଶ ଦାସ ମହାପାତ୍ର, ରାମକୃଷ୍ଣ ଦାସ ମହାପାତ୍ରଙ୍କ ସମେତ ନିଯୋଗର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କଟକ, ବରଗଡ଼ ଓ ଯାଜପୁରରେ ହେବ ହସ୍ତତନ୍ତ ହବ୍ ଓ ପାର୍କ



**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** କଟକ, ବରଗଡ଼ ଓ ଯାଜପୁର ଜିଲ୍ଲାରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ୩ଟି ଜିଲ୍ଲାରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା।

କଟକ ଜିଲ୍ଲାର ଅଭିମାନପୁରଠାରେ ୧୩.୫୧ କୋଟି ଟଙ୍କା ବ୍ୟୟରେ ୨.୭୭ ଏକର ସ୍ଥାନରେ ଏ.ଆଇ ଓ ବ୍ଲକ ଚେନ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା କରାଯିବ। ଏଠାରେ ପ୍ରଶାସନିକ କାର୍ଯ୍ୟାଳୟ ସହ ଅତିଥି ଗୃହ, ଡିସ୍ପ୍ଲେ ଶପ୍, କପଡ଼ା ବୟନ କେନ୍ଦ୍ର, ପ୍ରଦର୍ଶନୀ ଅଞ୍ଚଳ ସହ ବିକ୍ରୟ ଷ୍ଟଲ, ଗୋଦାମ ଗୃହ ଆଦି କ୍ଷେତ୍ର ନିର୍ମିତ ହେବ। ଏହା ସ୍ଥାନୀୟ ଅଞ୍ଚଳରେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଟେରାକୋଟା କ୍ଷେତ୍ରକୁ ଏକ ନୂତନ ଦିଗ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ପ୍ରୋତ୍ସାହିତ କରିବ।

ସେହିପରି ବରଗଡ଼ ଜିଲ୍ଲାରେ ୨୦ କୋଟି ଟଙ୍କା ବ୍ୟୟରେ ହସ୍ତତନ୍ତ ଓ ପୋଷାକ ପାର୍କ ପ୍ରତିଷ୍ଠା ନେଇ ଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ବରଗଡ଼ର ଗୋବିନ୍ଦପୁର ମୌଜାରେ ୯.୩୫ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ପାର୍କ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଅଞ୍ଚଳ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ। ଏଠାରେ ଲଙ୍ଗ ୱାରପିଂ, ୱାଇଡିଂ, ବୁଣା କାର୍ଯ୍ୟ ସହ ଉଚ୍ଚ ମାନର ସିଲାଇ ମେସିନ୍‌ର ବ୍ୟବହାର କରି ୩୦୦ରୁ ଅଧିକ କାରିଗରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପୋଷାକ ପ୍ରସ୍ତୁତି ସମ୍ଭବ ହୋଇପାରିବ।

ବରଗଡ଼ ଜିଲ୍ଲାର ବେହେରା ବାଲିଜୁରୀଠାରେ ବୁଣାକାର ହାଟ ସ୍ଥାପନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ହସ୍ତତନ୍ତ ପଣ୍ୟ ପ୍ରଦର୍ଶନ ଓ ବିକ୍ରି ପାଇଁ ୨୦୦୦ ପିଣ୍ଡିର ବିକାଶ ସହ ସାମଗ୍ରୀ ପରିବହନ ଓ ଯାତାୟାତ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ, ପାର୍କିଂ ବ୍ୟବସ୍ଥା ଓ ଫୁଡ୍ ଷ୍ଟଲ୍‌ର ବ୍ୟବସ୍ଥା ରହିବ। ୨୯.୧୨ ଏକର ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ବୁଣାକାର ହାଟ ଲାଗି ୨୭.୫୭ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ସେହିପରି ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ଏଆଇ ଓ ବ୍ଲକ୍‌ଚେନ୍ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଛି। ପ୍ରାୟ ୨ ଏକର ଜମିରେ ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ହବ୍ ସିଲ୍କ ଶାଢ଼ି, ବସ୍ତ୍ର ଓ ଗୃହସଜ୍ଜା ସାମଗ୍ରୀ ଉତ୍ପାଦନ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ।

### ଭିଜିବ ଓଡ଼ିଶା, ତାତିରୁ ମିଳିବ ମୁକ୍ତି

# ବଙ୍ଗୋପସାଗରରେ ଲଘୁଚାପ, ୨୮ରେ ବର୍ଷା!



**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଭିଜିବ ଓଡ଼ିଶା, ଗରମ ମିଳିବ ମୁକ୍ତି। ଦିନ ବେଳା ତତଲା ତାଓ୍ୱାରେ ଭାଜି ହେଉଥିବା ରାଜ୍ୟବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିବ। ଖରାର ତାଉ କମିବ, ଆକାଶ ମେଘାଚ୍ଛନ୍ନ ହେବ। କାରଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ହୋଇଛି। ଏହାର ପ୍ରଭାବରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଥିବା ବେଳେ ଏଥିପାଇଁ ଆସନ୍ତା ୨୮ ଓ ୨୯ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ପୂର୍ବାନୁମାନ ଅନୁସାରେ, ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ପରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ କାଳବୈଶାଖୀ ପ୍ରଭାବ ଜୋର ରହିବ। ଏନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଆଜି ଅପରାହ୍ନରେ କିଛି ସ୍ଥାନରେ କାଳବୈଶାଖୀ ହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକରେ କାଳବୈଶାଖୀ ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ସେପଟେ ଶୁକ୍ରବାର ଓଡ଼ିଶାବାସୀ ତତଲା ପବନ ଓ ଭୀଷଣ ଗୁଳୁଗୁଳିରେ ଦହଗଞ୍ଜ ହୋଇଛନ୍ତି। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାତି ଯୋଗୁଁ ବିସ୍ଫୋରଣ ଭଳି ଜ୍ୱାଳା ଅନୁଭୂତ ହୋଇଛି। ଶୁକ୍ରବାର ରାଜଧାନୀର ତାପମାତ୍ରା ଯଦିଓ ୩୭ ଡିଗ୍ରୀ ରେକର୍ଡ ହୋଇଛି, କିନ୍ତୁ ହିଟ୍ ଇଣ୍ଡେକ୍ସ ୫୨ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଯାଇଥିଲା। ବଙ୍ଗୋପସାଗରରୁ ବହିଆସୁଥିବା ଆର୍ଦ୍ରତାପୂର୍ଣ୍ଣ ପବନ ଯୋଗୁଁ ଅଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି। ଆଜି ରାଜଧାନୀର ଆର୍ଦ୍ରତା ୮୪ ପ୍ରତିଶତ ରହିଥିଲା। ତେଣୁ ସକାଳୁ ସକାଳୁ ଭୀଷଣ ଗୁଳୁଗୁଳି ଅନୁଭୂତ ହୋଇଥିଲା।

### ପ୍ରତ୍ନତତ୍ତ୍ୱ ବିଭାଗ, ଆଇଆଇଟି ଓ ଏସପିଏ ମଧ୍ୟରେ ଏମଓୟୁ

# ଐତିହାସିକ କୀର୍ତ୍ତିରାଜିର ସୁରକ୍ଷା ଓ ବିକାଶ କରାଯିବ




**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱର ସଂସ୍କୃତି ଭବନଠାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ, ଆଇଆଇଟି ଖଡ଼ଗପୁର ଏବଂ ସ୍କୁଲ ଅଫ୍ ପ୍ଲାନିଙ୍ଗ ଆଣ୍ଡ ଆର୍କିଟେକ୍ଚର, ଭୋପାଳ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶାର ପ୍ରମୁଖ ଐତିହ୍ୟ କୀର୍ତ୍ତିରାଜି, ସ୍ଥାପତ୍ୟ, ମନ୍ଦିର, ଐତିହାସିକ ସ୍ଥାନଗୁଡ଼ିକର ସଂରକ୍ଷଣ କରିବା ପରିପ୍ରେକ୍ଷୀରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳୀ ଓ ସ୍ଥାପତ୍ୟକୁ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରାଯିବା ସହ ଡିଜିଟାଲ ଦସ୍ତାବିଜ ପ୍ରସ୍ତୁତ କରିବା ନିମନ୍ତେ କାର୍ଯ୍ୟ କରାଯିବ। ଥ୍ରୀଡି ଆନିମେସନ୍, ଡିଜିଟାଲ ମ୍ୟାପିଙ୍ଗ, ଜିଓଗ୍ରାଫିକ ଇନ୍‌ଫର୍ମେସନ୍ ସିଷ୍ଟମ୍, ରିମୋଟ ସେନ୍‌ସିଂ ଆଦି ପ୍ରଯୁକ୍ତିବିଦ୍ୟାର ସହଯୋଗରେ ଐତିହ୍ୟ କୀର୍ତ୍ତିରାଜି, ସ୍ଥାପତ୍ୟ, ମନ୍ଦିର, ଐତିହାସିକ ସ୍ଥାନଗୁଡ଼ିକର ସଂରକ୍ଷଣ କରାଯିବା ସହ ଏହାର ବିକାଶ ନିମନ୍ତେ ପଦକ୍ଷେପ ନିଆଯିବ। ରାଜ୍ୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧୀନରେ ଥିବା ପ୍ରାୟ ୮୨ ଓ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା ପ୍ରାୟ ୨୧୨ଟି ଐତିହାସିକ କୀର୍ତ୍ତିରାଜିର ବିକାଶ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏଥିସହ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)-୨୦୨୦ ଆଧାରରେ ଆଇଆଇଟି ଖଡ଼ଗପୁରରେ ଐତିହ୍ୟ ଓ ସ୍ଥାପତ୍ୟର ସଂରକ୍ଷଣ କ୍ଷେତ୍ରରେ ଇଣ୍ଟର୍ନସିପ୍ କରିବା ପାଇଁ ଓଡ଼ିଶାର ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

**ଆଇଆଇଟି ଖଡ଼ଗପୁରରେ ଇଣ୍ଟର୍ନସିପ୍ କରିବେ ୧୦ ଛାତ୍ରଛାତ୍ରୀ**

ସେ କହିଛନ୍ତି ଯେ ଆମ ଐତିହ୍ୟ ଓ ସ୍ଥାପତ୍ୟ ହେଉଛି ଆମ ଗୌରବ। ଏହା ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛି। ଆମ ରାଜ୍ୟର ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ଆଗାମୀ ପିଢ଼ିକୁ ଏହାର ସ୍ୱତନ୍ତ୍ରତା ସମ୍ବନ୍ଧରେ ଅବଗତ କରାଇବା ହେଉଛି ଆମ କର୍ତ୍ତବ୍ୟ।

# ୨୮କୁ ଘୁଞ୍ଚିଲା ଓଟିଇଟି ପରୀକ୍ଷା

**କଟକ,୨୨।୫ (ସଂଚାର ବ୍ୟୁରୋ):** ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଦେବାକୁ ଥିବା ପରୀକ୍ଷାର୍ଥୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର। ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଏହି ପରୀକ୍ଷା ଜୁନ୍ ୨୧ ତାରିଖରେ ହେବାର ଥିଲା, ମାତ୍ର ଏବେ ଏହାକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ଜୁନ୍ ୨୮ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ଆନୁଷ୍ଠାନିକ ଭାବେ ସୂଚନା ଦିଆଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦର ସୂଚନା ଅନୁଯାୟୀ, ଜୁନ୍ ୨୮ ତାରିଖରେ ଦୁଇଟି ସିଟିଂରେ ପରୀକ୍ଷା କରାଯିବ। ପ୍ରଥମ ପେପର ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପେପର ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ସଞ୍ଜ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଆଶାୟୀ ପ୍ରାର୍ଥୀମାନେ ଆସନ୍ତା ଜୁନ୍ ୧୭ ତାରିଖରୁ ନିଜର ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ବୋର୍ଡର ଅଫିସିଆଲ୍ ୱେବସାଇଟ୍ (ବିଏସ୍‌ଇ ଓଡ଼ିଶା) ରେ ଏହି ଆଡମିଟ୍ କାର୍ଡ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ୱେବସାଇଟ୍‌କୁ ଯାଇ ନିଜର ଲଗ୍‌ଇନ୍ ଆଇଡି ବ୍ୟବହାର କରି ଏହାକୁ ସହଜରେ ପାଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ୩୮ ହାଇୱା ସହ ୩ ବାଲି ଉତ୍ତୋଳନ ମେସିନ ଜବତ



**ବାରଙ୍ଗ,୨୨।୫ (ସଂଚାର ବ୍ୟୁରୋ):** ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ବେଳେ ଚଢ଼ଉ । ୩୮ଟି ହାଇୱା ସମେତ ୩ ବାଲି ଉତ୍ତୋଳନ ମେସିନ ଜବତ । ବିଳମ୍ବିତ ରାତିରେ ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଜିଲ୍ଲାର କଲ୍ୟାଣପୁର ବାଲିଘାଟରେ ଅତର୍କିତ ଚଢ଼ଉ ହୋଇଥିଲା । ସେତେବେଳେ ପ୍ରାୟ ୪୦ ହାଇୱା ବାଲି ଘାଟରେ ଥିଲା। ଚଢ଼ଉ ବେଳେ ବାଲି ଚାଲାଣକାରୀ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଗାଡ଼ି ଚାଳକମାନେ ମଧ୍ୟ ଗାଡ଼ି ଛାଡି ଫେରାର ହୋଇଯାଇଥିଲେ । ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା । ରାତି ତମାମ ପୁଲିସ୍ ଫୋର୍ସ ଗାଡ଼ି ଗୁଡ଼ିକୁ ଘଟଣାସ୍ଥଳରୁ ଥାନାକୁ ଆଣିଥିଲେ। ଘଟଣାସ୍ଥଳରୁ ଗୋଟିଏ ଜେସିବି ମେସିନ ଓ ଦୁଇଟି ଏକ୍ସକାଭେଟର ଜବତ ହୋଇଛି । ପୁଲିସ୍ ସମୁଦାୟ ୩୮ଟି ହାଇୱା ସମେତ ୩ ଟି ବାଲି ଉତ୍ତୋଳନ ମେସିନ ଜବତ କରିଛି। ବାଲିଘାଟରେ ବ୍ୟାପକ ଅନିୟମିତତା ଅଭିଯୋଗ ପରେ ରେଡ୍ କରିଥିଲା ପୁଲିସ୍।

# ଓଡ଼ିଶା ପାଇଁ 'ଆପ୍'ର ୫ ସହପ୍ରଭାରୀ

**ଭୁବନେଶ୍ୱର, ୨୨।୫ (ସଂଚାର ବ୍ୟୁରୋ):** ରାଜ୍ୟରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ସାଙ୍ଗଠନିକ କାର୍ଯ୍ୟକୁ ଅଧିକ ମଜବୁତ କରିବା ପାଇଁ ଦଳର କେନ୍ଦ୍ରୀୟ ଟିମ୍ ୫ ଜଣଙ୍କୁ ସହପ୍ରଭାରୀ ଭାବେ ନିଯୁକ୍ତି ଦେଇଛି। ସେମାନେ ହେଲେ ବିବି ତ୍ୟାଗୀ, ରବୀନ୍ଦ୍ର ଭରଦ୍ୱାଜ, ପ୍ରଦୀପ ମିତ୍ତଲ, ପୁନିତ୍ ରାୟ ଓ ପ୍ରବୀଣ କାଦିୟା। ରାଜ୍ୟରେ ସାମ୍ପ୍ରତିକ ସ୍ଥିତିକୁ ନେଇ ଆପ୍ ମୁଖ୍ୟ ଅରବିନ୍ଦ କେଜରିୱାଲ ଓଡ଼ିଶାରେ ଦଳକୁ ଏକ ବିକଳ୍ପ ନେତୃତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ସେହି ଆଧାରରେ ଦୀର୍ଘ ଦିନ ଧରି ଆପ୍ ରାଜ୍ୟରେ ଏକ କର୍ମୀ ସମ୍ମିଳନୀର ଡାକରା ଦେଇଛି। ଏହି କର୍ମୀ ସମ୍ମିଳନୀରେ ଆସନ୍ତା ୨୪ ତାରିଖରେ ରାଜ୍ୟସଭା ସାଂସଦ ତଥା ଆପ୍‌ର ବରିଷ୍ଠ ନେତା ସଞ୍ଜୟ ସିଂ ଓ ରାଜ୍ୟ ପ୍ରଭାରୀ ବୀରେନ୍ଦ୍ର ସିଂ କାଡିଆନ୍ ଯୋଗଦେବେ। ତେବେ ସଂଗଠନକୁ ରାଜ୍ୟରେ ଅଧିକ ସଂଗଠିତ କରିବା ପାଇଁ ଏହି ୫ ଜଣଙ୍କୁ ସହ ପ୍ରଭାରୀ ଭାବେ ନିଯୁକ୍ତ କରିଛନ୍ତି, ଯାହାକି ରାଜ୍ୟରେ ସଂଗଠନକୁ ଅଧିକ ମଜବୁତ୍ କରିପାରିବ। ଏନେଇ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଆପ୍ ରାଷ୍ଟ୍ରୀୟ ଆବାହକ ଶ୍ରୀ କେଜ୍ରିୱାଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମଧ୍ୟବର୍ତ୍ତୀକାଳୀନ ସମନ୍ୱୟ କମିଟି ବୈଠକ

**କଟକ,୨୨।୫(ସଂଚାର ବ୍ୟୁରୋ):** କଟକ ନଗର ଜିଲ୍ଲା କଂଗ୍ରେସ କମିଟିର ଏକ ସାଂଗଠନିକ ବୈଠକ ଶୁକ୍ରବାର ପୂର୍ବାହ୍ନରେ ଓଏମ୍‌ପି ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ନଗର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶାନ୍ତାୟନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ବାରବାଟୀ-କଟକ, ଚୌଦ୍ୱାର -କଟକ ଓ କଟକ ସଦରରେ ଥିବା ୱାର୍ଡଗୁଡ଼ିକୁ ନେଇ ତିନୋଟି ମଧ୍ୟବର୍ତ୍ତୀକାଳୀନ ସମନ୍ୱୟ କମିଟି ଗଠନ କରାଯାଇଛି। କମିଟିରେ ୫୯ଟି ୱାର୍ଡର ଦକ୍ଷ ସଂଗଠକଙ୍କୁ ସ୍ଥାନିତ କରାଯାଇଛି। କଟକ ନଗର ଜିଲ୍ଲା କଂଗ୍ରେସର ସଭାପତି ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଗୁରୁତ୍ୱାରୋପ କରି ଏହି କମିଟି ଗଠନ ହୋଇଥିବା ଜଣାଇଛନ୍ତି। କମିଟିରେ ଯୁବ ପ୍ରତିଭାଙ୍କୁ ସାମିଲ କରିବା ସହିତ ବିଭିନ୍ନ ୱାର୍ଡ ଗସ୍ତକରି ସେଠାରେ କମିଟି ଓ ବ୍ଲକ୍ କମିଟି ଗଠନ କରିବା ନେଇ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ନଗର ଜିଲ୍ଲା କଂଗ୍ରେସ ସଭାପତି ସୂଚନା ଦେଇଛନ୍ତି। ଆସନ୍ତା ଜୁନ୍ ସୁଦ୍ଧା କଟକ ନଗର ଜିଲ୍ଲା କଂଗ୍ରେସ ନୂତନ କମିଟି ଗଠନ କରାଯିବ ବୋଲି ସୂଚନା ମିଳିଛି। ଆଜିର ବୈଠକରେ ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, ସଦର କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତ, ପିସିସି ସଭ୍ୟ ବିଶ୍ୱନାଥ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

### ଲ୍ୟାମ୍ପ ଏମ୍‌ଡିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

# କୋଟି କୋଟି ଟଙ୍କା ହେରଫେର ନେଇ ଗିରଫ



**କଲ୍ୟାଣସିଂହପୁର,୨୨।୫(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ସମବାୟ ସମିତି (ଲ୍ୟାମ୍ପ)ରେ ଘଟିଥିବା କୋଟି କୋଟି ଟଙ୍କାର ଅର୍ଥ ହେରଫେର ଘଟଣାରେ ନୂଆ ମୋଡ଼ ଆସିଛି। ଲ୍ୟାମ୍ପର ମ୍ୟାନେଜିଂ ଡାଇରେକ୍ଟର ତାରିଣୀ ପ୍ରସାଦ ତ୍ରିପାଠୀଙ୍କ ଜିଲ୍ଲାସ୍ଥିତ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ଏକ ୬ଜଣିଆ ଭିଜିଲାନ୍ସ ଟିମ୍ ଶ୍ରୀ ତ୍ରିପାଠୀଙ୍କ ବାସଭବନରେ ପହଞ୍ଚି ଦସ୍ତାବିଜ ଯାଞ୍ଚ ସହ ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ଏହି ସମବାୟ ସମିତିରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ନେଇ ଅଭିଯୋଗ ଆସିଥିଲା। ବିଭାଗୀୟ ତଦନ୍ତ ରିପୋର୍ଟ ଅନୁଯାୟୀ, ୩୩ ଜଣ ଚାଷୀଙ୍କ ଅଜାଣତରେ ୨୮ ଲକ୍ଷ ୨୯ ହଜାର ଟଙ୍କା ଉଠାଯାଇଥିବା ସହ ପରିବାର ସଦସ୍ୟଙ୍କ ନାମରେ ୭୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ହଡ଼ପ କରାଯାଇଥିବା ଉଲ୍ଲେଖ ରହିଛି। ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ ମିନି ବ୍ୟାଙ୍କ ଆକାଉଣ୍ଟରୁ ୨୮ ଲକ୍ଷ ୨୯ ହଜାର ଟଙ୍କା, ଭାଇଙ୍କ ନାମରେ ୧୪ ଲକ୍ଷ ୨୧ ହଜାର ଟଙ୍କା, ବାପାଙ୍କ ନାମରେ ୩ ଲକ୍ଷ ୬୫ ହଜାର ଟଙ୍କା, ସ୍ତ୍ରୀ ଓ ଅନ୍ୟ ସମ୍ପର୍କୀୟଙ୍କ ନାମରେ ୬ ଲକ୍ଷ ୬୫ ହଜାର ଟଙ୍କା ଓ ନିଜ ନାମରେ ୨୨ ଲକ୍ଷ ଟଙ୍କା ହିସାବ ରକ୍ଷକଙ୍କ ଅଜାଣତରେ ବ୍ୟାଙ୍କରୁ ଉଠାଯାଇଥିବା ସୂଚନା ମିଳିଛି।

ଓଡ଼ିଶା ଭିଜିଲାନ୍ସ ପକ୍ଷରୁ କରାଯାଇଥିବା ଯାଞ୍ଚରେ ଜଣାପଡ଼ିଛି ଯେ ୨୦୨୪ରୁ ୨୦୨୬ ମଧ୍ୟରେ ଏହି ଠକେଇ କାର୍ଯ୍ୟ ହୋଇଥିଲା। ଅଭିଯୁକ୍ତ ଶ୍ରୀ ତ୍ରିପାଠୀ ସରକାରୀ ରେକର୍ଡରେ କାରସାଦି କରି ପର୍ଯ୍ୟାୟ କ୍ରମେ ଏହି ଅର୍ଥ ହେରଫେର କରିଥିବା ଅଭିଯୋଗ ରହିଛି। ତଦନ୍ତରେ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ ହଡ଼ପ ହୋଇଥିବା ୭୫ ଲକ୍ଷ ଟଙ୍କା ସମବାୟ ସମିତିର ପ୍ରାଥମିକ ସଦସ୍ୟମାନଙ୍କ ସଞ୍ଚୟ ଓ ଜମାରାଶି ଥିଲା। ଏହା ଫଳରେ ସମବାୟ ସଂସ୍ଥା ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକେ ସିଧାସଳଖ ପ୍ରଭାବିତ ହୋଇଛନ୍ତି। ଏନେଇ କୋରାପୁଟ ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୮, ତାରିଖ ୨୧.୦୫.୨୦୨୬ରେ ପ୍ରିଭେନସନ୍ ଅଫ କରପ୍ସନ ଆକ୍ଟ-୨୦୧୮ ଓ ବିଏନ୍‌ଏସ୍-୨୦୨୩ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ତାରିଣୀ ପ୍ରସାଦ ତ୍ରିପାଠୀଙ୍କୁ କୋର୍ଟ ଚାଲାଣ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

# ନକଲି ଏନ୍‌ଆଇଏ ଅଫିସର ଗିରଫ



**ଭୁବନେଶ୍ୱର, ୨୨।୫ (ସଂଚାର ବ୍ୟୁରୋ) :** ନକଲି ନ୍ୟାସନାଲ୍ ଇନ୍‌ଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଅଫିସରକୁ ମାଡିବସିଲା ପୁଲିସ୍। ଥାନାରେ ଦଲାଲି କରିବାକୁ ଆସି ଧରାପଡିଲା ଠକ । ରାଜଧାନୀରୁ ଧରାପଡିଲା ନକଲି ଏନ୍‌ଆଇଏ ଅଫିସର । ନିଜକୁ ଏନ୍‌ଆଇଏ ଅଧିକାରୀ କହି ପୁଲିସକୁ ଦେଖାଉଥିଲା ଠାଣି । ଥାନାକୁ ଆସି ମିଛ ମାମଲା ରୁଜୁ କରିବା ପାଇଁ ପୁଲିସ୍ ଉପରେ ପକାଉଥିଲା ଚାପ । ଶେଷରେ ଖାରବେଳନଗର ଥାନା ପୁଲିସ୍ ହାତରେ ଧରାପଡିଲା ଠକ ଚାଲବାଜ। ଅଭିଯୁକ୍ତର ନାଁ ଆଶିଷ ରେଡି । ସେ ପଶ୍ଚିମବଙ୍ଗର ହୋଇଥିବା ସୂଚନା ମିଳିଛି । ଜଣେ ମହିଳାଙ୍କ ଗ୍ୟାଙ୍ଗ ରେପ୍ ଅଭିଯୋଗକୁ ନେଇ ଥାନାରେ ଦଲାଲି କରିବାକୁ ଆସିଥିଲା ଅଭିଯୁକ୍ତ । ନିଜକୁ ଏନ୍‌ଆଇଏ ଅଫିସର ପରିଚୟ ଦେଇ ପୁଲିସ୍‌କୁ ଧମକଚମକ ମଧ୍ୟ ଦେଉଥିଲା। ଫିଲ୍ମ ଷ୍ଟାଇଲରେ ଏନ୍‌ଆଇଏ ଲୋଗୋ ଲାଗିଥିବା ଜ୍ୟାକେଟ୍ ପିନ୍ଧି ବୁଲୁଥିବା ବେଳେ ସନ୍ଦେହ ହୋଇଥିଲା ପୁଲିସ୍‌ର । ପରେ ତାଙ୍କ ଆଇଡି କାର୍ଡ ଯାଞ୍ଚ କରାଯିବା ପରେ ସାମ୍ନାକୁ ଆସିଥିଲା ଅସଲ ଚିତ୍ର । ନକଲି ପରିଚୟ ଦେଇ ଲୋକଙ୍କୁ ଧମକ ଦେବା ସହ ଟଙ୍କା ଆଦାୟ କରୁଥିବା ଅଭିଯୋଗ ରହିଥିବା ସନ୍ଦେହ କରୁଛି ପୁଲିସ୍। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଖଣ୍ଡା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ୍ । ଗତ ୧୦ରୁ ୧୫ ଦିନ ଧରି ସେ ଏନ୍‌ଆଇଏ ଅଫିସର ସାଜି ବୁଲୁଥିବା ବେଳେ ଆଉ କେତେ ଲୋକଙ୍କୁ ଠକିଛି ସେନେଇ ଖୋଳତାଡ଼ କମିଶନରେଟ ପୁଲିସ୍ ।

# ବିଧାୟକଙ୍କ ଗାଡ଼ିକୁ ଆକ୍ରମଣ



**ଆଠଗଡ଼, ୨୨।୫ (ସଂଚାର ବ୍ୟୁରୋ):** ତିଗିରିଆର ପଞ୍ଚାୟତ ସମିତି ବୈଠକରେ ଯୋଗ ଦେବାକୁ ଯାଉଥିବା ବେଳେ ତିଗିରିଆ ବ୍ଲକ ଛକରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓରଫ୍ ରାଜା ସ୍ୱାଇଁଙ୍କ ଗାଡ଼ି ଉପରକୁ ଆକ୍ରମଣ ହୋଇଛି। କିଛି ଦୁର୍ବୃତ୍ତ ହାତରେ ଠେଙ୍ଗା ଧରି ଗୋଡ଼ାଇବା ସହ ବୋତଲ ମାଡ଼ କରିଛନ୍ତି। ତିଗିରିଆ ପୁଲିସ ଉପସ୍ଥିତିରେ ଏହି ଘଟଣା ଘଟିଥିବା ବେଳେ ବିଧାୟକଙ୍କ ଗାଡ଼ିକୁ ସୁରକ୍ଷା ଦେଇ ବ୍ଲକ୍ ପରିସରକୁ ନେଲା ପୁଲିସ। ଏହି ଘଟଣାକୁ ନେଇ ବିଧାୟକଙ୍କ ସମର୍ଥକ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ପୁଲିସ ସହ ମୁହାଁମୁହିଁ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ଲକ କାର୍ଯ୍ୟାଳୟଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ପୁଲିସ ଫୋର୍ସ ମୁତୟନ ହୋଇଥିଲା। ଏହି ଘଟଣାରେ ରାଜା ସ୍ୱାଇଁଙ୍କ ସମର୍ଥକ ତାଙ୍କ ଉପରକୁ ଏସିଡ଼ ମାଡ ହୋଇଥିବା ଅଭିଯୋଗ ଆଣିଥିବା ବେଳେ ବିଧାୟକଙ୍କୁ ପଚାରିବାରୁ ବୁଝିକି କହିବି ବୋଲି କହିଥିଲେ।

### ସୁପରିଚାଳନା ନେଇ ରାଜସ୍ୱ ସଚିବଙ୍କ ସମୀକ୍ଷା

# ସର୍କିଟ୍ ହାଉସରେ ମାଦକ ଦ୍ରବ୍ୟ ସେବନ ମନା



**ୱାଇ-ଫାଇ ଓ ସିସିଟିଭି ନିରୀକ୍ଷଣ**

**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜ୍ୟର ବିଭିନ୍ନ ସର୍କିଟ୍ ହାଉସ୍‌ଗୁଡ଼ିକର ପରିଚାଳନା ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ବୈଠକରେ ସର୍କିଟ୍ ହାଉସ୍‌ଗୁଡ଼ିକର ସୁପରିଚାଳନା, ରକ୍ଷଣାବେକ୍ଷଣ ଓ ଉନ୍ନତ ସେବା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସର୍କିଟ୍ ହାଉସ୍‌ଗୁଡ଼ିକୁ ସରକାରୀ ସମ୍ପତ୍ତି ଭାବେ ସୁରକ୍ଷିତ ରଖିବା ସହ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ସର୍କିଟ୍ ହାଉସ୍‌ଗୁଡ଼ିକ ପ୍ରାୟତଃ କ୍ଷେତ୍ର ପରିଦର୍ଶନରେ ଆସିଥିବା ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ନ୍ୟାୟିକ ଅଧିକାରୀ, ଜନପ୍ରତିନିଧି ଓ ସରକାରୀ ଅତିଥିମାନଙ୍କ ରହଣି ପାଇଁ ଉଦ୍ଦିଷ୍ଟ। ଏହାର ସଠିକ୍ ପରିଚାଳନା ପାଇଁ ସ୍ୱଚ୍ଛତା, ଉନ୍ନତମାନର ଆତିଥ୍ୟ ସେବା, ଆର୍ଥିକ ଶୃଙ୍ଖଳା ଓ ସ୍ୱଚ୍ଛ ବୁକିଂ ପ୍ରକ୍ରିୟା ଅତ୍ୟାବଶ୍ୟକ। ବୈଠକରେ 'ଓଡ଼ିଶା ସର୍କିଟ୍ ହାଉସ୍ ଏବଂ ରେଭେନ୍ୟୁ ଇନ୍ସପେକ୍ସନ୍ ବଙ୍ଗଳା ନିୟମାବଳୀ, ୧୯୮୫' ଅନୁଯାୟୀ ସର୍କିଟ୍ ହାଉସ୍‌ର ପରିଚାଳନା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମୁଖ୍ୟାଳୟରେ ଥିବା ସର୍କିଟ୍ ହାଉସ୍ ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଅନ୍ୟ ସ୍ଥାନରେ ଥିବା ସର୍କିଟ୍ ହାଉସ୍ ପାଇଁ ଉପ-ଜିଲ୍ଲାପାଳଙ୍କୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି।

ବୈଠକରେ ସର୍କିଟ୍ ହାଉସ୍‌ରେ ସ୍ୱଚ୍ଛତା ଓ ଉନ୍ନତ ଆତିଥ୍ୟ, ସ୍ୱଚ୍ଛ ଆବଣ୍ଟନ ପ୍ରକ୍ରିୟା ଅନୁସରଣ, ଆସବାବପତ୍ର ଓ ଉପକରଣର ତାଲିକା ରଖିବା, ଅନଲାଇନ୍ ବୁକିଂ ବ୍ୟବସ୍ଥା, ରକ୍ଷଣାବେକ୍ଷଣ ଓ ଅଗ୍ନି ନିର୍ବାପନ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ସ୍ପେଶାଲ୍ ସର୍କିଟ୍ ହାଉସ୍‌ଗୁଡ଼ିକରେ ୱାଇ-ଫାଇ ସୁବିଧା ଓ ସିସିଟିଭି ନିରୀକ୍ଷଣ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସର୍କିଟ୍ ହାଉସ୍‌ଗୁଡ଼ିକରେ ଧୂମପାନ ଓ ମାଦକ ଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷେଧ ପାଇଁ ମଧ୍ୟ ନିର୍ଦ୍ଦେଶନାମା ଜାରି କରାଯାଇଛି।

### ଓଡ଼ିଶାରେ କକ୍ରୋଚ୍ କ୍ରେଜ୍

# ନିଜକୁ ଅସରପା କହିଲେ ମେଧାବୀ




**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଜାତୀୟ ରାଜନୀତିକୁ ହୁଲ୍‌ସ୍ଥୁଲ କରୁଥିବା କକ୍ରୋଚ କ୍ରେଜ୍ ଓଡ଼ିଶାକୁ ବ୍ୟାପିଛି। ଉଚ୍ଚଶିକ୍ଷିତ ଯୁବଗୋଷ୍ଠୀ ଏକତ୍ର ହୋଇ ନିଜକୁ କକ୍ରୋଚ କହିବା ସହ ନିଯୁକ୍ତି ନେଇ ସରକାରଙ୍କୁ ଘେରିଛନ୍ତି। ଛାତ୍ରନେତା ବିଭୁତି ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ କରି ଚେତାବନୀ ଶୁଣାଇଛନ୍ତି। ଦୀର୍ଘ ଦିନରୁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ପରୀକ୍ଷା ନ କରିବା ଏବଂ ବହୁ ପ୍ରତୀକ୍ଷିତ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଉ ନ ଥିବାରୁ କକ୍ରୋଚ ପରି ସରକାରଙ୍କୁ ମଧ୍ୟ ରାଜ୍ୟର ଶିକ୍ଷିତ ଯୁବକଯୁବତୀ ଖାଇଯିବେ ବୋଲି ଉଦ୍‌ବେଗ ପ୍ରକାଶ କରି କହିଛନ୍ତି।

ରାଜ୍ୟରେ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ ପ୍ରାୟ ୨ ବର୍ଷ ତଳେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚାକିରି ବିକ୍ରି ପାଇଁ ମସୁଧା ଚାଲିଥିବା ବେଳେ ଚାକିରି ବିକ୍ରି ଗ୍ୟାଙ୍ଗ ଧରାପଡ଼ିଥିଲା। ବଡ଼ବଡ଼ିଆଙ୍କ ସମ୍ପୃକ୍ତି ପାଇଁ ତଦନ୍ତ ଶିଥିଳ ହୋଇ ପଡ଼ିଥିବା ବେଳେ ପୁନଃପରୀକ୍ଷା କରିବା ପାଇଁ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ପ୍ରାୟ ୧ ଲକ୍ଷ ୫୬ ହଜାର ଆଶାୟୀ ଅନିଶ୍ଚିତତାରେ ରହିଛନ୍ତି। ସେହିପରି ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ନିଯୁକ୍ତି ପାଇଁ ସରକାର ପ୍ରାୟ ଦୁଇ ବର୍ଷ ତଳେ ଦରଖାସ୍ତ ଆହ୍ୱାନ କରିଥିଲେ। ରାଜ୍ୟର ପ୍ରାୟ ୨ ଲକ୍ଷ ଶିକ୍ଷିତ ଯୁବକଯୁବତୀ ଏଥିପାଇଁ ଆବେଦନ ବି କରିଥିଲେ। ମାତ୍ର ଏଯାଏଁ ଏହାର ନିଯୁକ୍ତି ନେଇ କୌଣସି ଖବର ନାହିଁ। ଆବେଦନ କରିବା ପରେ ଆଶାୟୀମାନେ ପ୍ରସ୍ତୁତି ଜାରି ରଖିଥିଲେ ମଧ୍ୟ ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁନାହାନ୍ତି। ଅନୁରୂପ ଭାବେ ଏସ୍‌ଏସ୍‌ବି ଅଧ୍ୟାପକ ପଦ ପାଇଁ ପ୍ରାୟ ୮୦ ହଜାର ଆଶାୟୀ ଆବେଦନ କରି ପରୀକ୍ଷା ଅପେକ୍ଷାରେ ରହିଛନ୍ତି। ମାତ୍ର ଏହି ନିଯୁକ୍ତି ମାମଲା ହାଇକୋର୍ଟରେ ବିଚାରଧୀନ ଥିବା ଦର୍ଶାଇ ସରକାର ପରୀକ୍ଷା କରିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ବିଭୂତି ଅଭିଯୋଗ କରିଛନ୍ତି।

ଅସରପା ଯେମିତି ସବୁ ଖାଇଯାଏ, ଠିକ୍ ସେହିପରି ରାଜ୍ୟର ବେରୋଜଗାରୀ ମେଧାବୀ ଅସରପାମାନେ ସରକାରଙ୍କୁ ଖାଇଯିବେ। ଅସରପା ଯେମିତି କାନ୍ଥ ଉପରେ ଚଢ଼େ, ଠିକ୍ ସେମିତି ରାଜ୍ୟର ଶିକ୍ଷିତ ଯୁବକମାନେ ବିଧାନସଭା ସମେତ ସଚିବାଳୟ କାନ୍ଥକୁ ଚଢ଼ିଯିବେ ବୋଲି ମଧ୍ୟ ସେ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003, Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତୀୟ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଚୀନ୍ କଣ୍ଟା



ନୂଆଦିଲ୍ଲୀ, ୨୨/୦୫: ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଭାରତ ଦ୍ରୁତ ବେଗରେ ଆଗକୁ ବଢ଼ୁଛି। କିନ୍ତୁ ଚୀନ୍ ଏହାକୁ ହଜମ କରିପାରୁନାହିଁ। ଭାରତର ରାସ୍ତାରେ ସର୍ବଦା କଣ୍ଟା ହେବା ପାଇଁ ଏହା ଯଥାସମ୍ଭବ ପ୍ରୟାସ କରୁଛି। ଯୋଗାଣ ଶୃଙ୍ଖଳ ଉପରେ ବିଭିନ୍ନ ପ୍ରକାର କଟକଣା ଲଗାଇଛି ଚୀନ୍, ଯାହାଦ୍ୱାରା ଭାରତର 'ଗ୍ଲୋବାଲ ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂ ହବ୍' ପାଲଟିବାର ସ୍ୱପ୍ନ ଚୂରମାର ହୋଇପାରେ।

ଏକ ରିପୋର୍ଟ ଅନୁସାରେ, ଭାରତୀୟ କମ୍ପାନିଗୁଡ଼ିକ ଏବେ ସରକାରଙ୍କ ଆଗରେ ସହାୟତାର ଗୁହାର କରିଛନ୍ତି। ଚୀନ୍ ନିଜର ଯୋଗାଣ ଶୃଙ୍ଖଳକୁ ନିୟନ୍ତ୍ରଣ କରିବା ପାଇଁ ଏପ୍ରିଲରେ ଅନେକ ପ୍ରକାର କଟକଣା ଲଗାଇଥିଲା। ଏହାସହିତ ଚୀନ୍ ବାହାରକୁ ଉତ୍ପାଦନ ସ୍ଥାନାନ୍ତର କରୁଥିବା କମ୍ପାନିଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କୁ ବି ବ୍ୟକ୍ତିଗତ ଭାବେ ଉତ୍ତରଦାୟୀ କରିଛି। ଏହାଦ୍ୱାରା ଆଇଫୋନ୍ ପ୍ରସ୍ତୁତକାରୀ କମ୍ପାନି ଆପଲ୍ ଭଳି ଶୀର୍ଷ ବ୍ରାଣ୍ଡ ଏବଂ ଭାରତରେ ଏମାନଙ୍କ ଯୋଗାଣକାରୀ ପ୍ରଭାବିତ ହୋଇପାରନ୍ତି। ଏହାସହିତ ଚୀନି କମ୍ପାନିଗୁଡ଼ିକ ସହ ଯୌଥ ଉଦ୍ୟୋଗ ପାଇଁ ପ୍ରସ୍ତୁତ ହେଉଥିବା ଭାରତୀୟ କମ୍ପାନିଗୁଡ଼ିକୁ ବି ଏହାଦ୍ୱାରା ଝଟ୍କା ଲାଗିଛି। ଆପଲ ଏ ନେଇ କୌଣସି ସୂଚନା ଦେଇନାହିଁ।

ସୂତ୍ର ଅନୁସାରେ, ମାମଲାର ଗମ୍ଭୀରତାକୁ ଦେଖି ଭାରତୀୟ ଇଲେକ୍ଟ୍ରୋନିକ୍ସ ଶିଳ୍ପ ସରକାରଙ୍କ ଆଗରେ ତତ୍କାଳ ସହାୟତା ପାଇଁ ଗୁହାର କରିଛି। ଶିଳ୍ପର କହିବାନୁସାରେ, ଚୀନ୍‌ର କଟକଣା ଫଳରେ ଯୋଗାଣ ଶୃଙ୍ଖଳରେ ସ୍ଥିରତା, ନିବେଶ ଏବଂ ରପ୍ତାନି ଅଭିବୃଦ୍ଧି ପ୍ରଭାବିତ ହେବ। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ସରକାର ଏହାକୁ ନେଇ ଅବଗତ ଅଛନ୍ତି ଏବଂ ଶିଳ୍ପ ସହ ବିଚାର ବିମର୍ଶ କରିବା ପରେ ଯଥାସମ୍ଭବ ପ୍ରୟାସ କରାଯିବ।

ଶିଳ୍ପ ଅଧିକାରୀମାନଙ୍କ କହିବାନୁସାରେ, ଭାରତ ଯୋଗାଣ ଶୃଙ୍ଖଳ ପ୍ରସ୍ତୁତ କରୁଛି ଏବଂ ଆମଦାନି ଉପରେ ନିର୍ଭରତା କମାଉଛି। କିନ୍ତୁ ବିନିର୍ମାଣକୁ ଜାରି ରଖିବା ଏବଂ ରପ୍ତାନି ପାଇଁ ଚୀନ୍‌ରୁ ଯନ୍ତ୍ରାଂଶ, ଆସେମ୍ବ୍ଲିଜ୍ ଏବଂ କ୍ୟାପିଟାଲ ଇକ୍ୱିପ୍‌ମେଣ୍ଟର ଆମଦାନି ଅତ୍ୟନ୍ତ ଜରୁରୀ। କିନ୍ତୁ ଚୀନ୍ ଏଥିରେ ଅନେକ ପ୍ରକାର କଟକଣା ଲଗାଇଦେଇଛି। ଏହା ଅନ୍ତର୍ଗତ ଯେଉଁ କମ୍ପାନି ନିଜର ଯୋଗାଣ ଶୃଙ୍ଖଳ ଭାରତ ସ୍ଥାନାନ୍ତର କରିଦେଇଛନ୍ତି କିମ୍ବା କରିବା ପାଇଁ ଯୋଜନା କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଫଳରେ ଚୀନ୍‌ରୁ ସପ୍ଲାଏ ଚେନ୍ ସ୍ଥାନାନ୍ତର କରୁଥିବା କମ୍ପାନିଗୁଡ଼ିକର ସମସ୍ୟା ବଢ଼ିବ। ଭାରତ ଉପରେ କଠୋର ଏବଂ ଭିଏତନାମ ଉପରେ ଚୀନ୍ କୋହଳ ମନୋଭାବ ପୋଷଣ କରିପାରେ ବୋଲି ଅନୁମାନ ରହିଛି। ଚୀନ୍ ଯୋଗାଣ ଶୃଙ୍ଖଳ ଉପରେ କଟକଣା ଲଗାଇବା ସହ ନିୟାମକଗୁଡ଼ିକର ଅଧିକାର ବଢ଼ାଇଛି। ବିନିର୍ମାଣ କ୍ଷେତ୍ରରେ ନିବେଶ ବଢ଼ାଇବା ପାଇଁ ଭାରତ ଅନେକ ନିୟମ କୋହଳ କରିଛି। ଏଭଳି ସମୟରେ ଚୀନ୍‌ର ଏ ଆଭିମୁଖ୍ୟ ଦେଶର ବିନିର୍ମାଣ ଇକୋସିଷ୍ଟମ୍‌କୁ ଅବ୍ୟବସ୍ଥିତ କରିପାରେ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ମାତ୍ର ୩ ମାସରେ ସୁନା ଋଣରେ ୫୦% ବୃଦ୍ଧି



ନୂଆଦିଲ୍ଲୀ, ୨୨।୫: ଭାରତରେ ଜରୁରୀକାଳୀନ ସମୟରେ ତୁରନ୍ତ ଟଙ୍କାର ଆବଶ୍ୟକତା ମେଣ୍ଟାଇବା ପାଇଁ ଅଧିକରୁ ଅଧିକ ଲୋକ ଏବେ ସୁନା ଋଣ ଆଡ଼କୁ ମୁହାଁଉଛନ୍ତି। ଆର୍ଥିକ ବର୍ଷ ୨୦୨୬ରେ ସୁନା ଋଣ ବଜାରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। 'କ୍ରିଫ୍ ହାଇ ମାର୍କ' ପକ୍ଷରୁ ପ୍ରକାଶିତ 'ହାଉ ଇଣ୍ଡିଆ ଲେଣ୍ଡସ - କ୍ରେଡିଟ୍ ଲ୍ୟାଣ୍ଡସ୍କେପ୍ ଇନ୍ ଇଣ୍ଡିଆ' ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ସୁନା ଋଣ ଖୁଚୁରା କ୍ରେଡିଟ୍ ବଜାରରେ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା କ୍ଷେତ୍ର ଭାବେ ଉଭା ହୋଇଛି।

ରିପୋର୍ଟ ମୁତାବକ, ଆର୍ଥିକ ବର୍ଷ ୨୦୨୬ର ଚତୁର୍ଥ ତ୍ରୈମାସିକ ସୁଦ୍ଧା ବାର୍ଷିକ ଆଧାରରେ ସୁନା ଋଣ ପୋର୍ଟଫୋଲିଓରେ ୫୦.୪% ର ବୃଦ୍ଧି ଘଟି ଏହା ୧୮.୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବିଶେଷଜ୍ଞଙ୍କ ମତରେ, ବଜାରରେ ସୁନା ଦର କ୍ରମାଗତ ଭାବେ ବଢ଼ୁଥିବାରୁ ଏହା ଗ୍ରାହକଙ୍କୁ ବଡ଼ ସୁବିଧା ଦେଉଛି। ସମାନ ପରିମାଣର ସୁନା ଅଳଙ୍କାର ବଦଳରେ ଏବେ ଗ୍ରାହକମାନେ ପୂର୍ବ ଅପେକ୍ଷା ଅଧିକ ପରିମାଣର ଋଣ ପାଇପାରୁଛନ୍ତି। ଅନ୍ୟାନ୍ୟ ପର୍ସନାଲ୍ କିମ୍ବା ବ୍ୟବସାୟିକ ଋଣ ତୁଳନାରେ ସୁନା ଋଣ ପାଇଁ ଅଧିକ କାଗଜପତ୍ର କିମ୍ବା ଆୟ ପ୍ରମାଣପତ୍ରର ଆବଶ୍ୟକତା ପଡ଼େନାହିଁ। ଚିକିତ୍ସା ଖର୍ଚ୍ଚ, ପିଲାଙ୍କ ପାଠପଢ଼ା କିମ୍ବା ବ୍ୟବସାୟର ଜରୁରୀ ଆବଶ୍ୟକତା ପାଇଁ ଲୋକେ ନିଜ ସୁନାକୁ ବିକ୍ରି ନକରି, ତାହାକୁ ବ୍ୟାଙ୍କରେ ବନ୍ଧକ ରଖି ସହଜରେ ପୁଞ୍ଜି ଯୋଗାଡ଼ କରିପାରୁଛନ୍ତି।

## ଜୁନ ୧ରୁ କାର୍ ଦାମ୍ ବଢ଼ାଇବ ମାରୁତି ସୁଜୁକି

ନୂଆଦିଲ୍ଲୀ,୨୨।୫: ମହଙ୍ଗା ହେବ ମାରୁତି ସୁଜୁକୀ କାର୍। ଜୁନ ମାସରୁ ମାରୁତି ସୁଜୁକୀ କାର୍ ପାଇଁ ଖର୍ଚ୍ଚ କରିବାକୁ ପଡ଼ିବ ଅଧିକ ଟଙ୍କା। ଗୁରୁବାର ଦେଶର ସବୁଠୁ ଲୋକପ୍ରିୟ କାର୍ ନିର୍ମାତା କମ୍ପାନି, ଏହାର ବିଭିନ୍ନ କାର୍ ମଡେଲର ଦାମ୍ ବୃଦ୍ଧି ନେଇ ଘୋଷଣା କରିଛି। କମ୍ପାନିର ପକ୍ଷରୁ ଜାରି ସୂଚନା ଅନୁସାରେ, କାର୍ ଦାମ ସର୍ବାଧିକ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ିବ। କମ୍ପାନି ପକ୍ଷରୁ ଜାରି ବିବୃତ୍ତି ଅନୁସାରେ, ଇନପୁଟ୍ କଷ୍ଟ୍ ବଢ଼ିବା ଯୋଗୁ କମ୍ପାନି ଉପରେ ଅଧିକ ବୋଝ ପଡ଼ୁଛି। ଏଥିପାଇଁ କମ୍ପାନି ଏହାର ସବୁ ଚାରି ଚକିଆ କାର୍ ଦାମ୍ ବଢ଼ାଇବାକୁ ନିଷ୍ପତ୍ତି ନେଇଛି। କମ୍ପାନି ଗୁରୁବାର ଏକ ନିୟାମକ ଫାଇଲିଂରେ କହିଛି ଯେ, ଲଗାତାର ବଢ଼ୁଥିବା ଉତ୍ପାଦନ ଶୁଳ୍କ ଏବଂ ଇନପୁଟ୍ କଷ୍ଟ କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନୂଆ ଦାମ୍ ଜୁନ ଠାରୁ ଲାଗୁ ହେବ। ତେବେ ଏହି ବୃଦ୍ଧି ଭିନ୍ନ ଭିନ୍ନ କାର୍ ମଡେଲ ହିସାବରେ ଅଲଗା ରହିବ ଏବଂ କିଛି କାର୍ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ। ଏହା ସହ କମ୍ପାନି କହିଛି ଗ୍ରାହକଙ୍କ ଉପରେ ଦରବୃଦ୍ଧିର ପ୍ରଭାବ ଯଥା ସମ୍ଭବ କମ୍ କରିବାକୁ ଧ୍ୟାନ ଦିଆଯାଉଛି। ସୂଚନାଥାଉକି, ବଢ଼ୁଥିବା ଦରବୃଦ୍ଧି ଏବଂ ଖର୍ଚ୍ଚ କାରଣରୁ ଅଟୋମୋବାଇଲ କମ୍ପାନି ଅନେକ ସମୟରେ ଦାମରେ ପରିବର୍ତ୍ତନ କରିଥାନ୍ତି।

## ବିପଦରେ ରେଡିଓ ଇଣ୍ଡଷ୍ଟ୍ରି

ନୂଆଦିଲ୍ଲୀ, ୨୨।୫: ଦେଶର ଘରୋଇ ଏଫଏମ ରେଡିଓ ସେକ୍ଟର ବର୍ତ୍ତମାନ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଏହି ପ୍ଲାଟଫର୍ମରେ ବିଜ୍ଞାପନ କମୁଛି, ହେଲେ ଖର୍ଚ୍ଚ କିନ୍ତୁ ବଢୁଛି। ଏବଂ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ପାଇଁ ରେଡିଓର ଆୟ ପ୍ରଭାବିତ ହେଉଛି। ଫଳସ୍ୱରୂପ, ରେଡିଓ କମ୍ପାନୀଗୁଡ଼ିକ ସରକାରଙ୍କଠାରୁ ନିୟମାବଳୀରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ନେଇ ଦାବି କରୁଛନ୍ତି। ଶିଳ୍ପ ବିଶେଷଜ୍ଞମାନଙ୍କ କହିବା କଥା ହେଲା, ଯଦି ଶୀଘ୍ର ସରକାରୀ ସହାୟତା ନ ମିଳେ ତେବେ ଭବିଷ୍ୟତରେ ଆହୁରି ଅନେକ ଏଫ୍‌ଏମ୍ ଷ୍ଟେସନ୍ ବନ୍ଦ ହୋଇଯିବ। କିନ୍ତୁ ଯଦି ସମୟ ଅନୁସାରେ ସଠିକ୍ ନିଷ୍ପତ୍ତି ନିଆଯିବ ତେବେ ଏହି କ୍ଷେତ୍ରରେ ନିବେଶ ବୃଦ୍ଧି ପାଇପାବା ସହ ନୂଆ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତା' ଛଡ଼ା ସ୍ଥାନୀୟ କଣ୍ଟେଣ୍ଟକୁ ପ୍ରୋତ୍ସାହିତ କରାଯାଇପାରିବ ବୋଲି ଇଣ୍ଡଷ୍ଟ୍ରୀ ଦାବି କରିଛି। ଏଫ୍ ରେଡିଓ ଇଣ୍ଡଷ୍ଟ୍ରୀର ଏଭଳି ସ୍ଥିତି ନେଇ ଭାସ୍କର ଇଂଲିସ ଏହି ରିପୋର୍ଟ ପ୍ରକାଶ କରିଛି। ଭାରତରେ ଘରୋଇ ଏଫଏମ ରେଡିଓ ଚ୍ୟାନେଲଗୁଡ଼ିକୁ ସ୍ୱାଧୀନ ଭାବରେ ଖବର ପ୍ରସାରଣ କରିବାକୁ ଅନୁମତି ଦିଆଯାଇ ନାହିଁ। ଏ କ୍ଷେତ୍ରରେ ରେଡିଓ କମ୍ପାନୀଗୁଡ଼ିକର ଦାବି ହେଲା କେବଳ ମ୍ୟୁଜିକ ଉପରେ ନିର୍ଭର କରି ଗ୍ଲୋବାଲ ମ୍ୟୁଜିକ ଓ ଷ୍ଟ୍ରିମିଂ ଆପ୍ ସହିତ ପ୍ରତିଯୋଗିତା କରିବା କଷ୍ଟକର ହୋଇପଡ଼ିଛି। ଏପରି ପରିସ୍ଥିତିରେ, ଖବର ପ୍ରସାରଣ ପାଇଁ ଯଦି ଅନୁମତି ଦିଆଯାଆନ୍ତା ତେବେ ରେଡିଓକୁ ଏକ ନୂଆ ପରିଚୟ ମିଳି ପାରିବ। କମ୍ପାନୀଗୁଡ଼ିକ ଯୁକ୍ତି ରଖିଛନ୍ତି ଯେ ଯେ ଲକ୍ଷ ଲକ୍ଷ ଲୋକ କୌଣସି ନିୟନ୍ତ୍ରଣ ବିନା ସୋସିଆଲ ମିଡିଆରେ ଖବର ବିଷୟବସ୍ତୁ ଦେଇପାରୁଛନ୍ତି, ହେଲେ ଏଫଏମ ରେଡିଓ ପୂର୍ବ-ନିର୍ଧାରିତ ନିୟମ ଅନୁଯାୟୀ କାର୍ଯ୍ୟ କରୁଛି। ତେଣୁ ସରକାର ଏ ଦିଗରେ ଚିନ୍ତା କରିବା ଦରକାର ବୋଲି କମ୍ପାନୀଗୁଡ଼ିକ ଦାବି କରିଛନ୍ତି। ରେଡିଓ କମ୍ପାନୀଗୁଡ଼ିକ କହିବା କଥା ହେଲା ପୁରୁଣା ଅକ୍ସନ ମଡେଲ୍ ଆଉ ବର୍ତ୍ତମାନର ବଜାରରେ ଫିଟ୍ ହେଉ ନାହିଁ। ବିଜ୍ଞାପନ ବଜାର ବଦଳି ଯାଇଛି। ତେଣୁ ୨୦୩୦ ପରେ ଏଫ୍‌ଏମ୍ ଫେଜ୍ -୩ ଲାଇସେନ୍ସ ରିନ୍ୟୁଅଲ ବଜାର ହିସାବରେ କରାଯିବା ଉଚିତ।

ରେଡିଓ ସେକ୍ଟରର କହିବା କଥା ହେଲା ସେମାନଙ୍କ ଆୟର ଏକ ବଡ଼ ଅଂଶ ଫିସ୍ ଏବଂ ଟ୍ୟାକ୍ସରେ ଚାଲିଯାଉଛି। ଏଭଳି ସ୍ଥିତିରେ ଟେକ୍ନୋଲୋଜୀରେ ଖର୍ଚ୍ଚ କରିବା ଏବଂ ନୂଆ ସହରଗୁଡ଼ିକରେ ନେଟୱାର୍କ ବିସ୍ତାର କରିବା ପାଇଁ ନିବେଶ କରିବା କଷ୍ଟକର ହୋଇପଡୁଛି। ତେଣୁ, ବାର୍ଷିକ ଲାଇସେନ୍ସ ଫି ଉଚ୍ଛେଦ କରାଯାଉ ବୋଲି କମ୍ପାନୀଗୁଡ଼ିକ ଦାବି କରିଛନ୍ତି। ରେଡିଓ କମ୍ପାନୀଗୁଡ଼ିକ ଦାବି କରୁଛନ୍ତି ଯେ ଏଫ୍‌ଏମ୍ କ୍ଷେତ୍ର ଉପରେ ସିଏସଟି ୧୮% ରୁ ୫% କୁ ହ୍ରାସ କରାଯାଉ।

କମ୍ପାନୀଗୁଡ଼ିକ କହିଛନ୍ତି ଯେ ଯଦି ଉଚିତ ସମୟ ମଧ୍ୟରେ ଆବଶ୍ୟକୀୟ ପରିବର୍ତ୍ତନ କରା ନ ଯାଏ, ତେବେ ଭବିଷ୍ୟତରେ ରେଡିଓ କ୍ଷେତ୍ରର ଅସୁବିଧା ଆହୁରି ବଢ଼ିପାରେ। ତେବେ ବଡ଼ କଥା ହେଲା ଯେଉଁ ରେଡିଓ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କର ମନର କଥା ସାରା ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇ ପାରୁଛନ୍ତି, ସେହି ରେଡିଓର ମନକଥା ସରକାରଙ୍କ ପାଖରେ ପହଞ୍ଚିପାରିବ ତ?



## ଆଜିଠୁ ୬ ଦିନ ବନ୍ଦ ରହିବ ଏସବିଆଇ!

ନୂଆଦିଲ୍ଲୀ,୨୨।୫: ଦେଶର ସର୍ବବୃହତ ସରକାରୀ ବ୍ୟାଙ୍କ୍ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ଗ୍ରାହକଙ୍କ ପାଇଁ ଜରୁରୀ ଖବର। ଶନିବାର ଠାରୁ ୬ ଦିନ ଅର୍ଥାତ ମେ ୨୩ରୁ ମେ ୨୮ ପର୍ଯ୍ୟନ୍ତ ବନ୍ଦ ରହିବ ଏସବିଆଇ। ଅବଶ୍ୟ ଏହି ବନ୍ଦ ସମୟରେ ବ୍ୟାଙ୍କର ବିଭିନ୍ନ ଅନଲାଇନ ସେବା ଯେପରିକି ଇଣ୍ଟରନେଟ ବ୍ୟାଙ୍କିଂ, ଏନଇଏଫଟି, ଆରଟିଜିଏସ, ୟୁପିଆଇ, ଏଟିଏମ ଇତ୍ୟାଦି ପୂର୍ବ ଭଳି ଜାରି ରହିବ। ତଥାପି ଧର୍ମଘଟ 'ଓ୍ୱର୍କମେନ କାଟାଗୋରୀ' (କ୍ଲର୍କ ଏବଂ ଅନ୍ୟାନ୍ୟ କର୍ମଚାରୀ)ର ହୋଇଥିବାରୁ, ଚେକ୍ କ୍ଲିୟରିଂ, କ୍ୟାସ୍ କାଉଣ୍ଟର ଏବଂ ପାସବୁକ୍ ଅପଡେଟ୍ ଭଳି କାମ ଠପ୍ ହୋଇପାରେ।

ଏହି ବନ୍ଦ ପଛରେ ଅନେକ କାରଣ ରହିଛି। ପ୍ରଥମତଃ ସପ୍ତାହାନ୍ତ ଛୁଟି। ମେ ୨୩ ତାରିଖ ହେଉଛି ମାସର ଚତୁର୍ଥ ଶନିବାର। ଏହା ପରେ ମେ ୨୪ ତାରିଖ ହେଉଛି ରବିବାର। ନିୟମ ଅନୁଯାୟୀ, ଦେଶବ୍ୟାପୀ ସମସ୍ତ ବ୍ୟାଙ୍କ ପ୍ରତି ମାସର ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ବନ୍ଦ ରହିଥାଏ, ତେଣୁ ଏହି ଦୁଇ ଦିନରେ ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ।



ଦ୍ୱିତୀୟରେ ଏସବିଆଇ କର୍ମଚାରୀଙ୍କ ଧର୍ମଘଟ। ବିଭିନ୍ନ ଦାବି ନେଇ ଅଖିଳ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଷ୍ଟାଫ୍ ଫେଡେରେସନ (ଏଆଇ ଏସବିଆଇ ଏସଏଫ) ମେ ୨୫ ଏବଂ ୨୬ (ସୋମବାର ଏବଂ ମଙ୍ଗଳବାର) ଦୁଇ ଦିନିଆ ଦେଶବ୍ୟାପୀ ଧର୍ମଘଟ କରିବାକୁ ଯାଉଛି। ଯାହା ସିଧାସଳଖ ବ୍ୟାଙ୍କ କାର୍ଯ୍ୟକୁ ପ୍ରଭାବିତ କରିପାରେ।

ଭାରତର ବିଭିନ୍ନ ରାଜ୍ୟରେ ବକ୍ରିଦ ପର୍ବ ଭିନ୍ନ ଭିନ୍ନ ଦିନରେ ପାଳନ କରାଯିବ। ତେବେ ଆରବିଆଇର ଘୋଷଣା ଅନୁସାରେ, ଦୁଇ ଦିନ ବକ୍ରିଦ ଛୁଟି ରହିଛି। ଦେଶର ଅଧିକାଂଶ ଅଞ୍ଚଳରେ ବକ୍ରିଦ ମେ ୨୭ରେ ବକ୍ରିଦ ପାଳନ ହେବ ତେଣୁ ଏହିଦିନ ବ୍ୟାଙ୍କ୍ ବନ୍ଦ। ସେହିଭଳି କିଛି ଅଞ୍ଚଳରେ ଏହା ପରଦିନ ଅର୍ଥାତ ମେ ୨୮ରେ ବକ୍ରିଦ ପାଳନ ହେବ। ତେଣୁ ମେ ୨୮ରେ ଅନ୍ୟ ଅଞ୍ଚଳରେ ଏସବିଆଇ ବନ୍ଦ ରହିବ। ଜମ୍ମୁ ଏବଂ କାଶ୍ମୀରରେ ମେ ୨୭ ଏବଂ ୨୮ ତାରିଖରେ ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ।

ରିପୋର୍ଟ ଅନୁସାରେ, ରାଜ୍ୟରେ ମେ ୨୩ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଅର୍ଥାତ ୬ ଦିନ ଏସବିଆଇ ବନ୍ଦ ରହିବ। ମେ ୨୩ ଏବଂ ୨୪ ସପ୍ତାହାନ୍ତ, ଏହା ପରେ ମେ ୨୫ ଏବଂ ୨୬ ବ୍ୟାଙ୍କ୍ ଧର୍ମଘଟ ଓ ଶେଷରେ ମେ ୨୭ ତାରିଖରେ ବକ୍ରିଦ ପାଇଁ ବନ୍ଦ ରହିବ। ଅଲ୍ ଇଣ୍ଡିଆ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଷ୍ଟାଫ୍ ଫେଡେରେସନ୍ (ଏଆଇ ଏସବିଆଇ ଏସଏଫ) ୧୬ଟି ଦାବି ପୂରଣ ପାଇଁ ଧର୍ମଘଟ ଡାକରା ଦେଇଛି। ଏହି ଧର୍ମଘଟ କର୍ମଚାରୀଙ୍କ ଅଧିକାରର ସୁରକ୍ଷା, ଉତ୍ତମ କାର୍ଯ୍ୟ ପରିସ୍ଥିତି ସୁନିଶ୍ଚିତ କରିବା ଏବଂ ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ଯେମିତିକି 'କ୍ରସ୍-ସେଲିଂ' (ବୀମା, ମ୍ୟୁଚୁଆଲ୍ ଫଣ୍ଡ୍ ଇତ୍ୟାଦି ବିକ୍ରୟ) ନାମରେ କର୍ମଚାରୀମାନଙ୍କୁ ଚାପ ପକାଇ ଗ୍ରାହକମାନଙ୍କୁ ଭୁଲ୍ ଉତ୍ପାଦ ବିକ୍ରୟ କରିବାର ଅଭ୍ୟାସ ବନ୍ଦ କରିବା ଦାବି ରହିଛି।

## ପଢ଼ିବା ମାତ୍ରେ ଡିଲିଟ୍ ହୋଇଯିବ ମେସେଜ୍

ନୂଆଦିଲ୍ଲୀ, ୨୨।୫: ଲୋକପ୍ରିୟ ମେସେଜିଂ ପ୍ଲାଟଫର୍ମ ହ୍ୱାଟ୍ସଆପ୍ ନିଜ ଗ୍ରାହକମାନଙ୍କ ସୁରକ୍ଷା ଓ ପ୍ରାଇଭେସିକୁ ଅଧିକ ମଜବୁତ କରିବା ପାଇଁ ସଦାସର୍ବଦା ନୂଆ ନୂଆ ଫିଚର ଆଣିଥାଏ। ଏହି କ୍ରମରେ କମ୍ପାନୀ ଏବେ ଏକ ଅତି ଚମତ୍କାର ପ୍ରାଇଭେସି ଫିଚର୍ ଉପରେ କାମ କରୁଛି, ଯାହା ଉପଭୋକ୍ତାଙ୍କ ଚାଟିଂ ଅଭିଜ୍ଞତାକୁ ସମ୍ପୂର୍ଣ୍ଣ ବଦଳାଇ ଦେବ। ବିଭିନ୍ନ ରିପୋର୍ଟ ଅନୁଯାୟୀ, ହ୍ୱାଟ୍ସଆପ୍ ଏକ ନୂଆ 'ଆଫ୍ଟର ରିଡିଂ' ଡିସଅପିୟରିଂ ମେସେଜ୍ ମୋଡ୍‌ର ଟେଷ୍ଟିଂ କରୁଛି। ବର୍ତ୍ତମାନ ଏହି ଫିଚରକୁ ଆଇଫୋନର ବିଟା ଉପଭୋକ୍ତାମାନଙ୍କ ପାଇଁ ଉପଲବ୍ଧ କରାଇ ଦିଆଯାଇଛି। ଆପଣଙ୍କୁ ଜଣାଇବା ପାଇଁ ଚାହିଁବୁ ଯେ, ଏହି ନୂଆ ଫିଚରଟି ହ୍ୱାଟ୍ସଆପ୍‌ରେ ପୂର୍ବରୁ ଥିବା ଡିସଅପିୟରିଂ ମେସେଜ୍ ଠାରୁ ସମ୍ପୂର୍ଣ୍ଣ ଅଲଗା ଏବଂ ଏହାର କାମ କରିବା ଶୈଳୀ ମଧ୍ୟ ବେଶ୍ ଭିନ୍ନ। ଆସନ୍ତୁ ଜାଣିବା ଏହି ଫିଚର୍ କିପରି କାମ କରିବ ଏବଂ ଏହା ଦ୍ୱାରା ୟୁଜର୍ସମାନେ କିଭଳି ଉପକୃତ ହେବେ। ହ୍ୱାଟ୍ସଆପ୍ ଏହି ନୂଆ ବିକଳ୍ପ ଜରିଆରେ ଡିସଅପିୟରିଂ ମେସେଜ୍ ଉପରେ ପ୍ରାଇଭେସିର ଆଉ ଏକ ନୂଆ ସ୍ତର ଯୋଡ଼ିବାକୁ ଯାଉଛି। ନୂଆ ଅପ୍ସନ ଅନୁଯାୟୀ, ମେସେଜ୍ ଟାଇମର୍ ସେଟ୍ କରିବା ସମୟରେ ୟୁଜର୍ସ 'ମେସେଜ୍ ପଢ଼ିବାର ସଙ୍ଗେ ସଙ୍ଗେ ଗାୟବ ହେବା' ବିକଳ୍ପକୁ ବାଛିପାରିବେ। ଏହା ବ୍ୟତୀତ ବ୍ୟବହାରକାରୀଙ୍କୁ ୫ ମିନିଟ୍, ୧ ଘଣ୍ଟା ଏବେ ୧୨ ଘଣ୍ଟା ଭଳି ସମୟ ସେଟ୍ କରିବାର ସୁଯୋଗ ମଧ୍ୟ ମିଳିବ। ଯଦି କୌଣସି ବ୍ୟକ୍ତି ଆପଣଙ୍କ ମେସେଜ୍‌କୁ ପଢୁନାହାଁନ୍ତି, ତେବେ ଏହା ୨୪ ଘଣ୍ଟା ପରେ ଆପେ ଆପେ ଡିଲିଟ୍ ହୋଇଯିବ। ଏହି ଫିଚରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏହାର ଟାଇମର୍ ସେତେବେଳେ ଆରମ୍ଭ ହେବ ଯେତେବେଳେ ସାମ୍ନା ବ୍ୟକ୍ତି ମେସେଜ୍‌ଟିକୁ ଦେଖିବେ ବା ପଢ଼ିବେ। ଏହି ଫିଚରକୁ ବ୍ୟକ୍ତିଗତ ଚାଟ୍ ସହିତ ଗ୍ରୁପ୍ ଚାଟ୍‌ରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏହା କେବଳ ୟୁଜରଙ୍କ ସୁରକ୍ଷା ଓ ଗୋପନୀୟତାକୁ ବଢ଼ାଇବ ନାହିଁ, ବରଂ ଫୋନର ଷ୍ଟୋରେଜ୍ ବଞ୍ଚାଇବାରେ ମଧ୍ୟ ବେଶ୍ ସହାୟକ ହେବ।




ବର୍ତ୍ତମାନ ହ୍ୱାଟ୍ସଆପ୍‌ରେ ଯେଉଁ ଡିସଅପିୟରିଂ ମେସେଜ୍ ଅପ୍ସନ ଅଛି, ସେଥିରେ ୟୁଜର୍ସ ୨୪ ଘଣ୍ଟା, ୭ ଦିନ ଏବଂ ୯୦ ଦିନର ସମୟ ସୀମା ସେଟ୍ କରିପାରୁଛନ୍ତି। କିନ୍ତୁ ସେହି ସମୟ ସୀମା ମେସେଜ୍ ପଠାଇବା ମାତ୍ରେ ହିଁ ଆରମ୍ଭ ହୋଇଯାଏ, ସାମ୍ନା ବ୍ୟକ୍ତି ମେସେଜ୍ ପଢନ୍ତୁ ବା ନ ପଢ଼ନ୍ତୁ। ମାତ୍ର ନୂଆ 'ଆଫ୍ଟର ରିଡିଂ' ମୋଡ୍‌ରେ ମେସେଜ୍ ପଢ଼ିବା ପରେ ହିଁ ଟାଇମର୍ କାମ କରିବ। ହ୍ୱାଟ୍ସଆପ୍ ଏହି ଫିଚରକୁ ଆଇଫୋନ୍ ବିଟା ଟେଷ୍ଟରଙ୍କ ପାଇଁ ରୋଲ୍ ଆଉଟ୍ କରିସାରିଛି। ଖୁବଶୀଘ୍ର ଆଣ୍ଡ୍ରଏଡ୍ ଉପଭୋକ୍ତାଙ୍କ ପାଇଁ ମଧ୍ୟ ଏହାର ଟେଷ୍ଟିଂ ଆରମ୍ଭ ହେବାକୁ ଯାଉଛି। ଆଶା କରାଯାଉଛି ଯେ ଆସନ୍ତା କିଛି ସପ୍ତାହ ମଧ୍ୟରେ ଏହା ସମସ୍ତ ସାଧାରଣ ଉପଭୋକ୍ତାଙ୍କ ପାଇଁ ଲଞ୍ଚ ହୋଇଯିବ।

ଏହି ଚମତ୍କାର ପ୍ରାଇଭେସି ଫିଚର୍ ସହିତ ହ୍ୱାଟ୍ସଆପ୍ ନିଜର ଏକ ପେଡ୍ ସବସ୍କ୍ରିପସନ ପ୍ଲାନ୍ **'WhatsApp Plus'** ର ମଧ୍ୟ ଟେଷ୍ଟିଂ କରୁଛି। ୟୁରୋପର କେତେକ ପ୍ରମୁଖ ଅଞ୍ଚଳରେ ଏହାର ପ୍ରାରମ୍ଭିକ ରୋଲ୍ ଆଉଟ୍ କରାଯାଇଛି। କମ୍ପାନୀ ଆଗାମୀ ଦିନରେ ଏହି ପେଡ୍ ସବସ୍କ୍ରିପସନରେ ଆହୁରି ଅନେକ ଆକର୍ଷଣୀୟ ଓ ପ୍ରିମିୟମ୍ ଫିଚର୍ସ ଯୋଡ଼ିବାକୁ ଯାଉଛି ବୋଲି ସୂଚନା ମିଳିଛି।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୦,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬, ୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନଶ୍ୱେରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୦,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୬, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୦,୦୯୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୦,୨୪୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୯୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୦୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୦,୦୯୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୦,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ଆର୍ଟ ଅଫ ଗିଭିଂର ତ୍ରୟୋଦଶ ପ୍ରତିଷ୍ଠା ଦିବସରେ ଖେଳ ସାମଗ୍ରୀ ବଣ୍ଟନ




**ବାଲିଆପାଳ,୨୨।୫ (ସଂଚାର ବ୍ୟୁରୋ):** କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମକୁ ସମଗ୍ର ବିଶ୍ୱରେ ପାଳନ କରା ଯାଉଥିବା ବେଳେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତରେ ଏହି ଦିବସକୁ ପାଳନ କରାଯାଇଛି। ଆର୍ଟ ଅଫ ଗିଭିଂର ତ୍ରୟୋଦଶତମ ପ୍ରତିଷ୍ଠା ଦିବସ ଅବସରରେ ଚଳିତ ବର୍ଷର ଥିମ ସେୟାର ଟୁ ସାଇନ୍ ରହିଥିବା ବେଳେ ବ୍ଲକ୍ ସ୍ତରର ଯୁବକ ମାନଙ୍କ ଶାରୀରିକ ଓ ମାନସିକ ବିକାଶ ସହ ସେମାନଙ୍କ ଉଦ୍ଦେଶ୍ୟରେ ଭଲିବଲ୍ ଖେଳ ପାଇଁ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ବଳରାମପୁର ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ସରପଞ୍ଚ କୀର୍ତ୍ତନ ଧଳ ଯୋଗଦେଇ ମାନବିକତା, ସେବା ଓ ସମାଜ ପ୍ରତି ଦାୟିତ୍ୱବୋଧ ସନ୍ଦେଶକୁ ପ୍ରଚାର ପ୍ରସାର କରିବା ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ସ୍ଥାନୀୟ ଯୁବକ ବୁଦ୍ଧିଜୀବୀମାନେ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ସମାଜସେବା ଓ ଶିକ୍ଷା କ୍ଷେତ୍ରେରେ ନିରନ୍ତର ପ୍ରୟାସ, କ୍ରୀଡ଼ା କ୍ଷେତ୍ରରେ ଯୁବକଙ୍କୁ ଉତ୍ସାହିତ କରିବା ଭଳି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସମସ୍ତ ଖେଳାଳୀଙ୍କୁଟି ସାର୍ଟ ସମେତ ଭଲିବଲ ଏବଂ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା।

## ଷ୍ଟିଲ ସିଟି ପ୍ରେସ କ୍ଲବ ତରଫରୁ ଜଳଛତ୍ର ଉଦ୍‌ଘାଟିତ




**ଯାଜପୁର,୨୨।୫ (ସଂଚାର ବ୍ୟୁରୋ):** କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଷ୍ଟିଲ ସିଟି ପ୍ରେସ କ୍ଲବ କିଛି ନିଆରା କାର୍ଯ୍ୟକ୍ରମ ହୋଇଛି। ଶୁକ୍ରବାର ଦିନ ସଖାଳ ସମୟରେ ଷ୍ଟିଲ ସିଟି ପ୍ରେସ କ୍ଲବ ପକ୍ଷରୁ ଦାନଗଦି ବ୍ଲକ ତ୍ରିଜଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାନଗଦି ବଜାରଠାରେ ଜଳଛତ୍ର ଉଦଘାଟିତ ହୋଇଛି । ଉକ୍ତ ଜଳଛତ୍ରକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାନଗଦି ବ୍ଲକର ବିଡିଓ ପ୍ରଦୀପ କୁମାର ସେଠୀ ଫିତା କାଟି ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମଙ୍ଗଳପୁର ପଞ୍ଚାୟତ ସରପଞ୍ଚ ବାବୁଲି ନାଟିଆ ଯୋଗଦେଇଥିଲେ। କ୍ଲବ ତରଫରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରିୟ ଦେଇ ସ୍ୱାଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଡିଓ ଶ୍ରୀଯୁକ୍ତ ସେଠୀ ନିଜ ହସ୍ତରେ ଜନସାଧାରଣଙ୍କୁ ଦହି ସରବତ ଓ ପାନୀୟ ଜଳ ବଣ୍ଟନ କରିବା ସହ ଏପରି ନିଆରା କାର୍ଯ୍ୟକୁ ଷ୍ଟିଲ ସିଟି ପ୍ରେସ କ୍ଲବ ସଦସ୍ୟଙ୍କୁ ପ୍ରଶଂସା କରିବା ସହ ଆଗକୁ ଏଭଳି ସେବା କାର୍ଯ୍ୟ ଜାରି ରଖିବାକୁ କହିଥିଲେ।

## ମାଛ ଧରିବାକୁ ଯାଇ ନଦୀରେ ବୁଡ଼ି ଯୁବକ ମୃତ



**ବାଲିକୁଦା,୨୨।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ମାଛଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁକିଦା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ପ୍ରକାଶ ପରିଡାଙ୍କ ଏକମାତ୍ର ପୁଅ ସଂଗ୍ରାମ ପରିଡା (୨୬) ଦେବୀ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, ସଂଗ୍ରାମ ନିଜର ଚାରି ଜଣ ସାଙ୍ଗଙ୍କ ସହ ଅସିଲେ। ନିକଟସ୍ଥ ଦେବୀ ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। ମାଛ ଧରିବା ବେଳେ କୌଣସି କାରଣ ବଶତଃ ନଦୀ ଭିତରକୁ ଖସି ପଡ଼ିଥିବା ବେଳେ ଦୁଇ ସାଙ୍ଗ ସୁରକ୍ଷିତ ଭାବେ କୂଳକୁ ଫେରି ଆସିଥିଲେ। କିନ୍ତୁ ସଂଗ୍ରାମ ପରିଡା ଓ ସ୍ମୃତି ରଞ୍ଜନ ପରିଡା ନଦୀର ପ୍ରଖର ସ୍ରୋତରେ ଭାସିଯାଇ ବୁଡ଼ି ଯାଉଥିଲେ। ଏହି ସମୟରେ ନଦୀରେ ମାଛ ଧରୁଥିବା କିଛି ବ୍ୟକ୍ତି ସ୍ମୃତି ରଞ୍ଜନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ହେଲେ ସଂଗ୍ରାମ ନିଖୋଜ ହୋଇଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଚି ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଓଡ୍ରାଫ ଟିମର ସହାୟତା ନିଆଯାଇଥିଲା। ଦୀର୍ଘ ସମୟର ଅକ୍ଲାନ୍ତ ପରିଶ୍ରମ ପରେ ଉଦ୍ଧାରକାରୀ ଦଳ ସଂଗ୍ରାମଙ୍କୁ ନଦୀର ଗଭୀର ଜଳରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଚାଖଣା ଦୋକାନରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଚଢ଼ାଉ, ୧୨ ଅଟକ

**ପାରାଦୀପ,୨୨।୫ (ସଂଚାର ବ୍ୟୁରୋ):** ବଦଳୁଛି ଜଗତସିଂହପୁର ଜିଲ୍ଲାର ସ୍ଥିତି। ଆକ୍ସନ ମୁଡ଼ରେ ପୁରା ପ୍ରଶାସନ । ସେ ରାତି ହେଉ ଅବା ଦିନ। ଚୋର, ମଦ୍ୟପ ଓ ମାଫିଆଙ୍କ ଭିତରେ ସୃଷ୍ଟି ହେଲାଣି କୋକୁଆ ଭୟ । କାରଣ ଖୋଦ ଜିଲ୍ଲାପାଳ ଓ ଏସ୍ପି ଖବର ପାଇଲା ମାତ୍ରେ ପହଂଚି ଯାଉଛନ୍ତି ଘଟଣା ସ୍ଥଳରେ। ଆଉ କରି ଦେଉଛନ୍ତି ଚଢ଼ାଉ । ଆଜି ପାରାଦୀପରେ ଥିବା କେତେକ ମଦ ଦୋକାନ ପାଖରେ ଗଢ଼ି ଉଠିଥିବା ଚାଖଣା ଦୋକାନ ଉପରେ ଜିଲ୍ଲାପାଳ ଓ ଏସ୍ପିଙ୍କ ଚଢ଼ାଉରେ ମଧ୍ୟ ଦେଖିବାକୁ ମିଳିଛି | ଜିଲ୍ଲାପାଳ ଜେ ସୋନୁଓ୍ୱାଲ ଏବଂ ଏସ୍ପି ଅଙ୍କିତ କୁମାର ବର୍ମାଙ୍କୁ ସମେତ ପାରାଦୀପ ଅତିରିକ୍ତ ଏସ୍ପି ଆଜିଙ୍କ୍ୟ ମାଣେ ଓ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କୁ ମଧ୍ୟ ଏହି ଚଢ଼ାଉ ସମୟରେ ଉପସ୍ଥିତ ଥିଲେ। ଆଜି ସନ୍ଧ୍ୟା ସମୟରୁ ବସି ଚାଖଣା ସହ ମଦର ଆସର ଜମାଇଥିବା ବେଳେ ହଠାତ ସେଠାରେ ଜିଲ୍ଲାପାଳ ଓ ଏସ୍ପିଙ୍କ ସମେତ ଅତିରିକ୍ତ ଏସ୍ପି ଓ ଉପ ଜିଲ୍ଲାପାଳ ଆସି ପହଂଚି ଗୋଡ଼ାଇଥିବା ବେଳେ ୧୨ରୁ ଉର୍ଧ ମଦ୍ୟପାଙ୍କୁ ଧରି ଥାନାକୁ ନିଆଯାଇଥିବା ଜଣାପଡିଛି। ଅନେକ ମଦ୍ୟପ ଜିଲ୍ଲା ପ୍ରଶାସନର ଅଚାନକ ଚଢ଼ାଉ ଦେଖି ମଦ ବୋତଲ ଛାଡି ଛତ୍ରଭଙ୍ଗ ଦେଇଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାନାନ୍ତର ନେଇ ତୀବ୍ର ଅସନ୍ତୋଷ

### ସାହି ବାସିନ୍ଦାଙ୍କ ଆନ୍ଦୋଳନ ଚେତାବନୀ




**ହିଞ୍ଜିଳିକାଟୁ/ଗଞ୍ଜାମ,୨୨।୫ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ୱାର୍ଡ ନଂ ୧୦ ରେଗିଡ଼ି ଚାରିଛକରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ମୁଖ୍ୟ ବଜାର ନିକଟ ତଳରେଗିଡ଼ିକୁ ସ୍ଥାନାନ୍ତର ନେଇ ସାହି ବାସିନ୍ଦାଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହିଞ୍ଜିଳିକାଟୁ ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀଙ୍କ ମେରିମର୍ଜି ନୀତି ଫଳରେ ଶିଶୁ ଓ ଗର୍ଭବତୀ ମହିଳାମାନେ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଯଦି ସୋମବାର ଠୁ ଅଙ୍ଗନବାଡି କେନ୍ଦ୍ର ସ୍ଥାନାନ୍ତର ହୁଏ, ଆଗାମୀ ଦିନରେ ବଡ଼ ଆନ୍ଦୋଳନ ସହ ସୋମବାର ସାହି ବାସିନ୍ଦା ସିଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି।

ପ୍ରକାଶ ଥାଉ କି, ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ୱାର୍ଡ ନଂ ୧୦ରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନବାଡି କେନ୍ଦ୍ର ଜାନୁଆରୀ ୨୬, ୨୦୧୮ ମସିହାରେ ଉଦଘାଟିତ ହୋଇଥିଲା। ଉଦଘାଟନ ପରଠୁ ୧୦ ନଂ ୱାର୍ଡ ସହ ବର୍ଷ ବର୍ଷ ଧରି ଯଥାକ୍ରମେ ୭ ଓ ୮ ନଂ ୱାର୍ଡର କାର୍ଯ୍ୟ ସମ୍ପାଦନ ହେଲା। ଗତ ମାସ ୭ ନଂ ୱାର୍ଡ ଅଙ୍ଗନବାଡି କେନ୍ଦ୍ର ନିଜ ୱାର୍ଡରେ ଭଡ଼ା କୋଠା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ସମୟରେ ୧୦ ନଂ କେନ୍ଦ୍ରରେ ୮ ନଂ ୱାର୍ଡ କେନ୍ଦ୍ର ମିଳିତ ହୋଇ କାର୍ଯ୍ୟ ସମ୍ପାଦନ ହେଲା। କିନ୍ତୁ ବର୍ତ୍ତମାନ ସେହି ସ୍ଥାନକୁ ନେଇ ଅଯଥା ବିବାଦ ମୁଣ୍ଡ ଟେକିଛି।

ଅନ୍ୟପଟେ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ, ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନବାଡି ରହିବା ଆବଶ୍ୟକ। ଯାହା ଫଳରେ ପିଲା ଶିକ୍ଷା ଲାଭ ପାଇଁ ବାହାରକୁ ଯିବା ଆବଶ୍ୟକ ନାହିଁ, ଏକ ଶୈକ୍ଷିକ ପରିବେଶ ସୃଷ୍ଟି ହେବ। ହେଲେ,ଏ କ୍ଷେତ୍ରରେ ପୁରା ଓଲଟା। କାହା ବଳରେ ବଳିୟାନ ସିଡିପିଓ ତା'କୁ ନେଇ ଅଞ୍ଚଳରେ ଚର୍ଚ୍ଚା ଚାଲିଛି |

ରେଗିଡ଼ି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ପୁରୁଣା ଅଙ୍ଗନବାଡି କେନ୍ଦ୍ର ଥାଇ ପୁଣି ନୂତନ କେନ୍ଦ୍ର ପାଇଁ କୋଠା ନିର୍ମାଣ କେଉଁ ଉଦ୍ଦେଶ୍ୟରେ କରାଯାଇଥିଲା ଓ ୮ ବର୍ଷର ପୁରୁଣା କୋଠାକୁ ହଠାତ କାହିଁକି ସ୍ଥାନାନ୍ତର କରାଯାଉଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି | ଅନ୍ୟପଟେ ନିଜ ନିଜ ୱାର୍ଡରେ କେନ୍ଦ୍ର ଖୋଲିବାକୁ ଶିକ୍ଷାବିତ ମତ ପ୍ରକାଶ କରିଥିବା ବେଳେ ନୂତନ ଅଙ୍ଗନବାଡ଼ି କୋଠାକୁ ସାହି ପାଠାଗାର ଅବା ଭୋଜିଭାତ ନିମନ୍ତେ କୋଠଘର କରିବାକୁ ସାହି ବାସିନ୍ଦା ପ୍ରଶାସନକୁ ନିବେଦନ କରିଛନ୍ତି |

## ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



**ସୁନ୍ଦରଗଡ,୨୨।୫ (ସଂଚାର ବ୍ୟୁରୋ):** ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଅନୁସାରେ ଏବଂ ସୁନ୍ଦରଗଡ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ଏବଂ ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାପତି ରଞ୍ଜନା ପଣ୍ଡାଙ୍କ ଅଧକ୍ଷତାରେ ସୁନ୍ଦରଗଡ ଠାରେ "ନାରୀ ଅଧିକାର ଅଭିଯାନ" ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଏକ ସାଧରଣ ସଭା ଅନୁଷ୍ଠିତ ହୋଇଥିଲା। ପରେ ସୁନ୍ଦରଗଡ ସ୍ଥିତ ଟାଉନ କାର୍ଯ୍ୟାଳୟ ଠାରୁ ୨ ହଜାରରୁ ଅଧିକ ମହିଳା ପୁରୁଷ ଏକ ବିରାଟ ଶୋଭାଯାତ୍ରାରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସୁନ୍ଦରଗଡ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ ।

ମୁଖ୍ୟ ଅତିଥି ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗୀନି ଛୁରିଆ, ସୁନ୍ଦରଗଡର ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ଯୋଗେଶ କୁମାର ସିଂ, ଜିଲ୍ଲା ମହିଳା ସଭାନେତ୍ରୀ ରଞ୍ଜନା ପଣ୍ଡା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତି ପ୍ରଧାନ, ରାଜଗାଙ୍ଗପୁରର ବିଧାୟକ ପ୍ରାର୍ଥୀ ଅନିଲ ବରୁଆ,ବିଜେଡି ରାଜ୍ୟ ସଂପାଦକ ଜୟ ନାରାୟଣ ତ୍ରିପାଠୀ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ସୁନ୍ଦରଗଡ ପୌର ପରିଷଦର ସମସ୍ତ କାଉନସିଲର ସଦସ୍ୟ ଏବଂ ବିଜୁ ଜନତା ଦଳର ସମସ୍ତ ଜିଲ୍ଲା ସ୍ତରୀୟ , ବ୍ଲକ୍ ସ୍ତରୀୟ ଏବଂ ସମସ୍ତ ସକ୍ରୀୟ ବରିଷ୍ଠ, ମହିଳା, ଯୁବ, ଛାତ୍ର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## କୋରାପୁଟରେ ଅନ୍ତର୍ଜାତୀୟ ଜୀବ ବିବିଧତା ଦିବସ ପାଳିତ




**କୋରାପୁଟ,୨୨।୫ (ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ ଜୀବ ବିବିଧତା ଦିବସ- ୨୦୨୬ ଅବସରରେ କୋରାପୁଟ ନଗର ବନରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଗମ୍ଭୀର ଓ ଉତ୍ସାହମୟ ପରିବେଶରେ ପାଳିତ ହୋଇଯାଇଛି। "ସ୍ଥାନୀୟ ପଦକ୍ଷେପ, ବିଶ୍ୱସ୍ତରୀୟ ପ୍ରଭାବ" ଥିମ୍‌କୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ଭିତ୍ତିକ ଜୀବ ବିବିଧତା ସୁରକ୍ଷା, ପରିବେଶ ପୁନରୁଦ୍ଧାର, ଆଦିବାସୀ ପାରମ୍ପରିକ ଜ୍ଞାନ ଓ ସ୍ଥାୟୀ ପ୍ରକୃତି ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

କାର୍ଯ୍ୟକ୍ରମକୁ କୋରାପୁଟ ବନ ବିଭାଗର ଡିଏଫଓ ସିଦ୍ଧାର୍ଥ ଜୈନ୍ ଉଦ୍‌ଘାଟନ କରିଥିବା ବେଳେ କୋରାପୁଟ ଏସ୍‌ପି ରୋହିତ କୁମାର ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ, ଏସିଏଫ୍ ଜଗନ୍ନାଥ ବିଶୋୟୀ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ଃ ଦେବବ୍ରତ ପଣ୍ଡା ଓ ବିଧାୟକଙ୍କ ପ୍ରତିନିଧି ନରସିଂହ ପଟ୍ଟନାୟକ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ବନ କର୍ମଚାରୀ, ଭିଏସ୍‌ଏସ୍ ସଦସ୍ୟ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

ଅତିଥିମାନେ ନିଜ ଉଦ୍‌ବୋଧନରେ ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ ରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରିବେଶ ସନ୍ତୁଳନ ରକ୍ଷା, ବନ୍ୟଜନ୍ତୁ ଆବାସ ସୁରକ୍ଷା ଓ ସ୍ଥାନୀୟ ଲୋକଙ୍କ ଜୀବିକାରେ ବନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ କହିଥିଲେ। ଏଥିସହ ଆଦିବାସୀ ସମୁଦାୟଙ୍କ ପାରମ୍ପରିକ ପରିବେଶ ଜ୍ଞାନ ଓ ପ୍ରକୃତି ସୁରକ୍ଷାରେ ସେମାନଙ୍କ ଅବଦାନକୁ ସ୍ୱୀକାର କରାଯାଇଥିଲା। ଏହି ଅବସରରେ ଜୀବ ବିବିଧତା ସଚେତନତା ଅଭିଯାନ, ବୃକ୍ଷରୋପଣ, ସଂରକ୍ଷଣ ଭିତ୍ତିକ ଆଲୋଚନା ଓ ଭିଏସ୍‌ଏସ୍ ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିବେଶ ପ୍ରତି ଦାୟିତ୍ୱବୋଧ ଗଢ଼ି ତୋଳିବା ଓ ଜୀବ ବିବିଧତା ସୁରକ୍ଷାରେ ସମସ୍ତଙ୍କୁ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରାଯାଇଥିଲା। ଶେଷରେ ଏସିଏଫ୍ ଜଗନ୍ନାଥ ପ୍ରସାଦ ବିଶୋୟୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଭବିଷ୍ୟତ ପିଢ଼ୀ ପାଇଁ ଜୀବ ବିବିଧତା ସୁରକ୍ଷା ଓ ପରିବେଶ ରକ୍ଷାରେ ସାମୂହିକ ଭାଗୀଦାରୀକୁ ସୁଦୃଢ଼ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ।

### ସ୍ୱାସ୍ଥ୍ୟ ବିଭାଗ ଟିମ୍‌ଙ୍କ ଟିକରପଡା ପରିଦର୍ଶନ

## ଜୁଆଙ୍ଗ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ଯାଜପୁର,୨୨।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଏକ ଟିମ୍ ସୁକିନ୍ଦା ବ୍ଲକର କାଂସ ଗ୍ରାମପଞ୍ଚାୟତ ସରୁଆବିଲି ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ଟିକରପଡ଼ା ଗ୍ରାମକୁ ପରିଦର୍ଶନରେ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି। ଡାକ୍ତର ମିଶ୍ରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ତଥା ସିନିୟର ଏପିଡେମିଓଲୋଜିଷ୍ଟ୍ ଡାକ୍ତର ଜ୍ୟୋତି ରଞ୍ଜନ ରାଉତ, ଯାଜପୁର ଉପ-ପ୍ରବନ୍ଧକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ-ସୁଧାଂଶୁ ଶେଖର ନାୟକ, ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ, ସୁକିନ୍ଦାର ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଏବଂ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ପରିଦର୍ଶନରେ ଯାଇଥିଲେ। ଉକ୍ତ ଗ୍ରାମର ସୂର୍ଯ୍ୟ ଜୁଆଙ୍ଗଙ୍କ ପରିବାରରେ ମୋଟ ସମୁଦାୟ ସାତ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା। ପରିବାରର ସମସ୍ତ ଶିଶୁ ଚର୍ମ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ଆର.ବି.ଏସ.କେ ଟିମ୍ ପରିଦର୍ଶନ କରି ସେମାନଙ୍କୁ ଔଷଧ ପ୍ରଦାନ କରିଥିଲେ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଟିମ୍ ଦ୍ୱାରା ମଇ ୨୦ ତାରିଖରେ ଏକ ସ୍ୱାସ୍ଥ୍ୟ ମେଳାର ଆୟୋଜନ କରାଯାଇଥିଲା, ସେଥିରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରିଗ୍ ସୁନ୍ଦର ପଣ୍ଡାଙ୍କ ଦ୍ୱାରା ସମସ୍ତ ୩୨ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨୧ ଜଣ ଶିଶୁଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ଗ୍ରାମରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ଟିକାକରଣ କାର୍ଯ୍ୟକ୍ରମ, ପୋଷଣ ସ୍ଥିତି ଓ ଜନସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ବୃଦ୍ଧି ସହ ସରକାରୀ ସ୍ୱାସ୍ଥ୍ୟ ସେବାକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା।

## ଯୋଗଗୁରୁ ଓ ସମାଜସେବୀଙ୍କୁ ସମ୍ବର୍ଦ୍ଧନା



**ବୋରିଗୁମ୍ମା,୨୨।୫ (ସଂଚାର ବ୍ୟୁରୋ):** ଜନସେବା ଓ ପରପକାରୀ କାର୍ଯ୍ୟ ପାଇଁ ବୋରିଗୁମ୍ମା ଅଞ୍ଚଳରେ ଜଣାଶୁଣା ସମାଜସେବୀ, ଯୋଗଗୁରୁ,ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବୋରିଗୁମ୍ମା ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ମଦନ ମୋହନ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି | ଯୋଗଗୁର ଶ୍ରୀନାୟକ ସତସ୍ତରି ବର୍ଷ ବୟସରେ ଚାରିଧାମ ତୀର୍ଥ ଭ୍ରମଣ କରି ଫେରିଥିବାରୁ ଆଜି ନୂଆଗାଁ ଠାରେ ଶଙ୍ଖ ବାଜା କୀର୍ତ୍ତନ କରି ଗ୍ରାମର ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ସଭାଯାତ୍ରାରେ ତାଙ୍କୁ ସ୍ୱାଗତ କରାଯାଇଥିଲା ଏବଂ ତାଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ ପରେ ଏକ ସଭା ଆୟୋଜନ କରାଯାଇ ତାଙ୍କରି ଭ୍ରମଣ ଅଭିଜ୍ଞତା ସହ ଯୋଗ ପ୍ରାଣାୟାମ ବିଷୟରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଏନ ରାଜେଶ କୁମାର ଏହି ପରମ୍ପରାର ଉଧେଶ୍ୟ,ଆଗାମୀ ପିଢ଼ୀ ଉପରେ ପ୍ରଭାବ ଇତ୍ୟାଦି ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମ ର ମଞ୍ଚ ପରିଚାଳନା ପ୍ରଧାନ ଶିକ୍ଷକ ଏନ ରାଜେଶ କୁମାର କରିଥିବା ବେଳେ ନାରାୟଣ ହରିଜନ, ଦୂର୍ଯ୍ୟଧନ ଗୌଡ଼,ପ୍ରମୋଦ କୁମାର ନାୟକ,ହର ପ୍ରସାଦ ମୁଦୁଲି ,କୁଞ୍ଜ ବିହାରୀ ନାୟକ ଆୟୋଜନ କରିଥିଲେ .ଅନ୍ୟ ମାନଙ୍କ ମଧ୍ୟରେ ସରକାରୀ ଏପି ପି ସିମାଞ୍ଚଳ ଯାଦବ ,ଇନ୍ଦ୍ର ବେହେରା ,କାହ୍ନୁ,ସୁବାଷ ହରିଜନ ,ଭୁବନ ପୂଜାରୀ ସହ ଗ୍ରାମର ଅନେକ ଭଦ୍ରବ୍ୟକ୍ତି ଉପସ୍ଥିତ ରହିଥିଲେ ଏହି ପରମ୍ପରା ଆଜିକାଲି ଆଉ ଅନ୍ୟ ଜାଗାରେ ଦେଖିବାକୁ ମିଳୁ ନଥିବା ବେଳେ ନୂଆଗାଁ ଠାରେ ଚାଲୁଥିବା ଏହି ପରମ୍ପରା କୁ ସମସ୍ତେ ଭୂୟସୀ ପ୍ରସଂଶା କରିଛନ୍ତି ।

## ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରୟ, ୬ ଦୋକାନରୁ ଜରିମାନା ଆଦାୟ



**ବାରିପଦା,୨୨।୫ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ଚାନ୍ଦୁଆ ଥାନା ଅଞ୍ଚଳରେ ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ, ଡ୍ରଗ ଇନ୍ସପେକ୍ଟର, ମୟୂରଭଞ୍ଜ ରେଞ୍ଜ- ୧ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ତମାଖୁଜାତ ନିଶାଦ୍ରବ୍ୟ ବିକ୍ରୟ ବିରୋଧରେ ଚଢ଼ାଉ ଓ ଯାଞ୍ଚ ଅଭିଯାନ କରାଯାଇଥିଲା ।

ଏହି ଅଭିଯାନ ସମୟରେ ଚାନ୍ଦୁଆ ଅଞ୍ଚଳର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ନିକଟସ୍ଥ ଅଞ୍ଚଳ ଓ ବଜାର ପରିସରରେ ଥିବା ପାନ ଦୋକାନ, ଗ୍ରୋସେରୀ ଦୋକାନ ଏବଂ ଅନ୍ୟାନ୍ୟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକରେ ଅଚାନକ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବିଭିନ୍ନ ପ୍ରକାର ତମାଖୁଜାତ ନିଶାଦ୍ରବ୍ୟ ବିକ୍ରୟ କରାଯାଉଥିବା ଦେଖାଯାଇଥିଲା ।

ଶିକ୍ଷା ଅନୁଷ୍ଠାନ ନିକଟରେ ତମାଖୁଜାତ ସାମଗ୍ରୀ ବିକ୍ରୟ ନିଷିଦ୍ଧ ଥିବା ସତ୍ତ୍ୱେ ନିୟମ ଉଲ୍ଲଂଘନ କରି ବିକ୍ରୟ କରାଯାଉଥିବା ଅଭିଯୋଗରେ ମୋଟ ୬ଟି ଦୋକାନକୁ ଚିହ୍ନଟ କରାଯାଇଥିଲା । ସମ୍ବନ୍ଧିତ ଦୋକାନୀମାନଙ୍କ ଠାରୁ ମୋଟ ୧୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହା ସହ ଭବିଷ୍ୟତରେ ଏପରି ନିୟମ ଉଲ୍ଲଂଘନ ନ କରିବା ପାଇଁ ସତର୍କ କରାଯାଇଥିଲା ।

ଜନସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଶିକ୍ଷା ଅନୁଷ୍ଠାନ ପରିସରକୁ ତମାଖୁମୁକ୍ତ ରଖିବା ଲକ୍ଷ୍ୟରେ ଆଗାମୀ ଦିନରେ ମଧ୍ୟ ଏଭଳି ମିଳିତ ଚଢ଼ାଉ ଓ ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ଏହି ମିଳିତ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଏହି ଯାଞ୍ଚ ଅଭିଯାନରେ ଡ୍ରଗ ଇନ୍ସପେକ୍ଟର ଦିବ୍ୟ ରଞ୍ଜନ ନାୟକ, କୁଳିଅଣା ଅବକାରୀ ଏଏସଆଇ ତପନ ସାହୁ, ଅଣ ସଂକ୍ରାମକ ପରାମର୍ଶ ଦାତା ଜିଲ୍ଲା ଚିକିତ୍ସାଳୟ ନିହାର ରଞ୍ଜନ ପୃଷ୍ଟି ଏବଂ ଚାନ୍ଦୁଆ ଥାନାର ପୋଲିସ ପ୍ରମୁଖ ସାମିଲ୍ ଥିଲେ ।

# ସେବକ ପକ୍ଷରୁ ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳିତ




**ସୁନ୍ଦରଗଡ,୨୨।୫ (ସଂଚାର ବ୍ୟୁରୋ):** ପ୍ରକୃତି, ଜଙ୍ଗଲ ଓ ଜୈବବିବିଧତା ହେଉଛି ମାନବ ସଭ୍ୟତାର ମୂଳ ଆଧାର । ପରିବେଶ ସୁରକ୍ଷିତ ରହିଲେ ହିଁ ମାନବ ସମାଜର ଭବିଷ୍ୟତ ସୁରକ୍ଷିତ ରହିପାରିବ । ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ଧ୍ୱଂସ, ବନ୍ୟପ୍ରାଣୀ ହ୍ରାସ ଓ ପରିବେଶୀୟ ଅସନ୍ତୁଳନ ବିଶ୍ୱ ପାଇଁ ଗଭୀର ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏପରି ସମୟରେ ସ୍ଥାନୀୟ ସ୍ତରରେ ଲୋକଙ୍କ ସଚେତନତା, ସାମୂହିକ ଭାଗିଦାରି ଓ ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଗ୍ରହଣ କରାଯାଉଥିବା ଛୋଟ ଛୋଟ ପଦକ୍ଷେପ ବିଶ୍ୱ ସ୍ତରରେ ବଡ ପରିବର୍ତ୍ତନର ଆଧାର ହୋଇପାରିବ ବୋଲି ଶୁକ୍ରବାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ତରଫରୁ ଆୟୋଜିତ ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳନ ଅବସରରେ ବକ୍ତାମାନେ ମତ ପ୍ରଦାନ କରିଛନ୍ତି ।

"ସେବକ" ତରଫରୁ ଲେଫ୍ରିପଡା ବ୍ଲକର ସୁଆଁରିଜୋର, ହେମଗିର ବ୍ଲକର ବେନ୍ଦ୍ରିଚୁଆଁ, ବାଲିଶଙ୍କରା ବ୍ଲକର ବିରକାଳଡ଼ିହି ଓ ରାଉଳଡେଗା, ବଡଗାଁ ବ୍ଲକର ଗେଲେଇବାହାଲ ଓ ଚାରପାଲି ଗ୍ରାମରେ ସଚେତନତା ବୈଠକ, ସାମୁହିକ ଶପଥ ପାଠ ମାଧ୍ୟମରେ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ କରାଯାଇଛି। ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଗୁଡିକରେ ଚଳିତ ବର୍ଷର ଥିମ "ବିଶ୍ୱବ୍ୟାପୀ ପ୍ରଭାବ ପାଇଁ ସ୍ଥାନୀୟ ଭାବରେ କାର୍ଯ୍ୟ କରିବା" ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏଥି ସହିତ ଜୈବବିବିଧତା ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ, ଜଙ୍ଗଲ ଅଗ୍ନିକାଣ୍ଡ ରୋକଥାମ, ଜଳ- ଜଙ୍ଗଲ-ଜମିର ସୁରକ୍ଷା ଓ ପରିବେଶ ସମତୁଳନ ରକ୍ଷା ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଏହା ସହିତ ଗ୍ରୀନ ମେମୋରୀ କ୍ୟାମ୍ପେନ ଅଧୀନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ସିଡ୍ ବଲ୍ ଅଭିଯାନ, ବୃକ୍ଷ ରକ୍ଷାବନ୍ଧନ ଉପରେ ବ୍ୟାପକ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରତ୍ୟେକ ସ୍ଥାନରେ ଜୈବବିବିଧତା ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ଓ ଜଙ୍ଗଲକୁ ନିଆଁ ଦାଉ ରୁ ରକ୍ଷା କରିବା ନିମନ୍ତେ ସାମୂହିକ ଶପଥ ପାଠର ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବର, ଜଙ୍ଗଲ ଅଧିକାର କମିଟି, ବନ ସୁରକ୍ଷା ସମିତି, ଜନଜାତି ଜୀବିକା ପରିଷଦ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଓ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ସକ୍ରିୟ ଭାବେ ଯୋଗଦେଇଥିଲେ ।

## ସାଂସ୍କୃତିକ ବିବିଧତାକୁ ଜଗତୀକରଣ ପରିବେଶ ମଧ୍ୟରେ ପାଳନ କରିବା ଉଚିତ୍: ବିଶେଷଜ୍ଞ



**ଭୁବନେଶ୍ୱର,୨୨।୫ (ସଂଚାର ବ୍ୟୁରୋ):** ସାଂସ୍କୃତିକ ବିବିଧତାକୁ ଜଗତିକରଣ ପରିବେଶ ମଧ୍ୟରେ ପାଳନ କରିବା ଉଚିତ୍ ଏବଂ ଏହାକୁ ଅର୍ଥନୈତିକ ବିକାଶ ସହ ଯୋଡ଼ିବାର ଆବଶ୍ୟକତା ରହିଛି ବୋଲି ଗୁରୁବାର କହିଛନ୍ତି ଜାତୀୟ ସ୍ମାରକି କର୍ତ୍ତୃପକ୍ଷର ପୂର୍ବତନ ଅଧ୍ୟକ୍ଷ ତଥା କୋଲକାତା ସ୍ଥିତ ଭାରତୀୟ ନୃତତ୍ତ୍ୱ ସର୍ବେକ୍ଷଣର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସା।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ସେଂଟର ଫର୍ ପ୍ରିଜରଭେସନ୍ ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନସିଏଂଟ କଲଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆଲୋଚନା ଏବଂ ବିକାଶ ନିମନ୍ତେ ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ପାଳନ ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରଫେସର ବାସା ଏହା କହିଛନ୍ତି।

ଏହି କାର୍ଯ୍ୟକ୍ରମ ସହିତ ପ୍ରାଚୀନ ପକ୍ଷରୁ ଏକ ସପ୍ତାହ ବ୍ୟାପୀ ପୁରାତନ ଲେଖା ସମ୍ପାଦନା ସମ୍ପର୍କିତ କର୍ମଶାଳାର ଉଦ୍‌ଯାପନୀ ମଧ୍ୟ ଆୟୋଜନ କରାଯାଇଥିଲା ଯେଉଁଥିରେ ୪୧ ଜଣ ଗବେଷକ ଯୋଗ ଦେଇଥିଲେ।

ପ୍ରାଚୀନର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ କାର୍ଯ୍ୟକ୍ରମରେ ପୁରୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଏବଂ ଲେଖକ ଓ ସିନେ ନିର୍ମାତା ଶ୍ରୀ ଦେବ ରଞ୍ଜନ ମଧ୍ୟ ବକ୍ତବ୍ୟ ରଖିଥିଲେ।




# ଖରାଦିନେ ପିଅନ୍ତୁ ଦହି ସରବତ



ଗ୍ରୀଷ୍ମଋତୁ ପାଇଁ ଖରା ଗରମ ଅତ୍ୟଧିକ ମାତ୍ରାରେ ହେଉଛି। ଖରାଦିନ ଆସିବା ମାତ୍ରେ ଅନେକ ପ୍ରକାର ସମସ୍ୟା ଶରୀରରେ ଦେଖାଦେଇଥାଏ। ଖରା ଗରମ ଏବଂ ଖରାର ତାପରୁ ରକ୍ଷା ପାଇବା ବ୍ୟତୀତ ଆମେ ଶରୀରରେ ଟ୍ୟାନ ନଆସିବା ପାଇଁ ଫୁଲ୍ ଡ୍ରେସର ବ୍ୟବହାର କରିଥାଉ। ଖରାକୁ ବାହାରିବା ପୂର୍ବରୁ ଆମେ ସ୍କିନ୍ କେୟାର ମଧ୍ୟ କରି ଘରୁ ବାହାରି ଥାଉ। ଏହା ଛଡା ଖରା ଗରମ ପାଇଁ କିଛି ଥଣ୍ଡା ଜାତୀୟ ଜିନିଷ ଆମ ଶରୀରକୁ ଦରକାର ହୋଇଥାଏ। ଥଣ୍ଡା ଜାତୀୟ ଅର୍ଥ ନୁହେଁ ଥଣ୍ଡାପାଣି, କୋଲଡ୍ରିଙ୍କ୍ସ ଏବଂ ଆଇସ୍କ୍ରିମ୍। ଏହା କିନ୍ତୁ ଆମ ପେଟକୁ ଥଣ୍ଡା ରଖିବା ପରିବର୍ତ୍ତେ ଗରମ କରିଥାଏ। ଯାହାର କୁପ୍ରଭାବ ଆମ ଶରୀରରେ ପଡିଥାଏ। ଖରାଦିନ ପାଇଁ ଦହି, ଆଖୁ ରସ, ଫଳ ଜୁସ୍, ନଡିଆ ପାଣି ଆମକୁ ଅନେକ ଲାଭ ଦେଇଥାଏ। ଏହି ସବୁ ବ୍ୟତୀତ ଗ୍ରୀଷ୍ମ ଋତୁରେ ବଟରମିଲ୍କ ମଧ୍ୟ ଶରୀର ଉପରେ ଏବଂ ପେଟ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ।

ବଟରମିଲ୍କ ପିଇବା ଦ୍ୱାରା ସତେଜତା ଅନୁଭବ ହୋଇଥାଏ। ଏଥିରେ ଭିଟାମିନ୍ ଏ, ବି, ସି ଏବଂ ଇ ଭଳି ଅନେକ ପ୍ରକାରର ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଥାଏ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ଅନେକ ଲାଭଦାୟକ ହୋଇଥାଏ। ଏହା ପିଇବା ଦ୍ୱାରା ହାଇ ବ୍ଲଡପ୍ରେସରକୁ ଦୂର କରିଥାଏ। କୋଲେଷ୍ଟ୍ରୋଲକୁ ମଧ୍ୟ ନିୟନ୍ତ୍ରଣ ରଖିଥାଏ। ଯାହା ଫଳରେ ଏହାକୁ ଶରୀର ପାଇଁ ଲାଭପ୍ରଦ ବୋଲି ବିବେଚନା କରାଯାଏ। ଖରାଦିନରେ ଆମ ଶରୀରରେ ଏହା କେଉଁ ସବୁ ପ୍ରଭାବ ପକାଇଥାଏ ତେବେ ଆସନ୍ତୁ ଜାଣିବା।

## ବଟରମିଲ୍କର ଫାଇଦା

**ହାଇଡ୍ରେଟ୍ ରଖେ:** ଗ୍ରୀଷ୍ମ ଋତୁରେ ସାଧାରଣତଃ ଇଲୋକ୍ଟ୍ରୋନିକ୍ସର ଅଭାବ ଦେଖାଦେଇଥାଏ। ଏହା ପିଇବା ଦ୍ୱାରା ଶରୀରକୁ ହାଇଡ୍ରେଟ କରି ରଖିଥାଏ। ଏହା ଶରୀରରେ ଜଳୀୟ ଅଂଶକୁ ମଧ୍ୟ ଠିକ୍ ରଖିବାରେ ସହାୟତା କରିଥାଏ।

**ଶୀତଳତା ପ୍ରଦାନ କରେ:** ବଟରମିଲ୍କ ପ୍ରାକୃତିକ ଭାବେ ଶରୀରରେ ଶୀତଲତା ପ୍ରଦାନ କରିଥାଏ। ଯାହା ଖରାଦିନ ପାଇଁ ଏନର୍ଜି ଡ୍ରିଙ୍କସ ଭାବେ ଶରୀରରେ କାମ କରିଥାଏ। ଏହା ବ୍ୟତୀତ ଖରା ଗରମରୁ ମଧ୍ୟ ମୁକ୍ତି ମିଳିଥାଏ।

**ସଠିକ୍ ପାଚନ କରେ:** ଖରା ଗରମ କାରଣରୁ ଖାଇବା ପିଇବାରେ ପରିବର୍ତ୍ତନ ଦେଖାଦେଇଥାଏ। ଯାହା ଫଳରେ ପାଚନ ପ୍ରକ୍ରିୟା ଠିକ୍ ଭାବେ ହୋଇନଥାଏ। ଏଥିରେ ପ୍ରୋବାୟୋଟିକ ଗୁଣ ଥିବାରୁ ହଜମ ପ୍ରକ୍ରିୟାକୁ ବଢାଇଥାଏ। ଏହା କୋଷ୍ଠକାଠିନ୍ୟ ଏବଂ ପେଟ ଫୁଲିବା ଭଳି ସମସ୍ୟାକୁ ଦୂର କରିଥାଏ।

**ପୁଷ୍ଟିସାରରେ ଭରପୁର:** ଏଥିରେ ଉପଯୁକ୍ତ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଥାଏ। ଏହା କ୍ୟାଲସିୟମ, ଭିଟାମିନ୍ ବି ରାଇବୋଫ୍ଲାଇନର ଏକ ଭଲ ଉତ୍ସ ହୋଇଥାଏ। ଯାହା ହାର୍ଟକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ।

**ଓଜନ ହ୍ରାସ କରେ:** ଏଥିରେ କ୍ୟାଲୋରୀ ମାତ୍ରା କମ ଥିବା ଯୋଗୁ ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏଥିରେ ପ୍ରୋଟିନ ମଧ୍ୟ ରହିଥାଏ। ଯାହା ପେଟକୁ ଫୁଲ ରଖିଥାଏ ।

**ହାଡ଼କୁ ମଜବୁତ କରେ:** କ୍ୟାଲସିୟମ ଅଭାବରୁ ହାଡ ଦୁର୍ବଳ ହୋଇଯାଏ। କିନ୍ତୁ ଏହା ଖାଇବା ଦ୍ୱାରା ମଜବୁତ ହାଡ଼ ଗଠନରେ ସହାୟତା କରିଥାଏ। କାରଣ ପ୍ରଚୁର ପରିମାଣରେ କ୍ୟାଲସିୟମ ରହିଥାଏ ।

**ଏସିଡିଟିକୁ କମ୍ କରେ:** ଅନେକ ସମୟରେ ଆମେ ଏସିଡିଟି ଭଳି ସମସ୍ୟାକୁ ସାମ୍ନା କରିଥାଉ। କିନ୍ତୁ ଏହା ପିଇବା ଫଳରେ ଏସିଡିଟି ଭଳି ସମସ୍ୟାରୁ ସହଜରେ ମୁକ୍ତି ଦେଇଥାଏ।





# ଭାତ ରାନ୍ଧିବା ପରେ ପେଜ ଫୋପାଡ଼ି ଦେଉଛନ୍ତି କି ?

ଭାତ ଖାଇବାକୁ କିଏ ବ ପସନ୍ଦ ନ କରେ। ଛୋଟ ପିଲାମାନଙ୍କ ପାଖରୁ ଆରମ୍ଭ କରି ବଡ଼ ଲୋକମାନେ ମଧ୍ୟ ଦିନ କୁ ଧରେ ହେଲେ ବି ଭାତ ଖାଆନ୍ତି। କାହିଁକି ନା ଓଡ଼ିଆ ଲୋକଙ୍କର ପ୍ରଥମ ପସନ୍ଦ ହୋଇଥାଏ ଭାତ। ଭାତରେ ବୋହୁତ୍ ପ୍ରୋଟିନ୍ ଥାଏ ବୋଲି ବିଶ୍ୱାସ ରହିଛି। ଭାତ ଖାଇବାକୁ ଯେତିକି ଭଲ ଲାଗିଥାଏ ତାଠାରୁ ଅଧିକ ଭଲ ଲାଗେ ପଖାଳ ଭାତର ତୋରାଣି। ଖାସ୍ କରି ଖରାଦିନେ ପଖାଳ ଖାଇ ତାର ତୋରାଣି ପିଇଲେ ଆତ୍ମା ଶାନ୍ତି ହୋଇଯାଏ। ପଖାଳ ଭାତ ର ତୋରାଣି ମଧ୍ୟ ଘରେ ଘରେ ବେଶ ପରିଚିତ। ଆପଣ ଭାତ ରାନ୍ଧିଲା ପରେ ତା ପେଜ କୁ ଫୋପାଡ଼ି ଦେଉଥିବେ ନିଶ୍ଚୟ ହେଲେ, ଏହି ପେଜ ପଛରେ ଲୁଚି ରହିଛି ଅନେକ କଥା ଯାହାକୁ ଯାଣିଲେ ହୋଇଯିବ ଆଶ୍ଚର୍ଯ୍ୟ। ବୈଜ୍ଞାନିକ ଗବେଷଣା ଦ୍ୱାରା ପେଜ ବା ତୋରାଣି ରେ ରହିଛି ଅନେକ ଅଦ୍ଭୁତ୍ ଉପକାରିତା। ପୁରାତନ ଯୁଗରେ ମହିଳା ମାନେ ଏହି ପାଣି କୁ ନିଜ କେଶ ର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ବ୍ୟବହାର କରୁଥିଲେ। ଏହା ସୁନ୍ଦର ଓ ମଜବୁତ କେଶ ରେ ବହୁ ସହାୟକ ହୋଇଥାଏ। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ କେତେକ କ୍ଷେତ୍ରରେ ତୋରାଣି ପିଇବା ଦ୍ୱାରା ଦୃଷ୍ଟି ଶକ୍ତି ଦୀର୍ଘ ଦିନ ଯାଏ ଭଲ ରହିବାର ଦେଖିବାକୁ ମିଳିଛି। ଚମର ସୌନ୍ଦର୍ଯ୍ୟ ରକ୍ଷା ଏବଂ ସତେଜ ଚମ ଲାଗି ବର୍ତ୍ତମାନ ପେଜକୁ ଅଧିକ ବ୍ୟବହାର କରାଯାଉଛି। ଖୁବ ସହଜରେ ମିଳିପାରୁଥିବା ଏହି ପେଜ ତ୍ୱଚା ର ବେଶ ଭଲ ଉପଚାର କରିପାରିବ। ଏଥିସହ, ଯଦି ଆପଣଙ୍କ ମୁହଁରେ ବ୍ରଣ ହେଉଛି କିମ୍ବା ଶୀଘ୍ର ଛାଡୁନି ତେବେ ଆପଣ ମୁହଁରେ ପେଜ ଲାଗାବା ଆରମ୍ଭ କରନ୍ତୁ। ଦେଖିବେ ଖୁବ୍ ଶୀଘ୍ର ଛାଡିଯିବ। ଆପଣଙ୍କର ଯଦି ପେଟ ବ୍ୟଥା ଓ ଡାଇରିଆ ହେଉଛି, ତେବ ପେଜ ପିଅନ୍ତୁ। ଏହାକୁ ପିଇବା ଦ୍ୱାରା ଅନେକ ଲାଭ ମିଳିପାରିବ। ହଜମପ୍ରକ୍ରିୟକୁ ଠିକ୍ କରିବା ସହ ତ୍ୱଚା ମଧ୍ୟ ଲାଭଦାୟକ ହୋଇଥାଏ। ସବୁଠାରୁ ଖାସ୍ କଥା ହେଉଛି, ଯଦି ଆପଣଙ୍କୁ ହାଲିଆ ଲାଗୁଛି, ତେବେ ପେଜ ପିଅନ୍ତୁ। ପେଜ ସ୍ୱାସ୍ଥ୍ୟ ପାଇଁ ବେସ ସହାୟକ ହୋଇଥାଏ। କୋଷ୍ଠକାଠିନ୍ୟରୁ ବି ମିଳିପାରିବ ମୁକ୍ତି। ଯଦି ଆପଣଙ୍କର ଏହି ସମସ୍ତ ସମସ୍ୟା ହେଉଛି, ତେବେ ନିଶ୍ଚିତ ଭାବରେ ଆଜିଠାରୁ ପେଜର ବ୍ୟବହାର ଆରମ୍ଭ କରି ଦିଅନ୍ତୁ। ଦେଖିବେ ଖୁବ୍ ଅଳ୍ପ ଦିନ ମଧ୍ୟରେ ଆପଣଙ୍କ ରେଜଲ୍ଟ।

# ପ୍ରତିଦିନ ଖାଆନ୍ତୁ ଗଜାମୁଗ

**ମୁଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। କିନ୍ତୁ ଯେତେବେଳେ ଆମେ ଗଜାମୁଗ ଖାଇଥାଉ ସେତେବେଳେ ଏହାର ସ୍ୱାସ୍ଥ୍ୟ ଉପକାରିତା ଅନେକ ଗୁଣ ବଢ଼ି ଯାଇଥାଏ। ପୋଷକ ତତ୍ତ୍ୱ ଭରପୂର ଗଜାମୁଗ ଅନେକ ଉତ୍ତମ ସ୍ୱାସ୍ଥ୍ୟ ଉପକାରିତା ପ୍ରଦାନ କରେ। ତେବେ ଆସନ୍ତୁ ଜାଣିବା ନିଜ ଡାଏଟରେ ଗଜାମୁଗ ସାମିଲ କରିବାର ଫାଇଦା ବିଷୟରେ।**

**ହଜମ କରିବାରେ ସାହାଯ୍ୟ କରେ:** ଗଜାମୁଗ ଖାଇବା ଦ୍ୱାରା ଏହା ହଜମ କରିବାରେ ସାହାଯ୍ୟ କରେ। ଅଙ୍କୁରୋଦଗମ ପ୍ରକ୍ରିୟା ଜଟିଳ କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନକୁ ଭାଙ୍ଗି ଦେଇଥାଏ, ଯାହାଦ୍ୱାରା ଶରୀରକୁ ଏହା ହଜମ କରିବା ସହଜ ହୋଇଥାଏ। ଏହା ପେଟ ଫୁଲିବା ଏବଂ ଗ୍ୟାସର ସମ୍ଭାବନାକୁ ହ୍ରାସ କରିବା ସହ ପୋଷକ ତତ୍ତ୍ୱର ଏକ ଉତ୍ତମ ଉତ୍ସ ଭାବରେ ମଧ୍ୟ ସାହାଯ୍ୟ କରେ।

**ଓଜନ ହ୍ରାସ କରିବାରେ ସାହାଯ୍ୟ କରେ:** ଯେଉଁମାନେ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ପାଇଁ ଗଜାମୁଗ ବହୁତ ଭଲ। ମୁଗ ଡାଲିରେ ଥିବା ଫାଇବର କେବଳ ହଜମ କରିବାରେ ସାହାଯ୍ୟ କରେ ନାହିଁ ବରଂ ଆପଣଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ ମଧ୍ୟ କରାଏ, ଯାହା କ୍ୟାଲୋରୀ ଇନଟେକକୁ ମଧ୍ୟ କମ୍ କରିଥାଏ। ଏକ ହାଇ ଫାଇବରଯୁକ୍ତ ଖାଦ୍ୟ ଯାହା ଓଜନ ହ୍ରାସ କରିବା ଏବଂ ପେଟ ଭରିବା ଏବଂ ଭୋକ କମ୍ କରି ୱେଟ୍ ମ୍ୟାନେଜମେଣ୍ଟ କରିବାରେ ବହୁତ ସାହାଯ୍ୟ କରିଥାଏ।



**ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ:** ଗଜାମୁଗରେ ଆଣ୍ଟିଅକ୍ସିଡାଣ୍ଟ, ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ପୋଷକ ତତ୍ତ୍ୱ ଥାଏ। ଏହି ପୋଷକ ତତ୍ତ୍ୱ ବ୍ଲଡ଼ ପ୍ରେସରକୁ ନିୟନ୍ତ୍ରଣ କରିବା, କୋଲେଷ୍ଟ୍ରଲ ଲେବଲ୍ ହ୍ରାସ କରିବା ଏବଂ ହୃଦ୍ ରୋଗର ଆଶଙ୍କା ହ୍ରାସ କରିବାରେ କାମ କରିଥାଏ। ମୁଗ ଡାଲିରେ ଆଣ୍ଟିଅକ୍ସିଡାଣ୍ଟ କାର୍ଯ୍ୟକଳାପ ବହୁତ ଅଧିକ। ଏହି ଆଣ୍ଟିଅକ୍ସିଡାଣ୍ଟଗୁଡିକ ଫ୍ରି ରେଡିକାଲ୍ସକୁ ନ୍ୟୁଟ୍ରିଲାଇଜ କରିବାରେ ସାହାଯ୍ୟ କରେ।

**ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ:** ପ୍ରତିଦିନ ଗଜାମୁଗ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ଏହା ବିଶେଷ ଭାବରେ ଭିଟାମିନ୍ 'ସି' ଏବଂ ଭିଟାମିନ୍ 'ଏ' ରେ ଭରପୂର ହୋଇଥାଏ, ଯାହା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

**ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ଉନ୍ନତି ଆଣେ:** ଗଜାମୁଗ ଏହାର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଏବଂ ଅଧିକ ଫାଇବର ପରିମାଣ ହେତୁ ବ୍ଲଡ୍ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏକ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସର ଅର୍ଥ ହେଉଛି ଏହା ହାଇ-ଗ୍ଲାଇସେମିକ୍ ଖାଦ୍ୟ ତୁଳନାରେ ବ୍ଲଡ୍ ସୁଗାର ଲେବଲକୁ ଧୀରେ ଧୀରେ ଲଗାତାର ଭାବରେ ବଢାଇଥାଏ।

**ତ୍ୱଚାରେ ଉନ୍ନତି ଆଣେ:** ସୁସ୍ଥ ତ୍ୱଚା ବଜାୟ ରଖିବା ପାଇଁ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍‌ରେ ଭରପୂର ଖାଦ୍ୟ ଆବଶ୍ୟକ। ଗଜାମୁଗ ହେଉଛି ଫ୍ଲାଭୋନଏଡ୍ ଏବଂ ପଲିଫେନୋଲ୍ ସହିତ ଆଣ୍ଟିଅକ୍ସିଡାଣ୍ଟର ଏକ ଉତ୍ତମ ଉତ୍ସ, ଯାହା ସ୍କିନକୁ ଫ୍ରି ରେଡିକାଲ୍ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିଥାଏ। ଗଜାମୁଗରେ ମିଳୁଥିବା ଭିଟାମିନ୍ 'ଇ' ତ୍ୱଚାକୁ ପୋଷଣ ଯୋଗାଇବାରେ ସାହାଯ୍ୟ କରେ।



# ଖାଇବା ପରେ ତୁରନ୍ତ ଶୋଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ

ପ୍ରତ୍ୟକ ମଣିଷ ପାଇଁ ହେଲ୍ଦି ଏବଂ ଫିଟ୍ ରହିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ଏଥିପାଇଁ ସଠିକ ସମୟରେ ସଠିକ ପରିମାଣର ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଆବଶ୍ୟକ ହୋଇଥାଏ। କିନ୍ତୁ ଖାଦ୍ୟ ଖାଇବା ପରେ ଆପଣଙ୍କର କିଛି ଖରାପ ଅଭ୍ୟାସ ହେତୁ ଆପଣ ଅସୁସ୍ଥ ହୋଇପାରନ୍ତି। ଆପଣଙ୍କ ହଜମ ପ୍ରକ୍ରିୟା ନଷ୍ଟ ହୋଇପାରେ। ତେବେ ଆସନ୍ତୁ ଜାଣିବା ଖାଇବା ପରେ ତୁରନ୍ତ କ'ଣ ସବୁ କରିବା ଉଚିତ୍ ନୁହେଁ।

### ତୁରନ୍ତ ଶୋଇଯିବା

ଖାଦ୍ୟ ଖାଇବା ପରେ ତୁରନ୍ତ ଶୋଇବା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହା କରିବା ଦ୍ୱାରା ଏସିଡ୍ ରିଫ୍ଲକ୍ସ ସମସ୍ୟା ଦେଖାଦେଇପାରେ। ଖାଦ୍ୟ ଖାଇବା ପରେ ଆପଣ କିଛି ସମୟ ଚାଲିପାରିବେ ଯାହା ଦ୍ୱାରା ଶରୀର ସୁସ୍ଥ ମଧ୍ୟ ରହିଥାଏ।

### ଚା କିମ୍ବା କଫି ପିଇବା

କିଛି ଲୋକ ଖାଇବା ପରେ ଚା' ଏବଂ କଫି ପିଇଥାନ୍ତି। ଖାଇବା ପରେ ଚା' ପିଇବା ଦ୍ୱାରା ଶରୀରରେ ଆଇରନ୍ ଅବଶୋଷଣ ହ୍ରାସ ପାଇଥାଏ। ଖାଇବା ପରେ କଫି ଏବଂ ଚା ପିଇବା ଦ୍ୱାରା ଶରୀରରେ ମିନେରାଲ୍ସର ଅଭାବ ହୋଇପାରେ।

### ଧୂମପାନ କରିବା

କିଛି ଲୋକ ଖାଇବା ପରେ ଧୂମପାନ କରନ୍ତି। ଖାଇବା ପରେ ଧୂମପାନ କରିବା ଦ୍ୱାରା ଏହା ଫୁସଫୁସକୁ କ୍ଷତି ପହଞ୍ଚାଇପାରେ। ଏହା ବ୍ୟତୀତ ଏହା ଆପଣଙ୍କ ହଜମ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଭାବ ପକାଇଥାଏ। କୌଣସି ବି ସମୟରେ ଧୂମପାନ କରିବା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇନଥାଏ। କିନ୍ତୁ ଯଦି ଆପଣ ଏହି ଖରାପ ଅଭ୍ୟାସରେ ଲିପ୍ତ ଅଛନ୍ତି ତେବେ ଖାଇବା ପରେ ଆଦୌ ଧୂମପାନ କରନ୍ତୁ ନାହିଁ।

### ଜିମ୍ ଯିବା

କିଛି ଲୋକ ଖାଇବା ପରେ ସାଙ୍ଗେ ସାଙ୍ଗେ ଜିମ୍ ଚାଲି ଯାଆନ୍ତି। କିନ୍ତୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଆଦୌ ଠିକ ନୁହେଁ। ଖାଇବା ପରେ ତୁରନ୍ତ ଜିମ୍ ଯାଆନ୍ତୁ ନାହିଁ। ଜିମ୍ ଯିବା ହଜମ ପ୍ରକ୍ରିୟା ଉପରେ ଖରାପ ପ୍ରଭାବ ପକାଇଥାଏ। ବାସ୍ତବରେ, ଜିମ୍ ଯିବା ଦ୍ୱାରା ହଜମ ପ୍ରକ୍ରିୟାରେ ତଥା ରକ୍ତ ସଞ୍ଚାଳନରେ ଉନ୍ନତି ହୁଏ ନାହିଁ। ତେଣୁ ସର୍ବଦା ଖାଇବାର ୧ ରୁ ୨ ଘଣ୍ଟା ପରେ ଜିମ୍ କରାଯିବା ଉଚିତ୍। ନଚେତ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏହା କ୍ଷତିକାରକ ହୋଇପାରେ।

## ଭଞ୍ଜନଗର ପୌରାଧ୍ୟକ୍ଷଙ୍କ ଘର ଉପରେ ବୋମାମାଡ଼

**ଗଞ୍ଜାମ,୨୨।୫(ସଂଚାର ବ୍ୟୁରୋ):** ଭଞ୍ଜନଗର ପୌରାଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ଘର ଉପରକୁ ଦୁର୍ବୃତ୍ତମାନେ ଗତକାଲି ବିଳମ୍ବିତ ରାତିରେ ବୋମାମାଡ଼ କରିଛନ୍ତି। ବୋମାମାଡ଼ରେ କେହି ମୃତାହତ ହୋଇନାହାନ୍ତି। ବୋମାମାଡ଼ ସମୟରେ ପୌରାଧ୍ୟକ୍ଷ ଘରେ ନଥିଲେ। ରାଜନୈତିକ ଶତ୍ରୁତାରୁ ଏପରି କରାଯାଇଥିବା ଅନୁମାନ କରାଯାଉଛି। ଖବର ପାଇ ଭଞ୍ଜନଗର ପୁଲିସ ଘଟଣାର ତଦନ୍ତ କରୁଛି।

## ଧନିଚା ଓ ଡାଲି ଜାତୀୟ ଫସଲ ମାଟିରେ ଯବକ୍ଷାରଜାନ ବଢ଼ାଇଥାଏ

**କନ୍ଧମାଳ,୨୨।୫(ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କୃଷି ବିଭାଗ, କନ୍ଧମାଳଙ୍କ ମିଳିତ ସହଯୋଗରେ ଚକାପାଦ ବ୍ଲକ ପସରା ଗ୍ରାମପଞ୍ଚାୟତ ସ୍ଥିତ ରାଇପଦା ଠାରେ ଧନିଚା ଓ ଡାଲି ଜାତୀୟ ଫସଲ ମାଟିରେ ଯବକ୍ଷାରଜାନ ବଢ଼ାଇଥାଏ ଶିର୍ଷକ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚକାପାଦ ବ୍ଲକ ସହାୟକ କୃଷି ଅଧିକାରି ଶିବାନୀ ପ୍ରଧାନ, ବ୍ଲକ ବୈଷୟିକ ପରିଚାଳକ ରାଧେ ରମଣ ଶର୍ମା ଓ ପସରା କୃଷି ପରିଦର୍ଶିକା ସୁଭଦ୍ରା ଭୂୟାଁ ଯୋଗଦେଇ ବିଭିନ୍ନ ଚାଷ କାର୍ଯ୍ୟ ପାଇଁ ଚାଷୀର ମନବଳ ଓ ସାଧନାର ଆବଶ୍ୟକତା ବିଷୟରେ କହିବା ସହିତ ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିପରି ବିଭିନ୍ନ ଡାଲି ଯାତୀୟ ଫସଲ ଅମଳ କରି ହେବ ତାହା ଉପସ୍ଥାପନା କରିଥିଲେ। ଏହି ଡାଲି ଜାତୀୟ ଫସଲ ଗୁଡିକୁ ଅଧିକ ଦିନ ଘରେ ସାଇତି ରଖାଯାଇ ପାରିବ ଓ ପରବର୍ତୀ ସମୟରେ ଚାଷୀ ଚାହିଁଲେ ଅଧିକ ଦରରେ ମଧ୍ୟ ବିକ୍ରି କରି ନିଜର ରୋଜଗାର ବଢ଼ାଇ ପାରିବ। ଏଥି ସହିତ ଏହି ଡାଲି ଜାତୀୟ ଫସଲ ଚାଷ ଜମିକୁ ଅଧିକ ଯବକ୍ଷାରଜାନ ଯୋଗାଇଥାଏ ଯାହା ଜମିକୁ ଉର୍ବର କରିବାରେ ସହାଯ୍ୟ କରେ ଏବଂ ପରବର୍ତୀ ଫସଲରେ କମ୍ ସାରର ଆବଶ୍ୟକତା ପଡ଼ିଥାଏ। ଏହା ସଙ୍ଗେ ସଙ୍ଗେ ଗୋଟିଏ ଜମିରୁ ଦୁଇଟି ଫସଲ ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ରାଇକିଆ ବ୍ଲକ ର ଇନ୍ଦ୍ରଗଡ଼ ପଞ୍ଚାୟତ ବଗେଜୁ ଠାରେ ଏକ ଦିନିକିଆ କୃଷକ ତାଲିମ କାର୍ଯ୍ୟକ୍ରମ କରାଯାଇ ଚାଷୀ ମାନଙ୍କୁ ବିରି ଓ ଧଳା ମଟର ଚାଷ ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିରି ଓ ମଟର ଚାଷର ଫାଇଦା ବିଷୟରେ ଉପସ୍ଥାପନା କରାଯାଇ ଦେଖାଯାଇଥିଲା ଯେ, ମଟର ଚାଷ ପରିବାର ପାଇଁ ଖାଦ୍ୟ ସୁରକ୍ଷା ହିସାବରେ ମଧ୍ୟ ସହଯୋଗ କରିଥାଏ।

## ନାରୀ ସଂରକ୍ଷଣ ଓ ନିର୍ଯ୍ୟାତନାକୁ ନେଇ ଗର୍ଜିଲା ବିଜେଡି ମହିଳା ମୋର୍ଚ୍ଚା

**ବଲାଙ୍ଗିର,୨୨।୫(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଠାରେ ବିଜେଡିର ଶତାଧିକ ମହିଳା କର୍ମୀ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ନାରୀ ସମ୍ମାନ, ସଶକ୍ତିକରଣ, ସୁରକ୍ଷା ଓ ସଂରକ୍ଷଣ ଉପରେ କେନ୍ଦ୍ର ସରକାରଙ୍କ ବିଫଳତାକୁ ଭିତି କରି ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜି ପୂର୍ବାହ୍ନରେ ସ୍ଥାନୀୟ ଜିଆର ପ୍ୟାଲେସ ଠାରୁ ଏକ ବିଶାଳ ନାରୀ ଶୋଭାଯାତ୍ରା ଆରମ୍ଭ କରି ରାଜ୍ୟରେ ଆଇନ ଶୃଙ୍ଖଳା ନାରୀ ନିର୍ଯ୍ୟାତନା ଓ ୩୩ ପ୍ରତିଶତ ସଂରକ୍ଷଣରେ ବିଫଳତାକୁ ମୁଖ୍ୟ ମୁଦ୍ଦା ନିଆଯାଇଥିଲା। ଏ ସଂକ୍ରାନ୍ତରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଏନ୍ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରଯାଇଥିଲା। ପରେ ସମସ୍ତ ମହିଳାକର୍ମୀ ସ୍ଥାନୀୟ ଜିଆର ପ୍ୟାଲେସ ଠାରେ ଏକତ୍ରିତ ହୋଇ ଏକ ବିକ୍ଷୋଭ ସଭାର ଆୟୋଜନ କରଯାଇଥିଲା। କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ର ବିଜେଡ଼ି ଯୁବ ନେତା ଗିରିରାଜ ସିଂ ମାଝୀ ଙ୍କ ନେତୃତ୍ୱ ନେଇଥିବା ବେଳେ ପାଟଣାଗଡ଼ ପୂର୍ବତନ ବିଧାୟକ ତଥା ବଲାଙ୍ଗିର ଜିଲ୍ଲା ବିଜେଡ଼ି ଜିଲ୍ଲା ସଭାପତି ସରୋଜ ମେହେର, ସରପଞ୍ଚମାନେ କଣ୍ଟାବାଞ୍ଜି କାଉନସିଲରମାନେ ଓ ବିଜୁ ଜନତା ଦଳର କର୍ମକର୍ତା ମାନେ ଯୋଗଦାନ କରି ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ନୀଳଗିରି ଚିମିନିଭାଟିରେ ଜଳ ଯୋଗାଣରେ ଅନିୟମିତତା

# ପ୍ରତିଶ୍ରୁତି ପରେ ବି ପହଞ୍ଚିଲାନି ପାଣି



**ନୀଳଗିରି,୨୨।୫(ସଂଚାର ବ୍ୟୁରୋ):** ଉଗ୍ର ହେଲାଣି ପାନୀୟ ଜଳ ସମସ୍ୟା। କେଉଁଠି ପାଇପ୍‌ରେ ପାଣି ଆସୁନି ତ ଆଉ କେଉଁଠି ଟ୍ୟାଙ୍କର ଦର୍ଶନ ମିଳୁନି। ଶେଷରେ ପ୍ରଶାସନର ମିଛ ପ୍ରତିଶ୍ରୁତିରେ ଅତିଷ୍ଠ ହୋଇ ଗରା-ବାଲ୍ଟି ଧରି ରାଜରାସ୍ତାକୁ ଓହ୍ଲାଇଥିଲେ ଗାଁ ଲୋକ। ସମାଧାନର ପ୍ରତିଶ୍ରୁତି ବି ମିଳିଲା। ହେଲେ ଏବେ ଯାଏଁ ହୋଇପାରିଲାନି ସମାଧାନ। ଗତକାଲି ରାତିର। ଶେଷରେ ନିଜ ଅଞ୍ଚଳରେ ପାଣି ସମସ୍ୟାର ସମାଧାନ ପାଇଁ ଏକାଠି ହୋଇଥିଲେ ନୀଳଗିରି ଏନ୍‌ଏସି ୮ ନମ୍ବର ୱାର୍ଡ ଚିମିନିଭାଟିର ଲୋକେ। ନୀଳଗିରି-ମିତ୍ରପୁର ରାସ୍ତାର ଥାନାଛକ ନିକଟରେ ଘଣ୍ଟାଘଣ୍ଟା ଧାରଣା ଦେଇଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ରତନ ମାଝୀ ଆସି ସମସ୍ୟାର ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଦୈନିକ ୨ଟି ଟ୍ୟାଙ୍କରରେ ପାଣି ଯୋଗାଇବାର ପ୍ରତିଶ୍ରୁତି ଦେଇଥିଲେ। ଏହାର ପ୍ରାୟ ୧ ଘଣ୍ଟା ପରେ ଧାରଣା ତ' ହଟିଲା। ହେଲେ ଏଯାଏଁ ଗାଁରେ ଟ୍ୟାଙ୍କର ପହଞ୍ଚିପାରିନି। ଫଳରେ ପାଣି ପାଇଁ ନଳକୂପ ପାଖେ ଲମ୍ବା ଲାଇନ୍ ଲଗାଉଛନ୍ତି ମହିଳା। ଚିମିନିଭାଟିରେ ଦୀର୍ଘ ଦିନ ହେବ ଜଳଯୋଗାଣରେ ଦେଖାଦେଇଛି ଅନିୟମିତତା। ପାଇପ୍‌ରେ ପାଣି ଆସୁନି, ଟ୍ୟାଙ୍କର ସମୟରେ ପହଞ୍ଚୁନାହିଁ। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଗୁହାରୀ କରିବା ପରେ କିଛି ସୁଫଳ ନମିଳିବାରୁ ଗରା ବାଲ୍ଟି ଧରି ଏକାଠି ହୋଇଥିଲେ ମହିଳା। ପ୍ରତିଶ୍ରୁତିର ଘଣ୍ଟାଘଣ୍ଟା ପରେ ବି ପାଣି ନମିଳିବା ଜନଅସନ୍ତୋଷର କାରଣ ପାଲଟିଛି। ତୁରନ୍ତ ଗାଁରେ ପାଣି ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି।

## କାଳ ବୈଶାଖୀ ତାଣ୍ଡବ ରଚିଲା ଘର ଦ୍ୱାର ଉଡ଼ାଇ ନେଲା ପବନ ବର୍ଷା



**କନ୍ଧମାଳ,୨୨।୫(ସଂଚାର ବ୍ୟୁରୋ):** କାଳବୈଶାଖୀ ବର୍ଷାର ପ୍ରଭାବରେ ଘରଦ୍ୱାର ଭାଙ୍ଗି ଧୂଳିସାତ୍ ହେଇଗଲା ଏମିତି ଏକ ଚିତ୍ର ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସୋନପୁର ପଞ୍ଚାୟତ ଅନ୍ତର୍ଗତ ଯୁଆଙ୍ଗିଆ ଗ୍ରାମରେ ହଟାତ୍ କଳା ବଦଳ ସାଙ୍ଗକୁ ପବନ ବର୍ଷା ହୋଇଥିଲା ଝାଟି ମାଟି ଘରେ ବସ ବାସ କରୁଥିବା ଗରିବ ନିରୀହ ଲୋକଙ୍କ ନିଦ ହଜାଇ ଦେଇଛି ଏହି କାଳବୈଶାଖୀ ବର୍ଷା। ଏମାନଙ୍କ ମଧ୍ୟରୁ କେତେକ ଲୋକ ପ୍ରଧାନ ମନ୍ତ୍ରୀ ଆବାସ ଗୃହ ପାଇଁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ସୁଧା କୌଣସି ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଏବେ ଏମାନଙ୍କ ଦୁଃଖ କିଏବା ବୁଝିବ ଗୋଟିଏ ଗାଁ ର ନଅ ଗୋଟି ଘର ଭାଙ୍ଗି ଯାଇଛି ସେମାନେ ହେଉଛନ୍ତି। ସଞ୍ଜୀବ ପ୍ରଧାନ ସୁମନ୍ତ ପ୍ରଧାନ ସତୁବୁଡି ପ୍ରଧାନ ରିଣ୍ଟୁ ପ୍ରଧାନ ଅମିର ପ୍ରଧାନ ସନାତନ ପ୍ରଧାନ ବିଲୁ ପ୍ରଧାନ ପାଉଲ ପ୍ରଧାନ ସୁନୀଲ୍ ପ୍ରଧାନ ଏମାନଙ୍କ ଦୁଃଖ ଦୁରକରିବା ପାଇଁ ଦାରିଙ୍ଗବାଡି ବ୍ଲକ୍ ପ୍ରଶାସନ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ନେଇ ସରକାରୀ ସହାୟତା ଯୋଗାଦେବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକ।

### ବ୍ଲକ ସଭାପତି ସୂର୍ଯ୍ୟକାନ୍ତି ଛତ୍ରିଆଙ୍କୁ ଭବ୍ୟ ସମ୍ବର୍ଦ୍ଧନା

# ନାରୀଙ୍କୁ ସମ୍ମାନ ଓ ସୁରକ୍ଷା ନଦେଲେ କ୍ରାନ୍ତି ହେବ: ନରସିଂହ



**ବଲାଙ୍ଗୀର,୨୨।୫(ସଂଚାର ବ୍ୟୁରୋ):** ଉଭୟ କେନ୍ଦ୍ର ଓ ରାଜ୍ୟ ଆମ ନାରୀ ସମାଜ ର ଭାବାବେଗ ସହ ଖେଳୁଛନ୍ତି। ପୂର୍ବରୁ ମହିଳା ସଂରକ୍ଷଣ ବିଲ ପାରିତ ହୋଇସାରିଥିଲେ ହେଁ କଂଗ୍ରେସ ଦଳ କୁ ବଦନାମ କରିବାପାଇଁ ଡବଲ ଇଂଜିନ ବିଜେପି ସରକାର ମିଥ୍ୟା ପ୍ରଚାର କରୁଛି। କିନ୍ତୁ ଦେଶ ତଥା ନାରୀ ସମାଜ ଏମାନଙ୍କ କୁମ୍ଭୀର କାନ୍ଦଣା କୁ ଠିକ ବୁଝି ସାରିଛନ୍ତି। ନାରୀ ସଶକ୍ତିକରଣ ର ଦ୍ୱାହି ଦେଉଥିବା ବିଜେପି ସରକାର ଖୋଦ ନାରୀଙ୍କୁ ନିର୍ଯ୍ୟାତନା ଦେଉଛି। ରାଜ୍ୟ ରେ ୨ ବର୍ଷ ର ବିଜେପି ସରକାର ରେ ମହିଳା ଙ୍କୁ ସମ୍ମାନ ଦେବା ବଦଳରେ ନାରୀ ନିର୍ଯ୍ୟାତନା ସୀମା ଟପି ଗଲାଣି। ତେଣୁ ରାଜ୍ୟ ବିଜେପି ସରକାର ନାରୀଙ୍କୁ ସମ୍ମାନ ଓ ସୁରକ୍ଷା ପ୍ରଦାନ ରେ ଅବହେଳା ଜାରୀ ରହିଲେ ଆଗାମୀ ଦିନରେ ଏକ ବଡ ଧରଣର କ୍ରାନ୍ତି ନିଶ୍ଚିତ ହେବ ବୋଲି ଆଜି ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରି ଠାରେ ଆୟୋଜିତ ନବ ନିଯୁକ୍ତ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ସୁଶ୍ରୀ ସୂର୍ଯ୍ୟକାନ୍ତି ଛତ୍ରିଆ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସମାବେଶ ରେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟ ରେ କହିଛନ୍ତି। ଦେଓଗାଁ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭା ରେ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଥିଲେ ଯେ, ଏହି ବିଜେପି ସରକାର ଅମଳ ରେ ମହିଳା ଙ୍କ ସମେତ ଛାତ୍ର ଯୁବକ କୃଷକ ଶ୍ରମିକ ସମସ୍ତେ ଅବହେଳିତ ଓ ନିର୍ଯ୍ୟାତିତ। ଯଦି ସମାଜରେ ଶାନ୍ତି ଓ ପ୍ରଗତି ଦରକାର ତେବେ ନାରୀ ସମାଜ ଏକତ୍ରିତ ହୋଇ କ୍ରାନ୍ତି ମାଧ୍ୟମ ରେ ଏହି ଲୋକବିରୋଧୀ ଉଭୟ ସରକାର ଙ୍କୁ ଉଚିତ ଜବାବ ଦିଅନ୍ତୁ ବୋଲି କହିଥିଲେ।

## ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଫଳ ଓ ସ୍ୱଚ୍ଛ କରିବା ପାଇଁ ସମୀକ୍ଷା ବୈଠକ



**ବଲାଙ୍ଗିର,୨୨।୫(ସଂଚାର ବ୍ୟୁରୋ):** ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଓଡ଼ିଶା-୨୦୨୬ ପ୍ରକ୍ରିୟାକୁ ସଫଳ ଓ ସ୍ୱଚ୍ଛ କରିବା ପାଇଁ ଆଜି ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଅଧ୍ୟକ୍ଷତା କରିଥିଲେ, ଯେଉଁଥିରେ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ହୋଇ ଏସଆଇଆର ପ୍ରକ୍ରିୟାକୁ ସୁଚାରୁ ଓ ସ୍ୱଚ୍ଛ ଭାବରେ କାର୍ଯ୍ୟକାରିତା କରିବା ପାଇଁ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ନିର୍ଭୁଲ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତିକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି ଜିଲ୍ଲାପାଳ। ୧୮ ବର୍ଷରୁ ଅଧିକ ବୟସର ଯୁବ ଭୋଟରମାନଙ୍କ ନାମ ଶତପ୍ରତିଶତ ପଞ୍ଜୀକୃତ କରିବାକୁ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବାଦ କରିବା, ତଥା ତ୍ରୁଟିପୂର୍ଣ୍ଣ ନାମ ଓ ଠିକଣା ସଂଶୋଧନ ପାଇଁ ଆସୁଥିବା ଆବେଦନଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମାରେ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଭୋଟର ତାଲିକାର ସଠିକତା ଓ ପାରଦର୍ଶିତା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ର ପାଇଁ ରାଜନୈତିକ ଦଳମାନଙ୍କୁ ବୁଥ୍ ଲେଭେଲ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ କୁହାଯାଇଛି।

## ବିଧବାଙ୍କ ହତ୍ୟା ମାମଲା: ୪୮ ଘଣ୍ଟା ପରେ ମଧ୍ୟ ପୁଲିସ୍ ହାତ ଖାଲି

**ବୈଶିଙ୍ଗା,୨୨।୫(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ ପଞ୍ଚାୟତର ବାଲିଆପିଟା ଗ୍ରାମର ଜନୈକା ବିଧବା ମହିଳା ଙ୍କୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ହତ୍ୟା କରିବାର ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ୍ ହତ୍ୟାକାରୀ ଙ୍କର ସୁରାକ ପାଇ ପାରି ନାହିଁ। ସ୍ୱର୍ଗତ ରାଜୁ ସିଂ ଙ୍କ ବିଧବା ପତ୍ନୀ ୪ ଅନୀତା ଏକୁଟିଆ ଘରେ ରହୁଥିଲେ। ଏକ ମାତ୍ର ପୁତ୍ର ବୀରେନ୍ଦ୍ର ବାହାରେ ରୁହନ୍ତି। ଏହି ସୁଯୋଗ ରେ କୌଣସି ଅସାମାଜିକ ବ୍ୟକ୍ତି ବିଳମ୍ବିତ ରାତିରେ ଘରେ ପଶି ମୃତ ଅନୀତା ଙ୍କୁ ଦୁର୍ବ୍ୟବହାର କରିଥିବା ସନ୍ଦେହ କରାଯାଉଛି। ତେବେ ମହିଳାଙ୍କ ଗୋଡ ବନ୍ଧା ହେବା ସହିତ ଶରୀର ଉଲଗ୍ନ ଥିବାରୁ ଅନ୍ୟ କିଛି ଦୁଷ୍କର୍ମ କରାଯାଇଥିବା ସନ୍ଦେହ ଘେରକୁ ଆସିଥିଲା। ମାତ୍ର ଶବ ବ୍ୟବଚ୍ଛେଦ ପରେ ଦୁଷ୍କର୍ମ ହୋଇ ନଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ପ୍ରକଳ୍ପ ଅଚଳ: ଚୁଆଁ ପାଣିକୁ ଭରସା



**ଖଜୁରିପଡ଼ା,୨୨।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ଗୁଦାରୀ ପାୟତ ୪ ନମ୍ବର ୱାର୍ଡ ଅନ୍ତର୍ଗତ ମଲିକ ସାହିରେ ପାନୀୟ ଜଳ ସମସ୍ୟା ଉଟ ରୂପ ଧାରଣ କରିଛି। ସାହିରେ ଦୀର୍ଘ ୪ ବର୍ଷ ତଳେ ଏକ ସୋଲାର ପାଣି ଟ୍ୟାଙ୍କ ବସାଯାଇଥିବା ବେଳେ ତାହା ମାତ୍ର ବର୍ଷେ ଚାଲି ଅଚଳ ହୋଇଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଏହାର ପାଇପ ଗୁଡ଼ିକ ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଲାଣି। ଫଳରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ପାନୀୟ ଜଳ ପାଇଁ ଚୁଆଁ ଉପରେ ନିର୍ଭର କରୁଛନ୍ତି। ଖରା ଦିନେ ବିଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ସାହିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଗ୍ରାମର ବିମଳ ଦିଗାଲ, ସୁଶୀଳା ଦିଗାଲ, କଇଁଫୁଲ ଦିଗାଲ, ଶରତ ଦିଗାଲ, ରୂପାଲି ଦିଗାଲ, କ୍ଷୀରୋଧା ଦିଗାଲ ଓ ଅଳି ଦିଗାଲ ପ୍ରମୁଖ ଅଭିଯୋଗ କରିଛନ୍ତି। ସୋଲାର ପ୍ରକଳ୍ପର ତୁରନ୍ତ ମରାମତି କରି ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଗାମବାସୀ ଦାବି କରିଛନ୍ତି। ଏନେଇ ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଚରଣ ବେହେରା କହିଛନ୍ତି ଯେ, ମଲିକ ସାହିର ପାନୀୟ ଜଳ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ବିଭାଗ ଅବଗତ ଅଛି। ଏହାର ମରାମତି ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି।

# ମାଟିର ଗୌରବ ଆଣିଲେ- ରିତୁପର୍ଣ୍ଣା ଓ ସାଦିୟା



**ଧାମନଗର,୨୨।୫(ସଂଚାର ବ୍ୟୁରୋ):** ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲା ସୋରୋ ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଛାତ୍ରୀ ତଥା ଧାମନଗର ଏନ୍‌ଏସିଅନ୍ତର୍ଗତ ୮ନମ୍ବର ୱାର୍ଡ ଅଧିନସ୍ଥ ବଜାର ସାହି ଗ୍ରାମର ବାସିନ୍ଦା ମହମ୍ମଦ ଇସଲାମଉଦ୍ଦିନ(ବାବୁ) ସାବେହା ଖାତୁନଙ୍କ ଝିଅ ସାଦିୟା ପରଓ୍ୱେନ୍ ଯୁକ୍ତ ଦୁଇ ବିଜ୍ଞାନରେ ପରୀକ୍ଷାରେ(୬୦୦ରୁ ୫୭୦ ଶତକଡା ୯୫% ରଖି ପ୍ରଥମ ସ୍ଥାନ ଅଧିକାର କରି ଧାମନଗର ମାଟିର ଗୌରବ ଆଣିଛନ୍ତି। ଏଥିସହିତ ମାଟିର ମହକକୁ ଆଉ ଦୁଇ ପାଦ ଆଗକୁ ନେଇଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ, ସମାଜସେବୀ ଓ ବୁଦ୍ଧିଜୀବୀଙ୍କ ସମେତ ବହୁ ଶୁଭେଚ୍ଛୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଥିବା ବେଳେ ଝିଅଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ତଥା ଧାମନଗର ଏନଏସି ଅନ୍ତର୍ଗତ ୧୦ ନଂ ୱାର୍ଡର ତପନ କୁମାର ରାଉତ ଓ ମମତା ରାଉତଙ୍କ କନ୍ୟା ରିତୁପର୍ଣ୍ଣା ରାଉତ ମୋଟ ୬୦୦ ନମ୍ବରରୁ ୫୬୪ ରଖି ଭଦ୍ରକ ଜିଲ୍ଲା ତଥା ବିଜ୍ଞପିତ ଅଞ୍ଚଳ ପରିଷଦ ପାଇଁ ଗୌରବ ଆଣିଛନ୍ତି। ରିତପର୍ଣ୍ଣଙ୍କ ଏହି ସଫଳତା ପାଇଁ ପାରିବାର, ବନ୍ଧୁବର୍ଗ ଓ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। +୨ ବିଜ୍ଞାନ ପରୀକ୍ଷାରେ ଶତକଡ଼ା ୯୪ ନମ୍ବର ରଖି ଥିବା ଏହି ମେଧା ଛାତ୍ରୀଙ୍କ ବାସଭବନରେ ପହଞ୍ଚି ଧାମନଗର ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ, ସାମ୍ବାଦିକ ସରୋଜ କୁମାର ସେଠୀ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ମଙ୍ଗଳମୟ ଉତ୍ତର ଜୀବନ କାମନା କରିଛନ୍ତି। ଆଗାମୀ ନିଜ ଭବିଷ୍ୟତ ଶିକ୍ଷା ସମ୍ପର୍କରେ କୃଷି ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ବିଜ୍ଞାନ ଟପ୍ପର ରିତୁପର୍ଣ୍ଣା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ୧ ଗିରଫ

**ଜୟପୁର,୨୨।୫(ସଂଚାର ବ୍ୟୁରୋ):** ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢ଼ାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ହାଡିଆ ଗ୍ରାମର ସମନାଥ କେଉଟ। ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ଆଜି ହାଡିଆ ରାସ୍ତାରେ ଚଢ଼ାଉ କରିଛି। ଚଢ଼ାଉ କରି ୩୦ ଲିଟର ଦେଶି ମଦ ଜବତ କରିଛି। ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି।

## ମଦ ଦୋକାନକୁ ସ୍ଥାନାନ୍ତର ପାଇଁ ଦାବି

**ଧାମନଗର,୨୨।୫(ସଂଚାର ବ୍ୟୁରୋ):** ଧାମନଗର ସହର ଅନ୍ତର୍ଗତ ସଦର ମହକୁମା ତଥା ବଡ଼ ବଜାର ଛକ ନିକଟସ୍ଥରେ ଅଛି ମସଜିଦ ଏବଂ ମଦ୍ରାସା ଆଉ ଗୋଟେ ପଟରେ ଶିବ ମନ୍ଦିର ସାଙ୍ଗକୁ ସାପ୍ତାହିକ ପରିବା ହାଟ ରହିଛି। ଜନଗହଳି ସ୍ଥାନରେ ସରକାରୀ ବାର ଓ ବିଦେଶୀ ମଦ ବେପାରୀ ଏବଂ ଅବକାରୀ ବିଭାଗରର ମଧୁ ଚନ୍ଦ୍ରିକାରେ ଖୁଲମଖୁଲା ଦିନ ଦ୍ୱିପହରର ଏବଂ ସର୍ବ ସାଧାରଣ ସ୍ଥାନରେ ମଦ ବିକ୍ରିକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦ୍ୱାରା ଧାମନଗରର ବିଭିନ୍ନ ଅଞ୍ଚଳରେ ଏବେ ପରିସ୍ଥିତି ଅଶାନ୍ତ ହେବାରେ ଲାଗିଛି। ଯଦ୍ୱାରା ଝିଅ-ବୋହୂ, ପିଲାଛୁଆ, ସ୍କୁଲ ଓ କଲେଜରେ ପଢ଼ିବା ପାଇଁ ଯାଉଥିବା କୋମଳମତୀ ପିଲା ଓ ଛାତ୍ରଛାତ୍ରୀ ଆଦି ରାସ୍ତାରେ ଯିବାକୁ ଆଉ ସୁରକ୍ଷିତ ମଣୁ ନାହାଁନ୍ତି। ସେହିପରି ଧାମନଗର-ଚୁଡ଼ାକୁଟି ମୁଖ୍ୟ ରାସ୍ତାର ରାପିତା ଠାରେ ଥିବା ସରକାରୀ ବାର ଓ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଜନସାଧାରଣ ଗଣମାଧ୍ୟମ ଆଗରେ ଅଭିଯୋଗ ସହିତ ଦାବି କରିଛନ୍ତି। ଧାମନଗର ହେଉଛି ସମ୍ବେଦନଶୀଳ ଅଞ୍ଚଳ ଏଥିସହିତ ଜନବସତି, ମନ୍ଦିର ଏବଂ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତା କଡ଼ରେ ଥିବା ଏହି ଦୁଇଟି ମଦ ଦୋକାନ ଯୋଗୁଁ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇବା ସହିତ ପ୍ରତିଦିନ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଦୁର୍ଘଟଣା ସଂଖ୍ୟା ଏବଂ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ସରକାରୀ ସ୍ତରରେ ନିୟମ ଅନୁଯାୟୀ ତୁରନ୍ତ ମଦ ଦୋକାନକୁ ଅନ୍ୟତ୍ର ତଥା ଫାଙ୍କା ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଉଭୟ କମ୍ୟୁନିଟି ଜନସାଧାରଣ, ବୁଦ୍ଧିଜୀବୀ ମହଲରୁ ଜୋରଦାର ଦାବି ହେଉଛି।

## ଟ୍ରକ୍ ତଳେ ସ୍କୁଟି ଆରୋହୀ ବର୍ତ୍ତିଗଲେ



**ବୈଶିଙ୍ଗା,୨୨।୫(ସଂଚାର ବ୍ୟୁରୋ):** ଶୁକ୍ରବାର ଦିବା ୧୨ ଘଟିକା ସମୟରେ ୧୮ନଂ ଜାତୀୟ ରାଜପଥର ଆଗ୍ରିଆ ଛକ ନିକଟରେ ଏକ ଆଳୁ ବୋଝେଇ ଟ୍ରକ ଡବ୍ଲୁବି ୩୩ ବି ୧୧୦୦ ପଶ୍ଚିମବଙ୍ଗରୁ ଆସି ଆଗ୍ରିଆ ଓଭର ବ୍ରୀଜ୍ ରୁ ଓହ୍ଲାଇ ନଡପୁର ଯିବା ପାଇଁ ଯାଉଥିବା ବେଳେ ପାର୍ଶ୍ୱ ରାସ୍ତାରୁ ଏକ ସ୍କୁଟି ଆରୋହୀ ଅନ୍ୟମନସ୍କ ଭାବେ ଟ୍ରକ୍ ଭିତରକୁ ଗଳି ଯାଇଥିଲା। ମାତ୍ର ଭାଗ୍ୟ ବସତଃ ସ୍କୁଟି ଆରୋହୀ ବଞ୍ଚି ଯାଇଥିବାର ଜଣା ଯାଇଛି। ଖବର ପାଇ ବୈଶିଙ୍ଗା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ ଏବଂ ସ୍କୁଟି ଟିକୁ ଜବତ କରି ଥାନାକୁ ନେଇ ଆସିଛନ୍ତି। ସନ୍ଧ୍ୟା ସୁଦ୍ଧା କୌଣସି ଏତଲା ହୋଇନଥିବା ଜଣାଯାଇଛି।

# ବର୍ଷାରେ ଧୋଇଗଲା ଷ୍ଟାଡିୟମ ମାଟି: ସ୍ଥାୟିତ୍ୱ ନେଇ ଆଶଙ୍କା



**ଲାଠୋର,୨୨।୫(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମରେ ଏକ ମିନି ଷ୍ଟାଡିୟମ ନିର୍ମାଣ ହୋଇ ନିକଟରେ ଉଦ୍‌ଘାଟିତ ହୋଇଛି। ତେବେ ଏହି ଅଞ୍ଚଳରେ ଗତ ୧୩ ତାରିଖରେ ହୋଇଥିବା କାଳବୈଶାଖୀ ବର୍ଷାରେ ଷ୍ଟାଡିୟମର କେତେକ ଜାଗାରୁ ମାଟି ଧୋଇ ହୋଇଯାଇଛି । ଫଳରେ ଷ୍ଟାଡିୟମର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଜୟ ମା' ବସ୍ରେନ କ୍ରିକେଟ କ୍ଲବ ଓ କ୍ରୀଡାପ୍ରେମୀ ପ୍ରଶ୍ନ ଉଠାଇଛନ୍ତି । ପ୍ରକାଶ ଯେ, ଲାଠୋର ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ଖେଳପଡ଼ିଆ ଥିଲା । ଉକ୍ତ ଖେଳ ପଡ଼ିଆରେ ଗ୍ରାମର ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଆୟୋଜନ ସହ ଫୁଟବଲ ଏବଂ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଥିଲା । ଏପରି କି ଆନ୍ତଃରାଜ୍ୟ ଏବଂ ଡେ-ନାଇଟ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜନ ମଧ୍ୟ ହେଉଥିଲା । ଖେଳପଡ଼ିଆର ଅବସ୍ଥା ଶୋଚନୀୟ ଯୋଗୁ ନା ନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ତେବେ ଏହି ଖେଳପଡ଼ିଆରେ ଏକ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଦୀର୍ଘବର୍ଷ ଧରି କ୍ରିକେଟ କ୍ଲବ ଦାବି କରି ଆସୁଥିଲା । ଦାବି ଅନୁସାରେ ଏଠାରେ ମିନି ଷ୍ଟାଡିୟମ ନିର୍ମାଣ କରାଯାଇଥିଲା । ହେଲେ ଏହାର କାମ ସମ୍ପୂର୍ଣ୍ଣ ହୋଇନାହିଁ । ଦୁଇ ଗୋଟି ଗ୍ୟାଲେରି ନିର୍ମାଣ କରାଯାଇଛି । ହେଲେ ଗୋଟିଏ ଗ୍ୟାଲେରି ପଛ ପଟେ ବାଲି ଜାଗାରେ ମାଟି ଭରା ଯାଇଥିବା ବେଳେ ଆଉ ଗୋଟିଏ ଗ୍ୟାଲେରିରେ ମାଟି କିମ୍ବା ବାଲି କିଛି ଭରା ଯାଇନାହିଁ ବୋଲି କ୍ରିକେଟ କ୍ଲବ କହିଛି । ଘଟଣାର ତଦନ୍ତ କରି ବାକି ଥିବା କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କ୍ରିକେଟ କ୍ଲବ ଦାବି କରିଛି ।

## ଚମ୍ପୁଆ ବ୍ଲକରେ କୃଷକ ପଞ୍ଜିକରଣ ଶିବିର

**ଚମ୍ପୁଆ,୨୨।୫(ସଂଚାର ବ୍ୟୁରୋ):** ବ୍ଲକରେ କୃଷି ବିଭାଗ ପକ୍ଷରୁ ପଞ୍ଜିକରଣ ଶିବିର ଆୟୋଜନ କରାଯାଉଅଛି। ବ୍ଲକର ୨୨ ଗୋଟି ଗ୍ରାମ ପଞ୍ଚାୟତରେ ବିଭିନ୍ନ ଦଫାରେ ବିଭାଗୀୟ କର୍ମକର୍ତାଙ୍କ ଜରିଆରେ ଏହି ଶିବିର ଅନୁଷ୍ଠିତ ହେଉଅଛି। ୧୩୭ ଗୋଟି ଗ୍ରାମର ପ୍ରାୟ ୬୪୫୨ ଜଣ ଚାଷୀଙ୍କର ପଞ୍ଜିକରଣ କରାଯାଇଛି। ଗ୍ରାମପଞ୍ଚାୟତ ସ୍ତରରେ କୃଷି ବିଭାଗ କାର୍ଯ୍ୟକର୍ତ୍ତା ଏଓ, ଗ୍ରାମ୍ୟ କୃଷିକର୍ମଚାରୀ ପ୍ରତ୍ୟେକ ଗ୍ରାମକୁ ଯାଇ ଏହି ପଞ୍ଜିକରଣ କାର୍ଯ୍ୟରେ ସାମିଲ ହେଉଛନ୍ତି। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା, ସହକାରୀ ବ୍ଲକ କୃଷି ଅଧିକାରୀ ରମାମଣୀ ସାହୁ, କୃଷି ଅଧିଦର୍ଶକ ଚିତ୍ତରଞ୍ଜନ ସାହୁ, କ୍ଷୀରୋଦିନୀ କିଷାନ, ଅଜିତ ସେଠୀ, ମନସ୍ୱିନୀ ବେହେରା, ଜାମିନୀ ନାଏକ, ପଦ୍ମିନୀ ନାଏକ ପ୍ରମୁଖ କାର୍ଯ୍ୟକର୍ତ୍ତା ଗାଁକୁ ଗାଁ ବୁଲି ଏହି ପଞ୍ଜିକରଣ କାର୍ଯ୍ୟକ୍ରମ ସମ୍ପାଦନ କରୁଛନ୍ତି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ କୃଷି ଓ କୃଷକଙ୍କର ବିକାଶ ନିମନ୍ତେ ଯେଉଁ ଯୋଜନା ପ୍ରଣୟନ କରିଛନ୍ତି। ସେହି ଯୋଜନା ଗୁଡିକ କିପରି ଲୋକଙ୍କ ନିକଟରେ ପହଞ୍ଚିବ ତାହା ଏହି ଯୋଜନାର ପ୍ରାର୍ଥମିକତା। ଏତଦ୍ ବ୍ୟତୀତ ଲୋକମାନଙ୍କର ଏକ ତଥ୍ୟାବଳୀ ଆଧାର ଓ ଜମିଜମା ମାଲିକାନାର ସଠିକ ତଥ୍ୟ ସଂଗୃହିତ କରାଯାଇ ଏକକ କୃଷକ ପରିଚୟ ସଂଖ୍ୟା ପ୍ରଦାନ କରାଯିବ। ଏହା ସଠିକ ଭାବରେ ଯୋଗ୍ୟ ହିତାଧିକାରୀ ଚୟନରେ ସାହାଯ୍ୟ କରିବ। ଚାଷୀମାନେ ପି.ଏମ. କିଷାନ, ସି.ଏମ କିଷାନ ଆଦି ଯୋଜନାରେ ହିତାଧିକାରୀ ଚୟନ କିଷାନ କ୍ରେଡିଟ କାର୍ଡର ବ୍ୟବହାର ସାରକ୍ରୟ ଆଦି ଯୋଜନାର ଲାଭ ସିଧା ସଳଖ ଚାଷୀ ପାଇପାରିବେ।

## ପାଣି ପାଇଁ ଉହଳ ବିକଳ କାଶୀପାଳ ଗ୍ରାମବାସୀ



**ଚମ୍ପୁଆ,୨୨।୫(ସଂଚାର ବ୍ୟୁରୋ):** ବିଭାଗୀୟ କର୍ମଚାରୀ ଏବଂ ଅଧିକାରୀମାନଙ୍କ ଅବହେଳା ପାଇଁ ପାନୀୟ ଜଳ ଯୋଗାଣ ଏକ ପ୍ରହସନରେ ପରିଣତ ହୋଇଛି। ପ୍ରତ୍ୟେକ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତିପଞ୍ଚାୟତରେ ବସୁଧା ପାଣି ଟାଙ୍କି ନିର୍ମାଣ କରିଥିଲେ ମଧ୍ୟ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳ ଟୋପାଏ ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ। ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଶୀପାଳ ପଞ୍ଚାୟତ କାଶୀପାଳ ଗ୍ରାମର ନୂଆସାହି, ଶଙ୍ଖାସାହି ଓ ବଣସାହିରେ। ଏହି ତିନୋଟି ସାହିରେ ଥିବା ଶତାଧିକ ପରିବାରକୁ ଗୁଲୁଦୀପସୀ ଗ୍ରାମରେ ଥିବା ପାଣିଟାଙ୍କିରୁ ପାଣି ଯୋଗାଣ ନିମନ୍ତେ ପାଇପ ସଂଯୋଗ ହୋଇଛି। ପାଇପ ସଂଯୋଗ ହେବା ପରେ କିଛି ଦିନ ପାଣି ମଧ୍ୟ ଠିକଠାକ ଚାଲିଥିଲା। କିନ୍ତୁ ଗତ ପ୍ରାୟ ୭ମାସରୁ ଊର୍ଦ୍ଧ୍ୱ ହେବ ପାଣି ଯୋଗାଣ ସମ୍ପୂର୍ଣ୍ଣ ଭାବେ ଠପ ହୋଇ ଯିବାରୁ ଟୋପାଏ ପିଇବା ପାଣି ପାଇଁ ଉହଳ ବିକଳ ହେଉଛନ୍ତି ସାହି ବାସିନ୍ଦା। ପାଣି ସଂଯୋଗ ବିଚ୍ଛିନ୍ନ ହେବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ କର୍ମଚାରୀ କିମ୍ବା ଅଧିକାରୀ କେହି ଗୁରୁତ୍ୱ ଦେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପାଣି ଯୋଗାଣ ବନ୍ଦ ହେବା ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତିନି ସାହି ବାସୀନ୍ଦା। ଏହି ନୂଆସାହିରେ ପ୍ରାୟ ୧୦୦ପରିବାର, ଶଙ୍ଖାସାହିରେ ୬୦ପରିବାର ଓ ବଣସାହିରେ ପ୍ରାୟ ୧୦ପରିବାର ପାଣି ଯୋଗାଣରୁ ବଞ୍ଚିତ ହେବା ଫଳରେ ପିଇବା ପାଣି ଟୋପାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସାହିର ପାଣି ସମସ୍ୟା ଦୂର କରିବାକୁ ଦାବୀ ହେଉଛି।